

ବିକ୍ରି ପାଇଁ ନୁହେଁ ଗ୍ରୀନ୍‌ଲାଣ୍ଡ
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 108 ଭାଗ ୩୪ | ସଂଖ୍ୟା ୧୦୮ | Thursday 9 July 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୯ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


● ଆଜି ଖୋଲିବ ହୀରାକୁଦ ଗେଟ୍, ନିଷ୍କାସିତ ହେବ ପ୍ରଥମ ବନ୍ୟା ଜଳ

## ଜଳ ପରିଚାଳନାର ତଥ୍ୟ ଦେଉନି ଛତିଶଗଡ଼

● ଜଳ ନିଷ୍କାସନ ପୂର୍ବରୁ ଛତିଶଗଡ଼ ସହ ବୈଠକ

● ଉପରମୁଣ୍ଡରେ ଥିବା ବ୍ୟାରେଜ ତଥ୍ୟ ମାଗିଲା ଓଡ଼ିଶା



**ସମ୍ବଲପୁର,୮।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ହୀରାକୁଦରୁ ନିଷ୍କାସିତ ହେବ ପ୍ରଥମ ବନ୍ୟା ଜଳ। ଦିନ ୧୧ଟାରେ ୪ଟି ଗେଟ୍ ଖୋଲାଯିବ। ପରବର୍ତ୍ତୀ ସମୟରେ ଅଧିକ ଗେଟ୍ ଖୋଲି ୧ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ପାଣି ଛଡ଼ାଯିବ। ତେବେ ଜଳ ଛଡ଼ାଯିବା ପୂର୍ବରୁ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶା ଓ ଛତିଶଗଡ଼ ଅଧିକାରୀଙ୍କ ମଧ୍ୟରେ ହୋଇଛି ବଡ଼ ବୈଠକ। ବୈଠକରୁ ଛତିଶଗଡ଼ ସରକାର ଜଳନିଷ୍କାସନର ସଠିକ୍ ତଥ୍ୟ ପ୍ରଦାନ କରୁ ନ ଥିବା ଜଣାପଡ଼ିଛି।

ହୀରାକୁଦର ଜଳଭଣ୍ଡାରରର ଜଳସ୍ତର ୬୧୧ ଫୁଟ୍ ଟପିବା ପରେ ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି। କାଲି ପ୍ରଥମେ ୪ଟି ଗେଟ୍ ଖୋଲି ବନ୍ୟାଜଳ ଛଡ଼ାଯିବ। ପାଣି ଛଡ଼ାଯିବା ପରେ ମହାନଦୀର ତଳମୁଣ୍ଡରେ ଜଳପ୍ରବାହ ବଢ଼ିବ। ୧୦ରୁ ଅଧିକ ଜିଲ୍ଲା ଦେଇ ମହାନଦୀ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳର ଲୋକଙ୍କୁ ପ୍ରଶାସନ ସତର୍କ କରିଛି। ବର୍ତ୍ତମାନ ହୀରାକୁଦରେ ୬୧୧.୨୩ ଫୁଟ୍ ଜଳ ଅଛି। ହୀରାକୁଦକୁ ୨ ଲକ୍ଷ ୬୨ହଜାର କ୍ୟୁସେକ୍ ପାଣି ଇନ୍‌ଫ୍ଲୋ ହେଉଛି। ଗତ ରାତିରେ ମୁଣ୍ଡଳୀରେ ୫ ଲକ୍ଷ ୫୪ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିଲା। ଏବେ ୪ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ତେଣୁ ତଳ ମୁଣ୍ଡରେ ବନ୍ୟା ସମ୍ଭାବନା ନ ଥିବା ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ହୀରାକୁଦରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ ପୂର୍ବରୁ ଦୁଇ

➪ପୃଷ୍ଠା-୬

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଅଗ୍ରଗତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଯୋଗାଅ



● ଜିଲ୍ଲାପାଳମାନେ ଦେବେ ସାପ୍ତାହିକ ରିପୋର୍ଟ
● ପ୍ରତି ମାସରେ ମୁଖ୍ୟମନ୍ତ୍ରୀ କରିବେ ସମୀକ୍ଷା

**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପକୁ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଛି, ସେହି ସମସ୍ତ ବିଦ୍ୟାଳୟ ପାଇଁ ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ଏହାର ତଦାରଖ କରିବେ ଏବଂ ଏକ ସାପ୍ତାହିକ ରିପୋର୍ଟ ପ୍ରସ୍ତୁତ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ। ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପ୍ରାୟ ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଛନ୍ତି।

ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି- ୨୦୨୦ ଓ ଶିକ୍ଷା ଅଧିକାର-୨୦୦୯ର ଲକ୍ଷ୍ୟ ପୂରଣ

➪ପୃଷ୍ଠା-୬

ମତ୍ସ୍ୟଚାଷ ଓ ଜଳଜୀବ ପାଳନ ବିକାଶ ଯୋଜନାର ସମୀକ୍ଷା

## ବିଦେଶକୁ ଯିବ ଗାଁ ମାଛ

● ରାଜ୍ୟର ମାଛ ଉତ୍ପାଦନକୁ କେନ୍ଦ୍ରର ପ୍ରଶଂସା




**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଓଡ଼ିଶାରେ ମତ୍ସ୍ୟ ଓ ଜଳଜୀବ ପାଳନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଅଧକ୍ଷତା କରିଥିବା ବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ବୈଠକ ଅବସରରେ କେନ୍ଦ୍ର ମତ୍ସ୍ୟ ଓ ପଶୁପାଳ ମନ୍ତ୍ରୀ ଓଡ଼ିଶାକୁ ପ୍ରଶଂସା କରି କହିଛନ୍ତି ଯେ ବିବିଧ ପ୍ରକାରର ମଧୁର ଜଳ, ଲୁଣା ଜଳ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ନେଇ ରାଜ୍ୟ ଏକ ପ୍ରମୁଖ ମତ୍ସ୍ୟପାଳନ କେନ୍ଦ୍ର ଭାବେ ଉଭା ହୋଇଛି। ରାଜ୍ୟରେ ୨୦୨୫-୨୬ ବର୍ଷରେ ୧୨.୭୦ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି। ଏହି କ୍ଷେତ୍ର ପ୍ରାୟ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଜୀବିକା ଯୋଗାଇ ଦେଉଛି ଓ ଏହାଦ୍ୱାରା ୫,୪୨୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ସମ୍ଭବ ହୋଇପାରିଛି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଓଡ଼ିଶାକୁ ବ୍ୟାପକ ସହାୟତା ମିଳିଛି। ଏଥିରେ ୧,୩୦୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ମାଛ ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ଅମଳ ପରବର୍ତ୍ତୀ ସୁବିଧା ସୁଯୋଗ କ୍ଷେତ୍ରକୁ ସାମିଲ କରୁଛି।

କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କୁ ମତ୍ସ୍ୟପାଳନର ମୂଲ୍ୟଶୃଙ୍ଖଳକୁ ଅଧିକ ମଜବୁତ କରିବାକୁ ଏବଂ ମତ୍ସ୍ୟଜୀବୀ, ମାଛ ଚାଷୀ, ରପ୍ତାନିକାରୀ, ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି

➪ପୃଷ୍ଠା-୬

ପିଏମ-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ସହ ଯୋଡ଼ାଯିବ

## ସ୍ୱଳ୍ପ ଆୟକାରୀଙ୍କୁ ମିଳିବ ସୁଲଭ ବିଦ୍ୟୁତ୍

ହିତାଧିକାରୀଙ୍କୁ ଦେବାକୁ ହେବ ମାତ୍ର ୧୮୭୫ ଟଙ୍କା



**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ପାଇଁ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆଜି ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି

➪ପୃଷ୍ଠା-୬

## ବିଦ୍ୟୁତ୍ ଆଘାତରେ ପରିବାର ନିଶ୍ଚିହ୍ନ

**ନୂଆଦିଲ୍ଲୀ, ୮।୭:** ମହାରାଷ୍ଟ୍ରର ସତାରା ଜିଲ୍ଲାର ଫଲଟନ ତାଲୁକାର ଖାମଗାଁରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ଫଳତଃ ବିଦ୍ୟୁତ୍ ଆଘାତରେ ଗୋଟିଏ ପରିବାର ପୂରାପୂରି ନିଶ୍ଚିହ୍ନ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଦମ୍ପତି ଓ ସେମାନଙ୍କର ଦୁଇ ସନ୍ତାନ ରହିଛନ୍ତି। ସୂଚନାନୁଯାୟୀ, ଘର ସାମ୍ନାରେ ପଡ଼ିଥିବା ବିଦ୍ୟୁତ୍ କେବୁଲକୁ ଛୁଇଁବାରୁ ଏହି ଦୁର୍ଘଟଣା ଘଟିଛି। ପ୍ରଥମେ ଜଣେ ବିଦ୍ୟୁତ୍

➪ପୃଷ୍ଠା-୬



### କାନ ଡେରିଆ

ନିଜ ଖୁସି ପାଇଁ ବିଦେଶ
ବୁଲିଲେ
ଗେଣ୍ଡା ଓକିଲାତି କରୁଛି
ସାଇ ସେବା ନାମେ ସେବା
କରିଦେଲେ
ପ୍ରଚାର ଜୋର ସେ ହେଉଛି
କହିଲେ କହିବ କହୁଛି...
ଭେନଜୁଆଲା ନେତା
ପଣବନ୍ଦୀ ସେଠି
ଯାଙ୍କୁ କିଏ କାଳେ ଡାକିଛି ।

■ ଦେବାଶିଷ

ଆଜି ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

## ସଶକ୍ତ ହେବେ ମତ୍ସ୍ୟଜୀବୀ



■ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ
■ ମତ୍ସ୍ୟଜୀବୀଙ୍କୁ ଦେବେ ପ୍ରାଧିକରଣ ପତ୍ର
■ ଏଣିକି ୩୭୦ କିମି ପର୍ଯ୍ୟନ୍ତ ମାଛ ଧରିପାରିବେ ମତ୍ସ୍ୟଜୀବୀ
■ ଆନ୍ତର୍ଜାତିକ ସମୁଦ୍ରରେ ମାଛ ଧରିପାରିବେ ପ୍ରାଧିକରଣ ପତ୍ରପ୍ରାପ୍ତ ମତ୍ସ୍ୟଚାଷୀ

**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି (ଗୁରୁବାର) ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ। କେନ୍ଦ୍ର ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ସାଧାରଣତଃ ସମୁଦ୍ର କୂଳରୁ ୨୩ କିମି ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଥାଏ। 'ଓଡ଼ିଶା ଗଭୀର ସମୁଦ୍ର

➪ପୃଷ୍ଠା-୬

## 'ପିନାକ'ର ସଫଳ ପରୀକ୍ଷଣ



**ବାଲେଶ୍ୱର,୮।୭(ସଂଚାର ବ୍ୟୁରୋ):** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ବୁଧବାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ 'ପିନାକ ଲଙ୍ଗ୍ ରେଞ୍ଜ୍ ଗାଇଡେଡ୍ ରକେଟ୍'ର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ସମୟରେ ରକେଟ୍‌ଟି ଆକାଶରେ ସମସ୍ତ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବା ସହ ୬୦ କିଲୋମିଟର ଦୂରରେ ଥିବା ଲକ୍ଷ୍ୟସ୍ଥଳକୁ ଅତି ସଠିକ୍ ଭାବେ

➪ପୃଷ୍ଠା-୬

ଓଡ଼ିଶା ଜନବିଶ୍ୱାସ ଅଧିନିୟମରେ ଆସିବ ସଂଶୋଧନ

## ସହଜ ହେବ ଇଜ୍ ଅଫ୍ ଡୁଇଂ ବିଜନେସ




● ଭୁଲ୍‌ବଶତଃ ତ୍ରୁଟି ପାଇଁ ଆଉ ହେବନି ଜେଲଦଣ୍ଡ

● ଶିଳ୍ପ ପାଇଁ ସରଳ ହେବ ଅନୁମତି ଓ ଏନଓସି ପ୍ରକ୍ରିୟା

**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଶିଳ୍ପ ଓ ବ୍ୟବସାୟ ଅନୁକୂଳ ପରିବେଶ ପାଇଁ 'ଇଜ୍ ଅଫ ଡୁଇଙ୍ଗ୍ ବିଜିନେସ' ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ସରକାର ବ୍ୟାପକ ଆଇନଗତ ସଂସ୍କାର ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ଓଡ଼ିଶା ଜନ ବିଶ୍ୱାସ ଅଧିନିୟମ-୨୦୨୫'ରେ ସଂଶୋଧନ ଆଣିବାକୁ ଜନବିଶ୍ୱାସ ବିଲ୍-୨୦୨୬ର ରୂପରେଖକୁ ଚୂଡ଼ାନ୍ତ କରାଯାଇଛି। ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ସଂଶୋଧିତ ପ୍ରସ୍ତାବ ଉପରେ ବିଚାରବିମର୍ଶ ହୋଇଛି।

ପ୍ରଶାସନିକ ନିୟମର ଜଟିଳତା ଓ ଲାଲଫିତା ପ୍ରଥାକୁ ହଟାଇବା ସହ ଶିଳ୍ପଦ୍ୟୋଗୀମାନଙ୍କୁ ସାଧାରଣ ବୈଷୟିକ ବା ପ୍ରକ୍ରିୟାଗତ ତ୍ରୁଟି ପାଇଁ ପ୍ରଚଳିତ କଠୋର ଅପରାଧିକ ଦଣ୍ଡବିଧାନ (ଜେଲଦଣ୍ଡ)ରୁ ମୁକ୍ତି ଦିଆଯିବ। ଯାହାକି ରାଜ୍ୟରେ ବ୍ୟବସାୟୀ ଓ ଉଦ୍ୟୋଗୀଙ୍କ ପାଇଁ ଆଶ୍ୱସ୍ତିକର ହେବା ସହ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଜଣାପଡ଼ିଛି। ୨୦୨୫ ମସିହାର ମୂଳ ଆଇନ- ଜନବିଶ୍ୱାସ ଆଇନ-୨୦୨୫ ଅଧୀନରେ ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ୧୬ଟି ଆଇନରେ ସଂଶୋଧନ କରି କେତେକ ଛୋଟ ଧରଣର ତ୍ରୁଟିକୁ ଅପରାଧମୁକ୍ତ କରିଥିଲେ। ଏବେ ପୁଣିଥରେ ସେହି ଆଇନରେ ସଂଶୋଧନ ମାଧ୍ୟମରେ

➪ପୃଷ୍ଠା-୬

## ଚୀନରେ ବନ୍ୟା ଓ ଭୂସ୍ଖଳନ:୨୦ ମୃତ

**ବେଜିଂ,୮।୭:** ଚୀନ୍‌ରେ ଗତ ୨୪ ଘଣ୍ଟାରେ ଝଡ଼ବର୍ଷା, ବନ୍ୟା ଓ ଭୂସ୍ଖଳନ କାରଣରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୩୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରାଷ୍ଟ୍ରପତି ସି ଜିନପିଙ୍ଗ୍ ଜରୁରୀକାଳୀନଭିତ୍ତିରେ ଉଦ୍ଧାର କାର୍ଯ୍ୟ, ବିପର୍ଯ୍ୟୟ ମୁକାବିଲା ଓ ଆହତଙ୍କ ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଅନୁସାରେ, ମଙ୍ଗଳବାର ଉତ୍ତର ପଶ୍ଚିମ ଚୀନ୍‌ରେ ଗାନ୍ସୁ ପ୍ରଦେଶର ଏକ ସହରରେ ଭୂସ୍ଖଳନ ଯୋଗୁ ୩୩ ଜଣ ମାଟି ତଳେ ପୋତି ହୋଇଯାଇଥିଲେ। ସେମାନଙ୍କ ମାନଙ୍କ ମଧ୍ୟରୁ ୫ ଜଣଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା। ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

ବାରୁଇପୁର ଦୁଷ୍କର୍ମ ମାମଲା



## ମୁଖ୍ୟ ଅଭିଯୁକ୍ତକୁ ଏନ୍‌କାଉଣ୍ଟର

**କୋଲକାତା,୮।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ରାତିରେ ବାରୁଇପୁରରେ ଜଣେ ନାବାଳିକାକୁ ଗଣବଳାତ୍କାର ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳର ପୁଲିସ ଗୁଳିରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ନିତ୍ୟାନନ୍ଦପୁରର ବିଜେପି ନେତା ଓ କର୍ମୀମାନେ ବାଙ୍କୁଡା ଜିଲ୍ଲାର ସୋନାମୁଖୀ ବିଧାନସଭା ନିର୍ବାଚନମଣ୍ଡଳୀର ନିତ୍ୟାନନ୍ଦପୁର ମିନି ମାର୍କେଟରେ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ପଥଚାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମିଠା ବଣ୍ଟନ କରିଛନ୍ତି। ପୁଲିସ ସୂତ୍ର ଅନୁଯାୟୀ, ପୁଲିସ ଅଧିକାରୀମାନେ ମଙ୍ଗଳବାର ରାତିରେ ଚଢ଼ାଉ ବେଳେ ଅଭିଯୁକ୍ତ ଜଣେ ପୁଲିସ ଅଧିକାରୀଙ୍କଠାରୁ ବନ୍ଧୁକ ଛଡ଼ାଇ ଗୁଳି ଚଳାଇଥିଲେ। ପୁଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇବା ଫଳରେ ପ୍ରଭାସ ମଣ୍ଡଳ ଦେହରେ ଗୁଳି ଲାଗିଥିଲା। ତାକୁ ତୁରନ୍ତ ବାରୁଇପୁର ମହକୁମା ଡାକ୍ତରଖାନାକୁ ନିଆଯାଇଥିଲା।

## ଭାଙ୍ଗିଗଲା ଘର, ବିଦା ହେଲେ ଅଫିସର




ପ୍ରେମ ଯେ କେତେ ଭୟଙ୍କର ହୋଇପାରେ? କେତେବେଳେ ଉଜୁଡି ଯାଉଥିବା ଘରକୁ ସଜାଡ଼ି ଦିଏ ତ ପୁଣି କେତେବେଳେ ସୁନ୍ଦର ସଂସାରରେ ଝଡ଼ ସୃଷ୍ଟି କରେ। କମିଶନରେଟ ପୁଲିସ ଅଧୀନରେ ଆଇଆଇସି ଭାବେ କାମ କରୁଥିବା ସ୍ୱାମୀ-ସ୍ତ୍ରୀଙ୍କ ଅବସ୍ଥା ଏବେ ଠିକ୍ ସେମିତି। ଦୁହେଁ ଭୁବନେଶ୍ୱର ୟୁପିଡିରେ କାମ କରୁଥିଲେ। ପ୍ରେମ ବିବାହ ମଧ କରିଥିଲେ। କିନ୍ତୁ ଜଣେ ଚନ୍ଦା ଅଫିସର୍‌ଙ୍କ ପାଇଁ ଦୁହିଁଙ୍କ ବୈବାହିକ ଜୀବନରେ ଆସିଥିଲା ଝଡ଼। ଅତିରିକ୍ତ ଡିସିପି ଭାବେ କାମ କରୁଥିବା ଏହି ଅଫିସର ଓ ମହିଳା ଆଇଆଇସିଙ୍କ ପ୍ରେମ ସମ୍ପର୍କକୁ ନେଇ ପଡ଼ିଲା ଉଠିଲା ପୁଲିସ ବିଭାଗ। ଫଳତଃ ମହିଳା ଆଇଆଇସିଙ୍କ ସ୍ୱାମୀ ଡିସିପିଙ୍କ ଦ୍ୱାରସ୍ଥ ହେଲେ। ସେପଟେ ଅତିରିକ୍ତ ଡିସିପିଙ୍କ ସ୍ତ୍ରୀ ମଧ ନିଜ ଦୁଃଖ କଥା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ। ଯାହା ପରେ ଡିସିପି ସମସ୍ତ ଘଟଣା ହୃଦୟଙ୍ଗମ କରି ଉଭୟଙ୍କୁ ତାଗିଦ କଲେ। ଅତିରିକ୍ତ ଡିସିପିଙ୍କୁ ବଦଳି ବି କରାଇଲେ। ଆଉ ତା'ପରେ ପରିସ୍ଥିତି ସୁଧୁରିବା ବଦଳରେ ବେଶୀ ବିଗିଡ଼ିବାରୁ ଆଇଆଇସି ସ୍ୱାମୀ-ସ୍ତ୍ରୀଙ୍କୁ କରାଯାଇଛି ଜିଲ୍ଲା ବାହାରକୁ ବଦଳି। ଜଣଙ୍କୁ କେନ୍ଦ୍ରାପଡା ବଦଳି କରାଯାଇଥିବା ବେଳେ ଆଉ ଜଣଙ୍କୁ ସିଧା ବରଗଡ଼। ଏ କଥାକୁ ନେଇ କମିଶନରେଟ ପୁଲିସ ଗ୍ରୁପ ଭିତରେ ଏବେ ଗୋଟାଏ ଚର୍ଚ୍ଚା, 'ଦିଲ୍ଲୀ କା ଲଡ୍ଡୁ, ଜୋ ଖାୟା ପଛ୍‌ତାୟା, ଜୋ ନା ଖାୟା ୱହ ଭି ପଛ୍‌ତାୟା'।

ନିମ୍ନ ମାନର ଖାଦ୍ୟ ପରଷୁଛି ମିଶନ ଶକ୍ତି କାଫେ !

## ଗଣ୍ଡା ଗଣ୍ଡା ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ

● ଏସ୍‌ଏଚଜି ଗୋଷ୍ଠୀ ନାଁରେ କାଫେ, ହେଲେ ମହିଳା ନାହାନ୍ତି

● କାଫେ ପାଲଟିଛି ରେଷ୍ଟୁରାଣ୍ଟ




**ରସୁଲପୁର,୮।୭(ସଂଚାର ବ୍ୟୁରୋ):** ମିଶନ ଶକ୍ତି କାଫେ ହେଉଛି ଓଡ଼ିଶା ସରକାରଙ୍କ ଏକ ଅଭିନବ ପଦକ୍ଷେପ, ଯାହାଦ୍ୱାରା ମିଶନ ଶକ୍ତି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ପୂର୍ବ ସରକାର ସମୟରୁ ଏହା ଚାଲିଥିବା ବେଳେ ରାଜ୍ୟରେ ଲକ୍ଷ ଲକ୍ଷ ମହିଳା ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି।ଏହି କାଫେଗୁଡ଼ିକରେ ସ୍ଥାନୀୟ ଓ ପାରମ୍ପରିକ ଖାଦ୍ୟ ସହ ସ୍ୱାସ୍ଥ୍ୟକର ମିଲେଟ୍ (ବାଜରା) ଜାତୀୟ ଖାଦ୍ୟ ତିଆରି କରିବାକୁ ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି। ଏହି କାଫେଗୁଡ଼ିକ ପ୍ରମୁଖ ସରକାରୀ କାର୍ଯ୍ୟାଳୟ ପରିସର ଓ ସହରର ବିଭିନ୍ନ ଭିଡ଼ ସ୍ଥାନରେ ଖୋଲାଯିବାର ନିୟମ ମଧ ରହିଛି। ଯେପରିକି ବ୍ଲକ କାର୍ଯ୍ୟାଳୟ ଓ ପର୍ଯ୍ୟଟନସ୍ଥଳୀ। ମହିଳାମାନେ ନିଜେ ଏହି କାଫେର ପରିଚାଳନା କରି ଆୟ ବୃଦ୍ଧି କରିବା ସହ ମହିଳାମାନଙ୍କୁ ରୋଜଗାରର ବାଟ ଦେଖାଇବା ଏବଂ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ଥିଲା।

ତେବେ ଏଥିରେ ଆଜି ବ୍ୟତିକ୍ରମ ଦେଖିବାକୁ ମିଳୁଛି। କାଫେ ନାଁରେ କିଛି ଅସାଧୁ ବ୍ୟବସାୟୀ ରାଜୁତି କରୁଛନ୍ତି।

ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ମିଶନ ଶକ୍ତି ପକ୍ଷରୁ କାଫେ ଖୋଲାଯାଇଛି। ସେହିପରି ରସୁଲପୁର ବ୍ଲକ୍ ଅଧୀନସ୍ଥ ଗୋପାଳପୁରଠାରେ ଏକ କାଫେ ଖୋଲାଯାଇଛି। ହେଲେ ଏଠି ଗାଇଡ୍‌ଲାଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। ସରକାରୀ କାର୍ଯ୍ୟାଳୟ ନିକଟରେ ଏହା ଖୋଲା ନ ଯାଇ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଖୋଲାଯାଇ ନିମ୍ନ ମାନର ଖାଦ୍ୟ ପରସା ଯାଉଥିବା ଅଭିଯୋଗ ହୋଇଛି। ଏପରିକି ମିଲେଟ ଜାତୀୟ ଖାଦ୍ୟ ତିଆରି ନ ହୋଇ ମନଇଚ୍ଛା ଏହି କାଫେକୁ ହୋଟେଲ ଓ ଫ୍ୟାମିଲି ରେଷ୍ଟୁରାଣ୍ଟ କରାଯାଇ ସାଧାରଣ ଲୋକଙ୍କୁ ଶୋଷଣ କରାଯାଉଛି। ଅର୍ଥାତ୍ କାଫେଟି ଏବେ ରେଷ୍ଟୁରାଣ୍ଟ ପାଲଟିଛି। ଏଥିରେ ବିଭିନ୍ନ ଖାଦ୍ୟଦ୍ରବ୍ୟ ପାଇଁ ମଧ୍ୟ ସାଧାରଣଠାରୁ ଢେରଗୁଣା ଅଧିକ ଦର ନିଆଯାଉଥିବା ବେଳେ ବାସି ଓ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରିକି ମହିଳା ଗୋଷ୍ଠୀ ନାମରେ ଏହି କାଫେଟି ଚାଲିଥିଲେ ହେଁ ସେଠାରେ ଗ୍ରୁପର ଜଣେ ବି ସଦସ୍ୟା ନାହାନ୍ତି। ସେହିପରି ଖାଦ୍ୟର ମାନ ପରଖିବା ସହ ଦୈନିକ

➪ପୃଷ୍ଠା-୬

SANCHAR ସଂଚାର

# ବୃଦ୍ଧ ବାପା-ମା'ଙ୍କୁ ଘରୁ ତଡ଼ିଦେଲେ ପୁଅ ବୋହୂ

କେନ୍ଦ୍ରାପଡା, ୮।୭(ସଂଚାର ବ୍ୟୁରୋ): ଜୀବନର ଅନ୍ତିମ ସମୟରେ ନାତି ନାତୁଣୀଙ୍କ ସହ ଖେଳିବାବେଳେ ପୁଅ ବୋହୂ ୮୦ ବର୍ଷ ବୟସ୍କା ବାପା ମାଆଙ୍କୁ ମାଡ ମାରି ଘରୁ ତଡିଦେଇଥିବା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି ଏହି ବୁଢ଼ୀ ମାତା ପିତା। ଘଟଣାରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ଅରଗଳ (ଅରଗଳ ଶାସନ) ଗ୍ରାମର ଚୁନି ବେହେରା ଏବଂ ତାଙ୍କ ସ୍ୱାମୀଙ୍କୁ ନିଜ ଘରୁ ପୁଅ ଓ ବୋହୂ ତଡିଦେବା ଫଳରେ ଦୀର୍ଘ ମାସ ହେଲା ଏହି ବୃଦ୍ଧ ବୃଦ୍ଧା ଆଳି ବିଡିଓ, ତହସିଲଦାର, କେନ୍ଦ୍ରାପଡା ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ଓ ଥାନା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ। ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏହି ପରିବାର ଆଜି ଜିଲ୍ଲା କାର୍ଯ୍ୟାଳୟ ଆଗରେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି। ଆଖିକୁ ଦିଶୁନଥିବା ଏବଂ ଚାଲିପାରୁନଥିବା ଏହି ବୃଦ୍ଧ/ବୃଦ୍ଧା ଅତି ଦୟନୀୟ ଅବସ୍ଥାରେ ଧାରଣାରେ ବସିଛନ୍ତି। ଖବର ପାଇ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ ଏହି ଧାରଣାରତ ପରିବାର ପାଖକୁ ଆସି ତାଙ୍କୁ ଆଶ୍ୱାସନା ଦେବା ପରେ ପରିବାର ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।



# ସ୍ତ୍ରୀକୁ ମାରିଦେବା ଅଭିଯୋଗରେ ସ୍ୱାମୀ ଗିରଫ

ରାଜନଗର,୮।୭(ସଂଚାର ବ୍ୟୁରୋ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମର ରତ୍ନାକର ବେହେରାଙ୍କ ସ୍ତ୍ରୀ ଉତମା ବେହେରା(୩୮) ସୋମବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମାତ୍ର ମୃତକ ଉତମାଙ୍କ ପିତା ଡାଙ୍ଗମାଳ ଗ୍ରାମର ମହେନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଜ୍ୱାଇଁ ରତ୍ନାକର ବିଭିନ୍ନ ସମୟରେ ତାଙ୍କ ଝିଅ ଉତମାକୁ ମାଡ ମାରିବା ସହ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ତାଙ୍କ ଜ୍ୱାଇଁ ଉତମାକୁ ତଟିଂ ଚିପି ମାରି ଦେଇ ରଶିରେ ଟଙ୍ଗାଇ ଦେଇ ଆତ୍ମହତ୍ୟାର ରୂପ ଦେଇଥିଲେ। ଏନେଇ ତାଳଚୁଆ ପୁଲିସ ୧୫୪/୨୬ରେ ମାମଲା ରୁଜୁ କରିବା ସହ ରତ୍ନାକର(୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି। ରତ୍ନାକରଙ୍କୁ ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ପାଟନାଳୀରୁ ମାଟି ଉଠାଇ ସରପଞ୍ଚ ବିକ୍ରି କରୁଥିବା ଗ୍ରାମବାସୀଙ୍କ ଅଭିଯୋଗ



କେନ୍ଦ୍ରାପଡା,୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବାଲିପଡା ପଞ୍ଚାୟତର ଜସୁଆପଲ୍ଲୀ, ପୋଷାଇ, ବଲିସାହି ଗ୍ରାମର କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ସରପଞ୍ଚ ପାଟନାଳୀ ସାଇଟ୍ ଚାଷଜମିରୁ ମାଟି ଉଠାଇ ନେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏହି ଗ୍ରାମର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ପାଟନାଳୀ ପୋଷାଇ ପାଟଠାରୁ ପୋଷାଇ ଦଣ୍ଡା ପର୍ଯ୍ୟନ୍ତ ବିସ୍ତାରିତ ଅଟେ। ଏହି ପାଟନାଳୀ ତରପଲ୍ଲା ଦଣ୍ଡା ପାଖରୁ ପୋଷାଇ ଗ୍ରାମ ପର୍ଯ୍ୟନ୍ତ ଯାଇଛି। ଏହି ପାଟନାଳୀରୁ ସ୍ଥାନୀୟ ସରପଞ୍ଚ ଉଭୟ ପାର୍ଶ୍ୱରୁ ଖୋଳି ମାଟି ଉଠାଇ ନେଉଥିବା ଅଭିଯୋଗ କରିଛନ୍ତି। ମାଟି ଉଠାଇବା ଫଳରେ ଏମାନଙ୍କର ଚାଷ କରିବା ସମ୍ଭବ ହେବ ନାହିଁ। ଏଥିସହିତ ଉଭୟ ପାର୍ଶ୍ୱରୁ ମାଟି ଉଠାଇବା ଫଳରେ ଚାଷ ଜମିକୁ ମଧ୍ୟ ଯାଇପାରିବେ ନାହିଁ। ତୁରନ୍ତ ଏହାର ସମାଧାନ କରିବା ପାଇଁ ଶିବ ପ୍ରସାଦ ସାହୁ, ଗୁରୁ ଚରଣ ରାଉତ, ସୁମିତ୍ରା ପ୍ରଧାନ, ପବିତ୍ର ବାରିକ, ସୁକାନ୍ତି ରାଉତ, ପ୍ରତାପ ବାରିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଗରଦପୁର ତହସିଲରେ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ

# ଅବସରପ୍ରାପ୍ତ କର୍ମଚାରୀଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା



କେନ୍ଦ୍ରାପଡ଼ା,୮।୭(ସଂଚାର ବ୍ୟୁରୋ): ଗରଦପୁର ତହସିଲ କାର୍ଯ୍ୟାଳୟର କାର୍ଯ୍ୟପ୍ରଣାଳୀକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଦେଢ଼ ବର୍ଷ ପୂର୍ବରୁ ଅବସର ନେଇଥିବା ସେକ୍ସନ ଅଫିସର ବିଜୟ ମାଝୀ ପ୍ରତିଦିନ ତହସିଲ କାର୍ଯ୍ୟାଳୟକୁ ଆସି ବଡ଼ବାବୁଙ୍କ ସହ ବିଭିନ୍ନ ଫାଇଲ୍ ଦେଖୁଥିବା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ଏନେଇ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ତହସିଲର ବରିଷ୍ଠ ରାଜସ୍ୱ ସହାୟକ ସୁଜାତା ସେଠୀଙ୍କ ଅଧୀନରେ ଅନେକ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ, ଅବସରପ୍ରାପ୍ତ ସେକ୍ସନ ଅଫିସର ବିଜୟ ମାଝୀ ସକାଳ ପ୍ରାୟ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଭିନ୍ନ ଫାଇଲ୍ ସମ୍ପର୍କିତ କାର୍ଯ୍ୟରେ ଜଡ଼ିତ ଥିବା ଦେଖିବାକୁ ମିଳୁଛି। ସେ କେଉଁ ଅଧିକାରରେ ଏହି କାର୍ଯ୍ୟ କରୁଛନ୍ତି ଏବଂ ପ୍ରଶାସନ ପକ୍ଷରୁ ଏଥିପାଇଁ କୌଣସି ଅନୁମତି ରହିଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ତହସିଲରେ ଦୀର୍ଘଦିନ ଧରି ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପନ୍ନ ହେଉନଥିବା, ସାଧାରଣ ଜମି ମାପ ପାଇଁ ଲୋକମାନେ ବର୍ଷ ବର୍ଷ ଧରି ଦୌଡ଼ୁଥିଲେ ମଧ୍ୟ ସମାଧାନ ମିଳୁନଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ଅନେକ ଆବେଦନକାରୀ ହଇରାଣ ହେଉଥିବା କୁହାଯାଉଛି। କେତେକ ଜନସେବା କେନ୍ଦ୍ର ପରିଚାଳକଙ୍କ ଅଭିଯୋଗ ହେଉଛି, ପ୍ରମାଣପତ୍ର ପିଛା ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। କମ୍ ଟଙ୍କା ଦେଉଥିବା କେନ୍ଦ୍ରଗୁଡ଼ିକର ଆବେଦନ କିମ୍ବା ପ୍ରମାଣପତ୍ର ଅନୁମୋଦନରେ ବିଳମ୍ବ ହେଉଥିବା ଅଭିଯୋଗ ମଧ୍ୟ ଉଠିଛି। ତେବେ ଏହି ଅଭିଯୋଗର ସ୍ୱାଧୀନ ପୁଷ୍ଟି ହୋଇପାରିନାହିଁ। ସ୍ଥାନୀୟ ମହଲରେ ଆହୁରି ଆଲୋଚନା ହେଉଛି ଯେ, ଅବସର ପରେ ମଧ୍ୟ ପ୍ରତିଦିନ କେନ୍ଦ୍ରାପଡ଼ାରୁ ଗରଦପୁର ତହସିଲକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ରହିବା ପଛରେ କ'ଣ କାରଣ ରହିଛି। ଏନେଇ ପ୍ରଶାସନ ସ୍ପଷ୍ଟୀକରଣ ଦେବା ସହ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରି ପ୍ରକୃତ ସ୍ଥିତି ସାର୍ବଜନୀନ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ମହିଳା କଲେଜ ନୂତନ ଗୃହ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୮।୭(ସଂଚାର ବ୍ୟୁରୋ): ରାଜନଗର ବିଧାୟକ ପାଣ୍ଠିରୁ ନିର୍ମିତ ପଟ୍ଟାମୁଣ୍ଡାଇ ମହିଳା କଲେଜର ନୂତନ ଗୃହ ଓ ନବି କରଣ କାର୍ଯ୍ୟ ଉଦଘାଟିତ ହୋଇଛି ଓ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳା କଲେଜର ନୂତନ ଗୃହ ଓ ନବୀକରଣ କାର୍ଯ୍ୟ ଉଦଘାଟନ କରି ଛାତ୍ରୀମାନଙ୍କ ଉଚ୍ଚଶିକ୍ଷାର ବିକାଶ ପ୍ରତି ନିଜର ଅଙ୍ଗୀକାର ବ୍ୟକ୍ତ କରିବା ସହ କଲେଜର ଭିତ୍ତିଭୂମିର ବିକାଶ ପାଇଁ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।+୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ରାଜଲକ୍ଷ୍ମୀ ମହାନ୍ତି, +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ବେହେରା ସମାଜସେବୀ ବୁଢ଼ା ଲେଙ୍କା କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଉତ୍ସବରେ ଯୁବନେତା ଦିଲ୍ଲୀପ ଜେନା ସଞ୍ଜୟ ଦାସ, ହରଗୋବିନ୍ଦ ଦାଶ ବାପି ସାମଲ ଭରତ ନାୟକ କଲେଜ ଅଧ୍ୟାପିକା ଅନୁପମା ଦାସ, ପୁଷ୍ପଲତା ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ଏବଂ ଅଧ୍ୟାପକ ରମେଶ ଚନ୍ଦ୍ର ଦେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ନାଥ, ମଧୁଲିତା ମହାନ୍ତି, ରାଜଲକ୍ଷ୍ମୀ ହାତୀ, ସୁଧାଂଶୁ ରଞ୍ଜନ ସାମଲ, ଲମ୍ବୋଦର ପାଢ଼ୀ, ନିର୍ମଳ ସେଠୀ ଓ ନିହାର ରଞ୍ଜନ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ବିପଦପୂର୍ଣ୍ଣ ସ୍ଥାନକୁ ମରାମତି କଲା ବିଭାଗ

## ସେତୁ ଉପରେ ଯାତାୟାତ ବେଳେ ଘଟୁଥିଲା ଦୁର୍ଘଟଣା



ସଂଚାର ପ୍ରଭାବ

କେନ୍ଦ୍ରାପଡା,୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର କଳପଡା ସେତୁର ଶୋଚନୀୟ ଅବସ୍ଥାକୁ ନେଇ ଖବର ପ୍ରକାଶିତ ହୋଇଥିଲା, ଯାହାଫଳରେ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷପ ନେଇ ସେତୁରେ ଥିବା ବିପଦପୂର୍ଣ୍ଣ ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିଛନ୍ତି। ଏହି କାର୍ଯ୍ୟ ହେବାପରେ ଅଞ୍ଚଳବାସି ସଂଚାର ପ୍ରତିନିଧି ଓ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ଦୈନିକ ସମ୍ବାଦପତ୍ର ରେ ଖବର ପ୍ରକାଶ ପରେ କଳପଡା ସେତୁର ମରାମତି କାର୍ଯ୍ୟ ଶେଷ ହୋଇଛି। ଗଣମାଧ୍ୟମ ଯେ ସମାଜର ଚତୁର୍ଥ ସ୍ତମ୍ଭ ଏବଂ ଜନସାଧାରଣଙ୍କ ସ୍ୱର, ତାହା ପୁଣି ଥରେ ପ୍ରମାଣିତ କରିଛି ଲୋକପ୍ରିୟ ଗଣମାଧ୍ୟମ 'ସଂଚାର' ଖବର କାଗଜ। କେନ୍ଦ୍ରାପଡା ଜିଲ୍ଲାର ପ୍ରମୁଖ କଳପଡା ସେତୁର ଶୋଚନୀୟ ଅବସ୍ଥାକୁ ନେଇ 'ସଂଚାର'ରେ ଗୁରୁତ୍ୱର ସହ ଖବର ପ୍ରକାଶିତ କରାଯାଇଥିଲା। ଏହି ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ତତ୍କାଳ ତତ୍ପରତା ପ୍ରକାଶ କରିଛି। ଯୁଦ୍ଧକାଳୀନ ଭିତ୍ତିରେ କାମ ଶେଷ କରିଛନ୍ତି, ସେତୁର ବିପଜ୍ଜନକ ଅବସ୍ଥା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ଲାଗି ରହିଥିଲା। ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଇ ଯୁଦ୍ଧକାଳୀନ ଭିତ୍ତିରେ ସେତୁର ସମସ୍ତ ସମସ୍ୟାର ସମାଧାନ କରିବା ସହ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ବର୍ତ୍ତମାନ ଏହି ସେତୁ ଦେଇ ଯାତାୟାତ ସ୍ୱାଭାବିକ ଓ ସୁରକ୍ଷିତ ହୋଇପାରିଛି। ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଛି। ପ୍ରଶାସନର ଏଭଳି ତ୍ୱରିତ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନର ସମସ୍ୟାରୁ ମୁକ୍ତି ପାଇଛନ୍ତି। 'ସଂଚାର'ର ନିରପେକ୍ଷ ଓ ସାହସିକ ସାମ୍ବାଦିକତା ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଲା ବୋଲି ସେମାନେ ପ୍ରକାଶ କରିଛନ୍ତି। 'ଆମ ସମସ୍ୟାକୁ ପ୍ରଶାସନ ପାଖରେ ପହଞ୍ଚାଇବାରେ 'ସଂଚାର' ପ୍ରମୁଖ ଭୂମିକା ଗ୍ରହଣ କଲା। ଆମେ 'ସଂଚାର'ର ସାମ୍ବାଦିକ ଏବଂ ଜିଲ୍ଲା ପ୍ରଶାସନକୁ ଆନ୍ତରିକ ସାଧୁବାଦ ଓ ଧନ୍ୟବାଦ ଜଣାଉଛୁ ବୋଲି ଅଞ୍ଚଳର ବାସି ମତ ରଖିଛନ୍ତି।

# ପଟ୍ଟାମୁଣ୍ଡାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ,୮।୭(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିପୁଳ ଆନନ୍ଦ ଉଲ୍ଲାସ ର ସହିତ ପବିତ୍ର ରଥ ଯାତ୍ରା ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପୋଖରୀଆପଡା ପତିତପାବନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ବୈଠକରେ ପୌରହିତ୍ୟ କରି ଆଗାମୀ ରଥ ଯାତ୍ରାକୁ ରୀତିନୀତି ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହିତ ତ୍ରୁଟିଶୂନ୍ୟ ଭାବେ ପାଳନ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପାନୀୟ ଜଳ, ଟ୍ରାଫିକ ସମସ୍ୟା, ନିଶା ନିବାରଣ, ନିରାପଦ ବିଦ୍ୟୁତ ବ୍ୟବସ୍ଥା, ବିଦ୍ୟୁତ ତାର ଉପରୁ ଗଛ କଟା, ରଥ ଯିବା ରାସ୍ତା ସଫା କରିବା, ରାସ୍ତା ମରାମତି, ଉଜ୍ଜଳ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ସହିତ ଯେକୌଣସି ପରିସ୍ଥିତି ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବିଡ଼ିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ତହସିଲଦାର ଥାନା ଆଇ ଆଇ ସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ମନୋଜ ପରିଡା ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ ଦାଶ ସମ୍ପାଦକ ନରହରି ଲେଙ୍କା କୋଷାଧକ୍ଷ ଶୁକଦେବ ସ୍ୱାଇଁ, ବିଦ୍ୟା ଭୂଷଣ ପାଠୀ ଦିଲ୍ଲୀପ କୁମାର ଜେନା ବିଜୟ କୁମାର ମହାନ୍ତି ଇଂ ତ୍ରିଲୋଚନ ସୂତାର, ଦଇତାପତି ସଭାପତି ସୁଶୀଲ ପାଠୀ, ଚିତ୍ତ ରଞ୍ଜନ ଦାଶ, ଅର୍ଜୁନ ନାୟକ, ସତ୍ୟବ୍ରତ ପଣ୍ଡା, ସୂର୍ଯ୍ୟକାନ୍ତ ପାଢ଼ୀ, ସୁଦାମ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ବୁଢ଼ା ଲେଙ୍କା, ସନ୍ତୋଷ ଦାଶ ତପନ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ମହାକାଳପଡ଼ା ଥାନାରେ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ପାଳିତ



ମହାକାଳପଡ଼ା,୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଥାନା ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀ ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକ ଜନ୍ମୋତ୍ସବ ଧୁମ୍‌ଧାମରେ ପାଳିତ ହୋଇଛି।ସୋମବାର ସକାଳେ ମହାକାଳପଡ଼ା ଥାନାରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ଚଣ୍ଡିଆପଲ୍ଲି ଘାଟ ନିକଟସ୍ଥ ଗୋବରୀ ନଦୀ କୂଳରେ ପହଞ୍ଚିଥିଲା। ସେଠାରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା ପରେ କଳସରେ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ପରେ ଶୋଭାଯାତ୍ରା ଥାନା ପରିସରସ୍ଥ ତ୍ରିନାଥ ମନ୍ଦିରକୁ ଫେରିବା ପରେ ମହାପ୍ରଭୁଙ୍କ ବିଶେଷ ପୂଜା ଓ ଅନ୍ୟାନ୍ୟ ଧାର୍ମିକ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଉତ୍ସବ ଅବସରରେ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଥାନାର ସମସ୍ତ ପୋଲିସ କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଥାନାକୁ ଆସୁଥିବା ସାଧାରଣ ଲୋକଙ୍କ ପ୍ରତି ସହଯୋଗୀ ମନୋଭାବ ଓ କାର୍ଯ୍ୟଶୈଳୀକୁ ନେଇ କେତେକ ସ୍ଥାନୀୟ ବାସିନ୍ଦା ସକାରାତ୍ମକ ମତ ପ୍ରକାଶ କରିଥିଲେ। ଏହି ଧାର୍ମିକ ଆୟୋଜନରେ ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳ, ଏଏସ୍‌ଆଇ ଦଶରଥ ମହାରଣା, ଏଏସ୍‌ଆଇ ବିଦ୍ୟାଧର ସ୍ୱାଇଁ, ଏଏସ୍‌ଆଇ ପ୍ରଭାତ କୁମାର ରାଉତଙ୍କ ସମେତ ସହଦେବ ପରିଡ଼ା, ଜ୍ଞାନ ରଞ୍ଜନ ସାମଲ, ଦେବାଶିଷ ମଲ୍ଲିକ, ରାକେଶ ରଞ୍ଜନ ପାତ୍ର, ସଂଗ୍ରାମ କୁମାର ରାଉତ, ଆଦିତ୍ୟ ଦାସ, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେମାନଙ୍କ ସହଯୋଗରେ କଳସ ଶୋଭାଯାତ୍ରା ଓ ପୂଜାର୍ଚ୍ଚନା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।ଏହି ଉତ୍ସବରେ ଥାନାର ପୋଲିସ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଏବଂ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀ ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରିଥିଲେ।

# ରିଘାଗଡ଼ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତି ଦାବି

● ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ରିଘାଗଡ଼ ଗ୍ରାମ ଅଙ୍ଗନୱାଡୀ କେନ୍ଦ୍ରରେ ଦୀର୍ଘଦିନ ଧରି କର୍ମୀ ପଦବୀ ଖାଲି ପଡ଼ି ରହିଥିବାରୁ ତୁରନ୍ତ ନିଯୁକ୍ତି କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଅଙ୍ଗନୱାଡୀ କର୍ମୀ ନଥିବା କାରଣରୁ କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଏବଂ ଅନ୍ୟାନ୍ୟ ସେବା ପ୍ରଭାବିତ ହେଉଛି। ଫଳରେ ଶତାଧିକ କୋମଳମତି ଶିଶୁ ସରକାରୀ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏନେଇ ସ୍ଥାନୀୟ ଲୋକମାନେ ରାଜନଗର ସିଡିପିଓ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିଯୁକ୍ତି ହୋଇନଥିବା ସେମାନେ କହିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ରିଘାଗଡ଼ ଅଙ୍ଗନୱାଡୀ କେନ୍ଦ୍ରରେ ତୁରନ୍ତ କର୍ମୀ ନିଯୁକ୍ତି କରିବା ସହ ଶିଶୁମାନଙ୍କ ପାଇଁ ନିୟମିତ ସେବା ସୁନିଶ୍ଚିତ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀମାନେ କହିଛନ୍ତି ଯେ, ଶିଶୁମାନଙ୍କ ଭବିଷ୍ୟତ ଓ ପ୍ରାଥମିକ ବିକାଶକୁ ଦୃଷ୍ଟିରେ ରଖି ପ୍ରଶାସନ ଶୀଘ୍ର ଏହି ଖାଲି ପଦବୀ ପୂରଣ କରିବା ଆବଶ୍ୟକ।

## ଚାରାରୋପଣ ପାଇଁ ଯାଇଥିଲା ବନବିଭାଗ

# ଅଞ୍ଚଳବାସୀଙ୍କ ବିରୋଧ ପରେ ଫେରିଲା



ମହାକାଳପଡ଼ା, ୮।୭(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକର ଉପକୂଳବର୍ତ୍ତୀ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ କଣ୍ଡରାପାଟିଆ ଗ୍ରାମ ନିକଟରେ ଥିବା ପ୍ରାୟ ୧୬୦ ଏକର ସରକାରୀ ଜମିକୁ କେନ୍ଦ୍ର କରି ବନ ବିଭାଗ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ ପାଇଁ ଉଦ୍ୟମ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ଜମିରେ ପିଢ଼ି ପିଢ଼ି ଧରି ପ୍ରାୟ ୮୦ଟି ପରିବାରର ପ୍ରାୟ ୬୦୦ ଲୋକ ଚାଷବାସ କରି ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବାପା-ଅଜା ଅମଳରୁ ଏହି ଅଞ୍ଚଳରେ ଚାଷ କରିଆସୁଥିବା ସହ ଜଙ୍ଗଲ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିରେ ମଧ୍ୟ ସହଯୋଗ କରିଆସୁଛନ୍ତି। କିଛି ଦିନ ପୂର୍ବରୁ ବନ ବିଭାଗ ପକ୍ଷରୁ ଉକ୍ତ ଜମିରେ ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପ୍ରତିବାଦ ସ୍ୱରୂପ ଗ୍ରାମର ଆବାଳ ବୃଦ୍ଧବନିତା ଗାଁ ମୁଣ୍ଡ ରାସ୍ତାରେ ଧାରଣା ଦେଇଥିଲେ। ପରେ ସ୍ଥାନୀୟ ସରପଞ୍ଚ ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଆଜି ବନବିଭାଗ ପକ୍ଷରୁ ସ୍ଥାନୀୟ ପୁଲିସ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ହେଲେ ଗ୍ରାମବାସୀଙ୍କ ତୀବ୍ର ବିରୋଧ ପରେ ଅଧିକାରୀମାନେ ବୃକ୍ଷ ରୋପଣ କରି ନପାରି ଫେରିଆସିଥିଲେ। ଗ୍ରାମବାସୀ ସୁଦର୍ଶନ ଗିରି, ଅମଳ ସରକାର, ସୁବିମଳ ଦଣ୍ଡପାତ ଓ ବନମାଳୀ ବେହେରା ପ୍ରମୁଖ କହିଛନ୍ତି, "ଏହି ଚାଷଜମି ଆମ ପରିବାରର ଏକମାତ୍ର ଜୀବିକାର ଆଧାର। ଯଦି ଏହା ଆମଠାରୁ ଛଡ଼ାଇ ନିଆଯାଏ, ତେବେ ଆମେ ଜୀବିକା ନିର୍ବାହ କରିବୁ କିପରି?" ଏନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିବା ସହ ଦୀର୍ଘଦିନ ଧରି ଚାଷ କରୁଥିବା ଜମିରେ ଚାଷ କାର୍ଯ୍ୟ ଜାରି ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

● ଉପ ଜିଲ୍ଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ

# ଚୋରା ବାଲି ଓ ଚୋରା ମଦ ବନ୍ଦ କରିବା ପାଇଁ ପଦକ୍ଷେପ



କେନ୍ଦ୍ରାପଡା, ୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ରାଜଶ୍ୱ ସମୀକ୍ଷା ବୈଠକ ତାଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ପୋଲିସ୍ ଅଧିକାରୀ, ଡେପୁଟି କଲେକ୍ଟର, ଖଣି ଅଧିକାରୀ, ଅବକାରୀ ଅଧୀକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଖଣି ଚୋରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ବାଲି, ମାଟି ଇତ୍ୟାଦି ଚୋରାରେ ଉଠାଇ ନେଉଥିବା ଗାଡି ଓ ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜିଲ୍ଲାରେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ୍ସ ସୁଗାର ଏବଂ କପ୍ ସିରପ୍ ବିକ୍ରି ବଢୁଥିବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ଅବକାରୀ ଅଧିକ୍ଷକଙ୍କୁ ଚୋରା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି। ଚୋରା ବାଲି ନେଇ ଯାଉଥିବା ଗାଡି ଗୁଡିକୁ (ଟିପି ନଥିବା) ଗାଡି ଗୁଡିକୁ ଜବତ କରି ଜରିମାନା ଆଦାୟ କରିବା, ସହରରେ ଦିନବେଳା ବାଲି, ଗୋଡି ଆଦି ବଡ ଗାଡି ଗୁଡିକୁ ସହର ଭିତରେ ପ୍ରବେଶ ବନ୍ଦ କରିବା, ଜିଲ୍ଲାର ସମସ୍ତ ତହସିଲ୍ ଗୁଡିକରେ ପଡ଼ି ରହିଥିବା ରାଜସ୍ୱ କାର୍ଯ୍ୟ ଗୁଡିକୁ ତୁରନ୍ତ ସମାଧାନ କରି ଜନସାଧାରଣଙ୍କ କାମରେ ଲଗାଇବା ପାଇଁ ଉପଜିଲ୍ଲାପାଳ ତହସିଲଦାର ମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଗାଁସାଥୀଙ୍କୁ ବକେୟା ପାରିଶ୍ରମିକ ପ୍ରଦାନ ପାଇଁ ଦାବି



କେନ୍ଦ୍ରାପଡ଼ା, ୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗାଁସାଥୀ(ମେଟ)ମାନଙ୍କୁ ବର୍ଷ ବର୍ଷ ଧରି ବକେୟା ପାରିଶ୍ରମିକ ପ୍ରଦାନ କରାଯାଇନଥିବା ଯୋଗୁଁ ସେମାନେ ବହୁ ଦୁର୍ଦ୍ଦିନ ଭିତର ଦେଇ କାଳାତିପାତ କରୁଛନ୍ତି। ତେଣୁ ସେମାନଙ୍କ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରାଯିବାକୁ ଗାଁସାଥୀ(ମେଟ) ମହାସଙ୍ଘ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଦୀର୍ଘ ୪ବର୍ଷ ଧରି ଗାଁସାଥୀମାନଙ୍କର ବକେୟା ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ଫଳରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅର୍ଥାଭାବରୁ ସେମାନେ ପରିବାର ପ୍ରତିପୋଷଣ, ଅସୁସ୍ଥ ପରିବାର ପରିଜନଙ୍କୁ ଚିକିତ୍ସାସେବା ଯୋଗାଇଦେବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରୁନାହାନ୍ତି। ତେଣୁ ସେମାନଙ୍କୁ ଯଥାଶୀଘ୍ର ବକେୟା ପ୍ରାପ୍ୟ ଯୋଗାଇଦେବାକୁ ମହାସଙ୍ଘ ପକ୍ଷରୁ ଜିଲ୍ଲା ସଭାପତି ଅନିଲ କୁମାର ଜେନା, ସମ୍ପାଦକ ବିଜୟ କୁମାର ବେହେରା, କେନ୍ଦ୍ରାପଡା ବ୍ଲକ ସଭାପତି ପ୍ରଶାନ୍ତ ଦାସ, ଗରଦପୁର ସଭାପତି ପରମାନନ୍ଦ ବିଶ୍ୱାଳ, ଅୟସକାନ୍ତ ନାୟକ, ପ୍ରିତିନନ୍ଦା ଦାସ, ଯମୁନା ରାଉତ, ସୁଜାତା ପରିଡା, କୈଳାସ ନାୟକ, ବରଦାକାନ୍ତ ପାତ୍ର, ମମତା ନାୟକ, ଲତିକା ରାଉତଙ୍କ ସମେତ ବହୁ କାର୍ଯ୍ୟର୍କା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଶାବଳ ମାଡ଼ରେ ଗୁରୁତର ବ୍ୟବସାୟୀ ମୃତ

# କଟକ- ଚାନ୍ଦବାଲି ରାଜରାସ୍ତା ଅବରୋଧ



ଡେରାବିଶ,୮।୭ (ସଂଚାର ବ୍ୟୁରୋ): ବାପ ପୁଅଙ୍କ ଶାବଳ ମାଡ଼ର ଶିକାର ହୋଇ ଏକ ଘରୋଇ ହସପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବ୍ୟବସାୟୀ ଶଶିକାନ୍ତଙ୍କର ବୁଧବାର ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ଶଶିକାନ୍ତଙ୍କ ମୃତଦେହ ଚାନ୍ଦୋଳ ବଜାରରେ ପହଞ୍ଚିବା ପରେ ଲୋକମାନେ ତାଙ୍କ ମୃତଦେହକୁ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ରାସ୍ତା ଉପରେ ରଖି ଧାରଣାରେ ବସି ରହିଥିଲେ। ଲୋକମାନେ ଶଶିକାନ୍ତଙ୍କ ମୃତ୍ୟୁ ପାଇଁ ପୁଲିସ ପ୍ରଶାସନର ନିଷ୍କ୍ରିୟତାକୁ ଦାୟୀ କରିବା ସହ ରାସ୍ତାରେ ଟାୟାର ଜାଳି ପୁଲିସ ବିରୋଧୀ ନାରା ଦେଇଛନ୍ତି ଓ ଶଶିକାନ୍ତଙ୍କ ପରିବାରକୁ ନ୍ୟାୟ ଦେବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବାକୁ ଦାବି କରିଛନ୍ତି। ରାସ୍ତା ଅବରୋଧ ଯୋଗୁ କଟକ-ଚାନ୍ଦବାଲି ରାଜରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରଣପଡ଼ା ଗ୍ରାମରେ ପ୍ରଦିପ୍ତ ଦାଶ ଓ ତାଙ୍କ ପୁଅ ନୀଳାଦ୍ରି ଗ୍ରାମର ଶଶିକାନ୍ତଙ୍କୁ ରବିବାର ସନ୍ଧ୍ୟାରେ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଶଶିକାନ୍ତଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

ଉଭୟ ଅଭିଯୁକ୍ତ ପୂର୍ବରୁ ଶଶିକାନ୍ତଙ୍କ ପରିବାର ସହ ଶତ୍ରୁତା କରି ତାଙ୍କୁ ଓ ତାଙ୍କ ପରିବାରକୁ ବାରମ୍ବାର ମାଡ଼ ମାରିବା, ଏପରିକି ଶଶିକାନ୍ତଙ୍କ ପୁଅକୁ ନୀଳାଦ୍ରି ଛୁରି ଭୁଷିବା ଉଦ୍ୟମ କରିଥିଲେ। ଏନେଇ ଶଶିକାନ୍ତ ବାରମ୍ବାର ଥାନାରେ ଅଭିଯୋଗ କରି ଆସୁଥିଲେ। ମାତ୍ର ପୁଲିସ୍ କୋହଳ ମନୋଭାବ ପୋଷଣ କରିବା ସହିତ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରି ନଥିଲା ବୋଲି ଶଶିକାନ୍ତଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ପୁଲିସର ଏହି କୋହଳ ମନୋଭାବ ପାଇଁ ଅଭିଯୁକ୍ତ ବାପ ପୁଅ ଦ୍ୱୟ ବାରମ୍ବାର ଶଶିକାନ୍ତଙ୍କ ଘର ଉପରକୁ ଟେକାପଥର ପକାଇବା ସହ ତାଙ୍କୁ ଅଶାଳୀନ ବ୍ୟବହାର ଜାରି ରଖିଥିଲେ। ଗତ ରବିବାର ଦିନ ମଧ୍ୟ ସେହିପରି ଉଭୟ ବାପପୁଅ ଶାବଳ ଧରି ଶଶିକାନ୍ତ ଘର ଉପରକୁ ଆକ୍ରମଣ କରିବା ସହ ଶଶିକାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଶଶିକାନ୍ତ ପତ୍ନୀ ସଂଘମିତ୍ରା ସଦର ଥାନାରେ ଅଭିଯୋଗ କରିଛନ୍ତି। ଫେରାର ପ୍ରଦୀପ୍ତକୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ବେଳେ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ନୀଳାଦ୍ରିକୁ ଗିରଫ କରିପାରି ନାହିଁ।

# ପ୍ରେମ ନାଁରେ ଜୀବନ ସହ ଖେଳ

ପ୍ରେମ ମଣିଷ ଜୀବନର ଏକ ସୁନ୍ଦର ଓ ସ୍ୱାଭାବିକ ଅନୁଭୂତି। ପରସ୍ପର ପ୍ରତି ସମ୍ମାନ, ବିଶ୍ୱାସ, ଦାୟିତ୍ୱବୋଧ ଓ ବୁଝାମଣା ଉପରେ ଗଢ଼ିଉଠିଥିବା ସମ୍ପର୍କ ଜୀବନକୁ ସମୃଦ୍ଧ କରିଥାଏ। କିନ୍ତୁ ଆଜିର ସମୟରେ ପ୍ରେମର ପ୍ରକୃତ ଅର୍ଥକୁ ଅନେକ କ୍ଷେତ୍ରରେ ଭୁଲ ବୁଝାଯାଉଛି। ବିଶେଷକରି କିଛି କିଶୋର ଓ ଯୁବକ-ଯୁବତୀ ଭାବାବେଗରେ ନେଉଥିବା ନିଷ୍ପତ୍ତି ନିଜ ଜୀବନ ସହିତ ପରିବାରକୁ ମଧ୍ୟ ଗଭୀର ସଙ୍କଟରେ ପକାଉଛି। ଏହା ପ୍ରେମର ବିରୋଧରେ ନୁହେଁ; ବରଂ ଅପରିପକ୍ୱ, ଅଦାୟିତ୍ୱପୂର୍ଣ୍ଣ ଓ ବିପଜ୍ଜନକ ଆଚରଣ ପ୍ରତି ସତର୍କ ସଙ୍କେତ।

ମୋବାଇଲ ଫୋନ, ସୋସିଆଲ ମିଡିଆ ଓ ଅନଲାଇନ୍ ଯୋଗାଯୋଗର ବ୍ୟାପକ ପ୍ରସାର ଯୁବପିଢ଼ିଙ୍କୁ ନୂଆ ସୁଯୋଗ ଦେଇଛି। ସେହି ସହିତ, ଅପରିଚିତ ବ୍ୟକ୍ତିଙ୍କ ସହ ସମ୍ପର୍କ, ଭାବାବେଗରେ ଶୀଘ୍ର ନିଷ୍ପତ୍ତି ଏବଂ ପରିଣାମକୁ ଅବହେଳା କରିବାର ପ୍ରବୃତ୍ତି ମଧ୍ୟ ବଢ଼ିଛି। ଅନେକ ଘଟଣାରେ ଦେଖାଯାଉଛି, ପଢ଼ାଶୁଣା ଅଧାରେ ଛାଡ଼ିଦେବା, ଘରୁ ପଳାଇଯିବା, ଆର୍ଥିକ ଠକେଇର ଶିକାର ହେବା, ମାନସିକ ଚାପ, ଆତ୍ମହତ୍ୟା ଉଦ୍ୟମ କିମ୍ବା ହିଂସା ଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହେଉଛି। ଏଭଳି ଘଟଣା କେବଳ ସମ୍ପୃକ୍ତ ଦୁଇଜଣଙ୍କୁ ନୁହେଁ, ସେମାନଙ୍କ ପରିବାରକୁ ମଧ୍ୟ ଗଭୀର ମାନସିକ ଓ ସାମାଜିକ କଷ୍ଟରେ ପକାଇଥାଏ।

କିଶୋର ବୟସ ହେଉଛି ଭାବନାର ବିକାଶର ସମୟ। ଏହି ବୟସରେ ଆକର୍ଷଣ ଓ ପ୍ରେମ ମଧ୍ୟରେ ପାର୍ଥକ୍ୟ ବୁଝିବା ସବୁବେଳେ ସହଜ ହୁଏନାହିଁ। ସେଥିପାଇଁ ଅଭିଭାବକଙ୍କ ସହ ଖୋଲା ଆଲୋଚନା, ଶିକ୍ଷକଙ୍କ ପରାମର୍ଶ ଏବଂ ସଠିକ୍ ଜୀବନମୂଲ୍ୟର ଶିକ୍ଷା ଅତ୍ୟନ୍ତ ଜରୁରୀ। କେବଳ ନିଷେଧ କିମ୍ବା କଠୋରତା ନୁହେଁ, ବରଂ ବିଶ୍ୱାସ ଓ ସଂଳାପ ଯୁବପିଢ଼ିଙ୍କୁ ସଠିକ ମାର୍ଗ ଦେଖାଇପାରେ।

ଅନ୍ୟପଟେ, ସମାଜ ଓ ଗଣମାଧ୍ୟମର ମଧ୍ୟ ଦାୟିତ୍ୱ



ରହିଛି। ଚଳଚ୍ଚିତ୍ର, ୱେବ ସିରିଜ କିମ୍ବା ସୋସିଆଲ ମିଡିଆରେ ପ୍ରେମକୁ ଅନେକ ସମୟରେ ଏପରି ଭାବରେ ଉପସ୍ଥାପନ କରାଯାଏ, ଯାହା ବାସ୍ତବ ଜୀବନର ଜଟିଳତାକୁ ଅନୁଦୃଷ୍ଟ କରିଦିଏ। ପ୍ରକୃତ ଜୀବନରେ ଏକ ସୁସ୍ଥ ସମ୍ପର୍କର ଆଧାର ହେଉଛି ପରସ୍ପର ସମ୍ମାନ, ସହମତି, ଶିକ୍ଷା, ଆର୍ଥିକ ସ୍ଥିରତା ଓ ଦାୟିତ୍ୱବୋଧ। ଏହି ଦିଗଗୁଡ଼ିକୁ ଅବହେଳା କଲେ ସମ୍ପର୍କ ଦୀର୍ଘସ୍ଥାୟୀ ହେବା କଷ୍ଟକର ହୋଇପଡ଼େ।

ସେହିପରି, ଏହା ମଧ୍ୟ ସତ୍ୟ ଯେ ସମସ୍ତ ପ୍ରେମ ସମ୍ପର୍କକୁ ଏକ ଦୃଷ୍ଟିରେ ଦେଖିବା ଠିକ ନୁହେଁ। ଅନେକ ସମ୍ପର୍କ ପରସ୍ପର ସମ୍ମାନ, ପରିପକ୍ୱତା ଓ ପରିବାରର ସହଯୋଗରେ ସଫଳ ବିବାହ ଓ ସୁନ୍ଦର ପାରିବାରିକ ଜୀବନରେ ପରିଣତ ହୋଇଥାଏ। ସମସ୍ୟା ପ୍ରେମରେ ନୁହେଁ; ସମସ୍ୟା ହେଉଛି ଅପରିପକ୍ୱ ନିଷ୍ପତ୍ତି, ଅତ୍ୟଧିକ ଆବେଗ, ପରସ୍ପର ଉପରେ ନିୟନ୍ତ୍ରଣର ମନୋଭାବ, ଈର୍ଷା, ହିଂସା କିମ୍ବା ଠକେଇ ଭଳି ଆଚରଣରେ।

ପରିବାରର ଭୂମିକା ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସନ୍ତାନଙ୍କ ସହ ସମୟ ବିତାଇବା, ସେମାନଙ୍କ ସମସ୍ୟା ଶୁଣିବା, ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଏବଂ ଆବଶ୍ୟକ ହେଲେ ପରାମର୍ଶଦାତାଙ୍କ ସହାୟତା ନେବା ଆଜିର ସମୟର ଆବଶ୍ୟକତା। କେବଳ ଶାସନ କିମ୍ବା ସାମାଜିକ ଭୟ ଦେଖାଇ ସମସ୍ୟାର ସମାଧାନ ସମ୍ଭବ ନୁହେଁ। ଶିକ୍ଷାନୁଷ୍ଠାନମାନେ ମଧ୍ୟ ଜୀବନ କୌଶଳ, ସୁସ୍ଥ ସମ୍ପର୍କ, ଡିଜିଟାଲ ସୁରକ୍ଷା ଓ ଭାବନାତ୍ମକ ସନ୍ତୁଳନ ଉପରେ ସଚେତନତା କାର୍ଯ୍ୟକ୍ରମ କରିପାରନ୍ତି। ଯୁବପିଢ଼ିଙ୍କୁ ବୁଝାଇବା ଦରକାର ଯେ ପ୍ରେମ କେବେ ବି ଶିକ୍ଷା, କ୍ୟାରିୟର, ଆତ୍ମସମ୍ମାନ କିମ୍ବା ପରିବାରକୁ ତ୍ୟାଗ କରିବାର ନାଁ ନୁହେଁ। ବରଂ ସୁସ୍ଥ ସମ୍ପର୍କ ଜୀବନକୁ ଆହୁରି ସନ୍ତୁଳିତ ଓ ସୁନ୍ଦର କରିବାର ପ୍ରେରଣା ଦେବା ଉଚିତ।

ଶେଷରେ କୁହାଯାଇପାରେ, ପ୍ରେମ ନିଜେ କେବେ ବି ଧ୍ୱଂସର କାରଣ ନୁହେଁ। ଅପରିପକ୍ୱତା, ଦାୟିତ୍ୱହୀନତା, ଅସଚେତନତା ଓ ଭୁଲ ନିଷ୍ପତ୍ତି ହିଁ ଅନେକ ଦୁଃଖଦ ପରିଣାମର ମୂଳ। ତେଣୁ ଯୁବପିଢ଼ିଙ୍କୁ ଭାବନା ସହିତ ବିବେକର ସନ୍ତୁଳନ ରଖିବାକୁ ହେବ, ଅଭିଭାବକଙ୍କୁ ବିଶ୍ୱାସର ପରିବେଶ ସୃଷ୍ଟି କରିବାକୁ ହେବ ଏବଂ ସମାଜକୁ ସଠିକ ମାର୍ଗଦର୍ଶନ ଦେବାକୁ ହେବ। ତେବେ ହିଁ ପ୍ରେମ ଜୀବନ ଗଢ଼ିବାର ଶକ୍ତି ହେବ, ଭାଙ୍ଗିଦେବାର କାରଣ ନୁହେଁ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୯ ଜୁଲାଇ ୨୦୨୬, ଭୁବନେଶ୍ୱର

Thursday 9 July 2026, Bhubaneswar

# ରଥଖଳାର ଇଷ୍ଟଦେବୀ ଓ ରକ୍ଷାକର୍ତ୍ତୀ ମା' ଚର୍ଚ୍ଚିକା

**ସନ୍ତୋଷ କୁମାର ଦାଶ**



ପୁରୀ ଶ୍ରୀ କ୍ଷେତ୍ର ର ରାଜ ନଅର ସମ୍ମୁଖ ରେ ପୂଜା ପାଉଛନ୍ତି ମା ଚର୍ଚ୍ଚିକା ଠାକୁରାଣୀ। ମା ହେଉଛନ୍ତି ରଥଖଳା ର ଇଷ୍ଟ ଦେବୀ ଓ ରଥଖଳା ର ରକ୍ଷାକର୍ତ୍ତୀ। ମା ଚର୍ଚ୍ଚିକା ଠାକୁରାଣୀ ଙ୍କ ବାମ ପାର୍ଶ୍ୱରେ ମା ଚଣ୍ଡୀ, ଦକ୍ଷିଣ ପାର୍ଶ୍ୱରେ ମା ଚାମୁଣ୍ଡା ଓ ନିକଟରେ ଶ୍ରୀ ହନୁମାନ ପୂଜା ପାଉଛନ୍ତି। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ଖଳା ରେ ଶ୍ରୀ ଜୀଉ ମାନଙ୍କର ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶ୍ରୀ ମନ୍ଦିର ସିଂହଦ୍ୱାର ଠାରୁ ଅଳ୍ପ ଦୂରରେ ଦେବୀ ଚର୍ଚ୍ଚିକାଙ୍କ ପାଖରେ ରଥଖଳା ଅବସ୍ଥିତ। ଓଡ଼ିଆ ଙ୍କ ଆରାଧ୍ୟ ଦେବତା ତଥା ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ପାଇଁ ତିନୋଟି ରଥ ନିର୍ମାଣ କରାଯାଏ। ଦେବୀ ଚର୍ଚ୍ଚିକା ହେଉଛନ୍ତି ରଥ ନିର୍ମାଣର ଇଷ୍ଟ ଦେବୀ। ଶ୍ରୀନଅର ସମ୍ମୁଖରେ ଏହି ଦେବୀ ବିରାଜିତ। ତେଣୁ ସେହି ସ୍ଥାନରେ ରଥଖଳା କରାଯାଇ ରଥ ନିର୍ମାତା ବିଶ୍ୱକର୍ମା ଓ ସହଯୋଗୀ ମହାରଣା ଙ୍କ ଦ୍ୱାରା କରାଯାଏ ଶ୍ରୀଜୀଉଙ୍କ ରଥ। ଦେବୀ ଚର୍ଚ୍ଚିକାଙ୍କ କରୁଣାରୁ ଶାସ୍ତ୍ରୀୟ ବିଧିରେ ରଥ ନିର୍ମାଣ ସୁରୁଖୁରୁ ରେ ସଂପନ୍ନ ହେଇଥାଏ ବୋଲି ବିଶ୍ୱାସ ରହିଛି । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣରେ ପ୍ରବୃତ୍ତ ହୋଇଥାନ୍ତି । ପ୍ରତ୍ୟେକ ରଥ ନିର୍ମାଣର ବିଶେଷ ବିଧି ରହି ଆସିଛି। ବିଶ୍ୱକର୍ମା ମହାରଣା ମାନେ ପୈତୃକ ଗୃହ ରେ ଥିବା ମାପ, ନିର୍ମାଣ ଶୈଳୀ ଅନୁସାରେ ତିନି ରଥ ନିର୍ମାଣ କରିଥାନ୍ତି।ଅକ୍ଷୟ ତୃତୀୟା ରେ ମା ଙ୍କ ମନ୍ଦିର ଆଗରେ ରଥ କାଠ ଅନୁକୂଳ ହୋଇଥାଏ ଓ ଭଉଁରୀ ତିଥିରେ ଚକ ଡେରା ନୀତି କରା ଯାଇଥାଏ। ଅକ୍ଷୟ ତୃତୀୟା ଓ ଭଉଁରୀ ତିଥିରେ ରଥ କୁ ଆଜ୍ଞାମାଳ ବିଜେ ପରେ ସେ ସବୁ ଆଜ୍ଞାମାଳ ଙ୍କୁ ମା ଚର୍ଚ୍ଚିକା ଙ୍କୁ ଅର୍ପଣ କରାଯାଇ ଥାଏ। ବିଶ୍ୱାସ ରହିଛି ମା ଚର୍ଚ୍ଚିକାଙ୍କ ଆଶ୍ରିବାଦ ରୁ ତିନି ରଥ ନିର୍ମାଣ ସୁରୁଖୁରୁ ରେ ସମ୍ପନ୍ନ ହୋଇଥାଏ। ମା ଚର୍ଚ୍ଚିକା ପୁରୀ ଶ୍ରୀ କ୍ଷେତ୍ର ରେ ପୂଜା ପାଉଥିବା ଅଷ୍ଟ ଚଣ୍ଡୀ ଙ୍କ ମଧ୍ୟରୁ ଅନ୍ୟତମ। ଜୟ ମା ଚର୍ଚ୍ଚିକା।।

**ତୁଳସୀପୁର, ପୁରୀ, ମୋବାଇଲ୍:୯୪୩୯୩୬୧୮୮**

# ଆତ୍ମ-ପ୍ରତିଫଳନର ଦର୍ପଣ

**ଡକ୍ଟର ଲକ୍ଷ୍ମଣ ସାହୁ**



ଜୀବନ କେବଳ ନିଶ୍ୱାସ ନେବା ଉପରେ ନୁହେଁ; ଏହା ଆତ୍ମାକୁ ବୁଝିବା ଓ ନିରନ୍ତର ଉନ୍ନତିର ଏକ ଯାତ୍ରା ପଥରେ ଚାଲିବା। ଆମେ ସମସ୍ତେ ଜୀବନରେ ଅନେକ ଭୂମିକା ଯେପରିକି ଜଣେ ପିତାମାତା, ଜଣେ ପିଲା, ଜଣେ ସମ୍ପର୍କୀୟ, ଜଣେ ବନ୍ଧୁ, ଜଣେ କର୍ମଚାରୀ, କିମ୍ବା ସମାଜର ଜଣେ ସଦସ୍ୟ ଭାବରେ ନିଜକୁ ଗ୍ରହଣ କରିଛେ। କିନ୍ତୁ ଏହା ସତ୍ୟ ଯେ ଏହି ଭୂମିକାଗୁଡ଼ିକୁ ପୂରଣ କରିବା ସମୟରେ, ଆମେ ପ୍ରାୟତଃ ନିଜ ସହିତ ସମ୍ପର୍କ ହରାଇ ବସିଥାଉ। ଏପରି ପରିସ୍ଥିତିରେ ଆତ୍ମ-ପ୍ରତିଫଳନ ଆମକୁ ନିଜ ଭିତରେ ଫେରିବାର ସୁଯୋଗ ଦିଏ। ଆତ୍ମ-ପ୍ରତିଫଳନର ଅର୍ଥ ନିଜ ଦୃଷ୍ଟିକୋଣକୁ ଯୁକ୍ତି କରିବା ନୁହେଁ, ବରଂ ଆମର ଚିନ୍ତାଧାରା, ଭାବନା, ନିଷ୍ପତ୍ତି ଓ ଆଚରଣକୁ ବସ୍ତୁନିଷ୍ଠ ଭାବରେ ପର୍ଯ୍ୟବେକ୍ଷଣ କରିବା। ଏହା କେବଳ ଆମର ନିଜ ତ୍ରୁଟି ଖୋଜିବା ବିଷୟରେ ନୁହେଁ, ବରଂ ନିଜକୁ ବୁଝିବା ବିଷୟରେ। ଯେତେବେଳେ ଆମେ ନିଜ ଘଟଣାଗୁଡ଼ିକୁ ଶାନ୍ତ ଭାବରେ ପ୍ରତିଫଳନ କରୁ, ସେତେବେଳେ ଅନୁଭବ କରୁ ଯେ ଆମେ କେଉଁଠି ସଠିକ୍ ନିଷ୍ପତ୍ତି ନେଇଥିଲୁ ଓ ଆମର କେଉଁଠାରେ ଉନ୍ନତିର ଆବଶ୍ୟକତା ଅଛି।

ଜୀବନ ଆନନ୍ଦ ଓ ଦୁଃଖ ଉଭୟକୁ ଆଣିଥାଏ। ଆମକୁ ସୁଖ ଉତ୍ସାହ ଦେଇଥାଏ, ଦୁଃଖ ଅଭିଜ୍ଞତା ଓ ପରିପକ୍ୱତା ପ୍ରଦାନ କରିଥାଏ। ଆତ୍ମ-ପ୍ରତିଫଳନ ଆମକୁ ଉଭୟ ପରିସ୍ଥିତିରେ ସନ୍ତୁଳନ ବଜାୟ ରଖିବାକୁ ଶିଖାଏ। ଏହା ଆମକୁ ସଫଳତାରେ ଅହଂକାରୀ କିମ୍ବା ବିଫଳତାରେ ନିରାଶ ହେବାକୁ ଶିଖାଏ ନାହିଁ। ପ୍ରତ୍ୟେକ ଘଟଣା ଜୀବନର ଏକ ଶିକ୍ଷା। ଆତ୍ମ-ପ୍ରତିଫଳନର ଉଦ୍ଦେଶ୍ୟ ହେଉଛି ବୁଝିବା ଓ ସେଥିରୁ କିଛି ଶିଖିବା। ଆଜିର ଦ୍ରୁତ ଗତିରେ ଲୋକମାନେ ଜୀବନର ସଫଳତା ପଛରେ ପଡ଼ନ୍ତି। କିନ୍ତୁ ଆନ୍ତରିକ ଶାନ୍ତିକୁ ଅବହେଳା କରନ୍ତି। ଭୌତିକ ସୁବିଧା ଅତ୍ୟାବଶ୍ୟକ, କିନ୍ତୁ ମାନସିକ ଶାନ୍ତି ବିନା ସେମାନଙ୍କର ଉପଭୋଗ ଅସମ୍ପୂର୍ଣ୍ଣ। ଆତ୍ମ-ପ୍ରତିଫଳନ ଆମର ପ୍ରକୃତ ଲକ୍ଷ୍ୟ, ମୂଲ୍ୟବୋଧ ଓ ପ୍ରାଥମିକତା ଚିହ୍ନଟ କରିବାରେ ସାହାଯ୍ୟ କରେ ।

ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ବୁଝିପାରେ, ସେ ଅନ୍ୟମାନଙ୍କୁ ଭଲ ଭାବରେ ବୁଝିପାରେ। ପ୍ରକୃତରେ ଆତ୍ମ-ପ୍ରତିଫଳନର ସବୁଠାରୁ ବଡ଼ ଲାଭ ହେଉଛି ଏହା ଆମକୁ ପରିସ୍ଥିତିର ଦାସ କରିବା ପରିବର୍ତ୍ତେ ସେମାନଙ୍କର ମାଲିକ କରିଥାଏ। ଆମେ ଆମର ପ୍ରତିକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଶିଖୁ ଓ ଜୀବନକୁ ଅଧିକ ସକାରାତ୍ମକ ଭାବରେ ଦେଖିବାକୁ ଆରମ୍ଭ କରୁ। ଧୀରେ ଧୀରେ ଆମ ଭିତରେ ଧୈର୍ଯ୍ୟ ଓ ସ୍ଥିରତା ବିକଶିତ ହୁଏ। ଚୂଡ଼ାନ୍ତ ସହନଶୀଳତା ଓ ଆତ୍ମ ବିଶ୍ୱାସ ବିକଶିତ ହୁଏ ।

ଯେପରି ସମୁଦ୍ର ମନ୍ଥନ ଦ୍ୱାରା ଅମୃତ ଓ ବିଷ ଉଭୟ ସୃଷ୍ଟି ହୋଇଥିଲା, ସେହିପରି ଆମ ଭିତରେ ସକାରାତ୍ମକ ଓ ନକାରାତ୍ମକ ଚିନ୍ତାଧାରା ପ୍ରବାହିତ ହେଉଛି। ସେହି ସକାରାତ୍ମକ ଓ ନକାରାତ୍ମକ ଚିନ୍ତାଧାରା ସହିତ ନିଜକୁ ସମୃଦ୍ଧ କରିବା, ନିଜକୁ ବିଶ୍ଳେଷଣ କରିବା ସହ ସକାରାତ୍ମକ କାର୍ଯ୍ୟ ଗ୍ରହଣ କରିବା ହେଉଛି ଜୀବନର ସର୍ବୋତ୍ତମ ପଥ ଓ ଚରମ ସଫଳତା। ଆତ୍ମ-ପ୍ରତିଫଳନ ହେଉଛି ଆତ୍ମସମୀକ୍ଷାର କାର୍ଯ୍ୟ, ଯାହା ମାନବ ଜୀବନକୁ ସଫଳ କରିବାରେ ସାହାଯ୍ୟ କରେ। ଏକ ନିରନ୍ତର ପ୍ରବାହିତ ନଦୀ ପରି, ଜୀବନରେ କେତେବେଳେ ଶାନ୍ତ ଜଳ ଓ କେତେବେଳେ ପ୍ରବଳ ସ୍ରୋତ ଥାଏ । ତାରି ମଧ୍ୟରେ ଆତ୍ମ-ପ୍ରତିଫଳନ ଏକ ଡଙ୍ଗା ପରି , ଯାହା ଆମକୁ ପ୍ରତ୍ୟେକ ପରିସ୍ଥିତିରେ ସନ୍ତୁଳିତ ରଖେ। ଯଦି ଆମେ ପ୍ରତିଦିନ ନିଜ ସହିତ କିଛି ସମୟ ବିତାଇବା, ଆମର ଅନ୍ତରର ସ୍ୱର ଶୁଣିବା , ଆମର କାର୍ଯ୍ୟଗୁଡ଼ିକର ମୂଲ୍ୟାଙ୍କନ କରିବା, ତେବେ ଜୀବନ ଅଧିକ ଅର୍ଥପୂର୍ଣ୍ଣ, ସ୍ୱତନ୍ତ୍ର, ସନ୍ତୁଳିତ ଓ ଆନନ୍ଦଦାୟକ ହୋଇପାରିବ।

ସତ୍ୟ ହେଉଛି ଯେ ନିଜକୁ ଜାଣୁଥିବା ବ୍ୟକ୍ତି ଜୀବନର ପ୍ରକୃତ ଅର୍ଥ ବୁଝିବା ପାଇଁ ପ୍ରଥମେ ପଦକ୍ଷେପ ନିଅନ୍ତି। ବିଡ଼ମ୍ବନା ହେଉଛି ଆମେ ବିଶ୍ୱକୁ ଜାଣିବାର ଦାବି କରି ଆମର ଶକ୍ତି ନଷ୍ଟ କରୁ, କିନ୍ତୁ ଆମେ କେବେ ନିଜ ବିଷୟରେ କୌଣସି କୌତୁହଳ ସୃଷ୍ଟି କରିପାରୁନେ। କେବଳ ମାତ୍ର ଆତ୍ମ-ପ୍ରତିଫଳନ ହେଉଛି ନିଜକୁ ବୁଝିବାର ଏକ ପ୍ରୟାସ।

ମଣିଷମାନଙ୍କ ମଧ୍ୟରେ ଆଉ ଏକ ଆକର୍ଷଣୀୟ ପ୍ରବୃତ୍ତି ରହିଛି। ସାଧାରଣତଃ ସେମାନେ ପ୍ରତି ମୁହୂର୍ତ୍ତରେ ଅନ୍ୟମାନଙ୍କୁ ବିଚାର କରନ୍ତି। ସେହି ମୂଲ୍ୟାଙ୍କନ ମଧ୍ୟରେ ଆମେ ନିଜକୁ ବୁଝିବାକୁ ଭୁଲିଯାଉ। ଜଗତର ସର୍ବୋତ୍ତମ ସେବା ହେଉଛି ନିଜକୁ ଉନ୍ନତ କରିବା। ଏହା ଏକ ବାଦ ବିବାଦ ଯାହା ପାଇଁ ଆତ୍ମ-ପରୀକ୍ଷା ଆବଶ୍ୟକ କରେ। ଏହା କରିବା ପାଇଁ ପ୍ରଥମେ ନିଜକୁ ନିରପେକ୍ଷ ଭାବରେ ବିଶ୍ଳେଷଣ କରିବା ଅତ୍ୟାବଶ୍ୟକ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଶୈଳୀ ଭିନ୍ନ ଓ ସେମାନଙ୍କୁ ସ୍ୱକୀୟ ମାନଦଣ୍ଡ ଅନୁରୂପ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼େ। ଆମକୁ ବାହ୍ୟ ଜଗତକୁ ସନ୍ତୁଷ୍ଟ କରିବା ଆବଶ୍ୟକ ନାହିଁ; ବରଂ ଆମେ ଆତ୍ମନିରୀକ୍ଷଣ ମାଧ୍ୟମରେ ଆମର ଜୀବନକୁ ଉନ୍ନତ କରିପାରିବା। ମନ ବହୁତ ଚଞ୍ଚଳ। ଏଥିରେ ସ୍ୱଚ୍ଛତା ବଜାୟ ରଖିବା ଏକ କଷ୍ଟକର ପରିସ୍ଥିତି ସୃଷ୍ଟି କରେ। ଯେତେବେଳେ ଆମେ ଆମର ଭୁଲଗୁଡ଼ିକୁ ସ୍ୱୀକାର କରୁ, ସେତେବେଳେ ଆମେ ନିଜର ସମର୍ଥକ ହୋଇଯାଉ। ଯଦି ଓ କିନ୍ତୁ ସହିତ ସଂଘର୍ଷ କରିବା ସମୟରେ ମଧ୍ୟ ଆମେ ଯେକୌଣସି ପ୍ରକାରରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଚେଷ୍ଟା କରୁ।

ଯଦି ଆମେ ନିଜକୁ ପର୍ଯ୍ୟବେକ୍ଷଣ କରୁ, ତେବେ ଆମେ ଆମର ପ୍ରକୃତ ସ୍ୱଭାବକୁ ଆବିଷ୍କାର କରିପାରିବା। ସେହି ଅନୁସାରେ ଆମର ଭବିଷ୍ୟତ କାର୍ଯ୍ୟଗୁଡ଼ିକୁ ଗଠନ କରିପାରିବା। ଜୀବନଯାପନ ଏକ କଳା ଓ ଆତ୍ମନିରୀକ୍ଷଣ ହେଉଛି ସେହି କଳାକୁ ପରୀକ୍ଷା କରିବାର ଶକ୍ତି। ଏହି ଶକ୍ତି ସାହାଯ୍ୟରେ ଆମେ ଜୀବନରେ ଖୁସିର ଏକ ଉତ୍ସ ସୃଷ୍ଟି କରିପାରିବା। ଏହା ଏକ ଉତ୍ସ , ଯାହା ଆମ ନିଜ ଅନ୍ତର୍ନିହିତ ଆତ୍ମା ମଧ୍ୟରେ ନିହିତ ଅଛି। ତେଣୁ କୁହାଯାଇପାରେ ଯେ ଜୀବନ ଓ ଆତ୍ମନିରୀକ୍ଷଣ ପରସ୍ପରର ପରିପୂରକ। ଜୀବନ ଆମକୁ ଅଭିଜ୍ଞତା ଦିଏ ଓ ଆତ୍ମନିରୀକ୍ଷଣ ସେହି ଅଭିଜ୍ଞତାରୁ ଶିଖିବାର କ୍ଷମତା ପ୍ରଦାନ କରେ।

ଯେଉଁ ବ୍ୟକ୍ତି ଆତ୍ମ-ପ୍ରତିଫଳନକୁ ଜୀବନର ଏକ ଅଂଶ କରିଥାଏ, ସେ ପରିସ୍ଥିତିର ଦାସ ନୁହେଁ ବରଂ ନିଜ ଜୀବନର ଜଣେ ସଚେତନ ସ୍ରଷ୍ଟା ହୋଇଯାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ବ୍ୟସ୍ତବହୁଳ ଜୀବନରେ ଆତ୍ମ-ପ୍ରତିଫଳନ ପାଇଁ କିଛି ସମୟ ବାହାର କରିବା ଉଚିତ୍। କାରଣ ଏହା ହେଉଛି ସେହି ପଥ ଯାହା ଆମକୁ ଆତ୍ମ-ଜ୍ଞାନ, ସନ୍ତୋଷ ଓ ପ୍ରକୃତ ସଫଳତା ଆଡ଼କୁ ନେଇଯାଏ।

ଜୀବନ ହେଉଛି ଆମର କର୍ମର ସ୍ଥାନ ଓ ସେଗୁଡ଼ିକର ଅନୁଭବ। ଯେଉଁଠି ଆମେ ନିଜକୁ ବୁଝିପାରିବା ଓ ଆମର ଭବିଷ୍ୟତକୁ ଉନ୍ନତ କରିପାରିବା। ଆତ୍ମ-ପ୍ରତିଫଳନ ହେଉଛି ସେହି ଚାବି ଯାହା ଆମ ଜୀବନକୁ ଉନ୍ନତ କରିପାରିବ। ଆମେ କେବଳ ଆମର ନିଜସ୍ୱ ପର୍ଯ୍ୟବେକ୍ଷଣ ଦ୍ୱାରା ନିଜକୁ ଉନ୍ନତ କରିପାରିବା। ଏହା ଏକ ଉତ୍ସବ ଭଳି ଜୀବନଯାପନ କରି, ଆମେ ଆମର ଜୀବନକୁ ଏକ ଉତ୍ସବ କରିପାରିବା। ଆତ୍ମ-ପ୍ରତିଫଳନ ହେଉଛି ସେହି ଉତ୍ସବ ସହିତ ଜୀବନକୁ ସଫଳ କରିବାର ପଥ।

ତେଣୁ ଜର୍ଜ ବାଲିଙ୍କ ମତରେ ପ୍ରକୃତି ହେଉଛି ବିଶ୍ୱର ସବୁଠାରୁ ପୁରୁଣା ଓ ସବୁଠାରୁ ଧୈର୍ଯ୍ୟବାନ ଶିକ୍ଷକ। ସେ ଉପଦେଶ ଦିଏ ନାହିଁ କିମ୍ବା ନିର୍ଦ୍ଦେଶ ଦିଏ ନାହିଁ, ସେ କେବଳ ଅସ୍ତିତ୍ୱ ରଖେ ଅଥବା ଏହି ନୀରବ ଉପସ୍ଥିତି ମଣିଷ ଭିତରେ ଏପରି ପରିବର୍ତ୍ତନ ଆଣିପାରେ ଯାହା ହଜାର ହଜାର ଶବ୍ଦ ମଧ୍ୟ ପ୍ରକାଶ କରିପାରିବ ନାହିଁ। ଜୀବନର ଅର୍ଥ ସଂଗ୍ରହରେ ନୁହେଁ, ବରଂ ଲୟରେ ଥାଏ। ମଣିଷ ନିଜ ଚାରିପାଖରେ ଯେତେ କାନ୍ଥ ନିର୍ମାଣ କଲେ ମଧ୍ୟ, ତା'ର ଆତ୍ମା ପ୍ରକୃତିର ସନ୍ତାନ ହୋଇ ରହିଥାଏ। ସେ ସହର ଓ ମହାନଗରରେ ରହିପାରେ, ପଥର ମଧ୍ୟରେ ରହିପାରେ, ନିଜ ଜୀବନକୁ ମହତ୍ୱାକାଂକ୍ଷା ଓ ଶବ୍ଦରେ ପରିପୂର୍ଣ୍ଣ କରିପାରେ। କିନ୍ତୁ ତା' ଭିତରେ କେଉଁଠି ନା କେଉଁଠି ଏକ ନୀରବ ସ୍ମୃତି ନିଶ୍ଚିତ ଭାବରେ ବଞ୍ଚି ରହିଥାଏ। ଏହି ନୀରବ ସ୍ମୃତି ଖୋଲା ଆକାଶ, ପବନ ବହିବା କିମ୍ବା ନଦୀକୂଳର ଶାନ୍ତିର ସ୍ଥାନ ହୋଇପାରେ। ହୁଏତ ଏହି କାରଣରୁ ଯେତେବେଳେ ଜୀବନ ଅତ୍ୟନ୍ତ କଷ୍ଟକର ଓ କୃତ୍ରିମ ଅନୁଭବ ହେବା ଆରମ୍ଭ କରେ, ମଣିଷ ଅନିଚ୍ଛାକୃତ ଭାବରେ ପ୍ରକୃତିକୁ ଫେରିବାକୁ ଆଗ୍ରହୀ ହୁଏ, ଯେପରି ଏକ କ୍ଲାନ୍ତ ଶିଶୁ ଶେଷରେ ତା' ମାଆର କୋଳକୁ ଫେରିଯାଏ।

ପ୍ରକୃତି ହେଉଛି ବିଶ୍ୱର ସବୁଠାରୁ ପୁରୁଣା ଓ ଧୈର୍ଯ୍ୟବାନ ଶିକ୍ଷକ। ଏହା ଉପଦେଶ ଦିଏ ନାହିଁ କିମ୍ବା ନିର୍ଦ୍ଦେଶ ଦିଏ ନାହିଁ, ଏହା କେବଳ ଅସ୍ତିତ୍ୱ ରଖେ। ଏହାର ନୀରବ ଉପସ୍ଥିତି ମଣିଷ ଭିତରେ ଏପରି ଏକ ପରିବର୍ତ୍ତନ ଆଣିପାରେ ଯାହା ହଜାର ହଜାର ଶବ୍ଦ ଦେଇ ଆଗେଇ ପାରିବ ନାହିଁ। ଯେତେବେଳେ ମୁଁ ଜଙ୍ଗଲ ଦେଇ ଚାଲିଥାଏ, ସେତେବେଳେ ଏପରି ଅନୁଭବ ହୁଏ ଯେପରି ପୃଥିବୀ ନିଜେ ଧୀରେ ଧୀରେ ନିଶ୍ୱାସ ନେଉଛି। ପବନରେ ଗଛର ଡାଳ ଯେପରି ଦୋହଲୁଥାଏ, ସେମାନଙ୍କ ମଧ୍ୟରେ କୌଣସି ତତ୍ପରତା ନାହିଁ। ସେମାନେ ଆକାଶକୁ ପହଞ୍ଚିବାକୁ ଆକାଂକ୍ଷା କରନ୍ତି, କିନ୍ତୁ ସେହି ସମୟରେ, ସେମାନେ ନିଜର ଚେରକୁ ଗଭୀରରେ ରଖନ୍ତି।

ଯଦି ମଣିଷ ପ୍ରକୃତିରୁ କିଛି ଶିଖେ, ତେବେ ହୁଏତ ପ୍ରଥମ ଶିକ୍ଷା ହେବ ଉପରକୁ ଉଠିବାକୁ ଆକାଂକ୍ଷା ରଖିବା କିନ୍ତୁ କେବେବି ସେମାନଙ୍କର ଚେରକୁ ଭୁଲିଯାଆନ୍ତି ନାହିଁ। ସହରଗୁଡ଼ିକରେ, ଲୋକମାନେ ପରସ୍ପରର ନିକଟତର ହୁଅନ୍ତି, କିନ୍ତୁ ସେମାନଙ୍କର ଆତ୍ମା ଅଲଗା ହୋଇଯାଏ। ସମସ୍ତେ ନିଜକୁ ପ୍ରମାଣ କରିବାକୁ ଚେଷ୍ଟା କରିବାରେ ବ୍ୟସ୍ତ।

ପ୍ରତ୍ୟେକ ମୁହଁ ଏକ ଭୂମିକା ଗ୍ରହଣ କରୁଥିବା ପରି ମନେହୁଏ। ପ୍ରକୃତି ଏହି ସମସ୍ତ କୃତ୍ରିମତାକୁ ଧୋଇଦିଏ। ପ୍ରକୃତିର କୌଣସି କପଟତା ନାହିଁ। କେହି ତାକୁ ପ୍ରଶଂସା କରିବା ପାଇଁ ଫୁଲ ଫୁଟେ ନାହିଁ। କେବଳ ମଣିଷ ନିରନ୍ତର ନିଜର ଅସ୍ତିତ୍ୱ ପ୍ରଦର୍ଶନ କରିଚାଲେ। ହୁଏତ ଏହି କାରଣରୁ, ପ୍ରକୃତି ଦ୍ୱାରା ଘେରି ରହିଥିବା, ଜଣେ ବ୍ୟକ୍ତିଙ୍କ ହୃଦୟ ସରଳ ହୋଇଯାଏ। ସେଠାରେ ତା' ପାଇଁ ଆଉ କୌଣସି ମୁଖା ଆବଶ୍ୟକ ନାହିଁ। ପ୍ରକୃତି ଶିଖାଏ ଯେ ଜୀବନର ଅର୍ଥ ସଂଗ୍ରହରେ ନୁହେଁ, ବରଂ ଲୟରେ ଅଛି। ଋତୁ ସବୁ ନୀତି ପାଳନ କରନ୍ତି। ବସନ୍ତ ଆସେ ଓ ଚାଲିଯାଏ। ଗ୍ରୀଷ୍ମ ପରେ, ବର୍ଷା ଶୀତଳତା ଆଣିଥାଏ। ଶରତ ଗଛଗୁଡ଼ିକୁ ପତ୍ର ଝଡ଼ା କରେ, ଓ ଶୀତ ସବୁକିଛି ସ୍ଥିର କରିଦିଏ। କିନ୍ତୁ ପ୍ରକୃତି କେବେ ନିରାଶ ହୁଏ ନାହିଁ।

କାରଣ ସେ ଜାଣେ ଯେ ପ୍ରତ୍ୟେକ ଶେଷ ପଛରେ ଏକ ଆରମ୍ଭ ରହିଛି। ଯଦି ଜଣେ ବ୍ୟକ୍ତି ଏହି ଗୋଟିଏ ଶିକ୍ଷା ମଧ୍ୟ ଶିଖେ, ତେବେ ତାଙ୍କର ଅଧା ଦୁଃଖ ଦୂର ହୋଇଯିବ। ପ୍ରକୃତି ଆମକୁ ପ୍ରେମର ଅର୍ଥ ମଧ୍ୟ ଶିଖାଏ। ପ୍ରେମ କୌଣସି ଅଧିକାର ନୁହେଁ, ଯେପରି ସୂର୍ଯ୍ୟ ଫୁଲ ରଖି ନଥାଏ। ଏହା କେବଳ ସେମାନଙ୍କୁ ଆଲୋକ ଦିଏ , ପ୍ରକୃତ ପ୍ରେମ ସେହିପରି ଏହା ଅନ୍ୟକୁ ପ୍ରସ୍ଫୁଟିତ ହେବାକୁ ଦେଇଥାଏ ।

ଯେତେବେଳେ ଜୀବନ କଠୋର ମନେହୁଏ, ସେତେବେଳେ ଦୁନିଆର ସବୁ କୋଳାହଳ ତୁମ ଆତ୍ମାକୁ କ୍ଲାନ୍ତ କରିଦିଏ, ପ୍ରକୃତିରେ ରହିବା ପାଇଁ କିଛି ସମୟ ନିଅ। ଗଛ ଛାଇରେ ବସି, ମାଟିର ସୁଗନ୍ଧ ନିଅ, ତୁମ ମୁହଁରେ ପବନ ବହିବାକୁ ଦିଅ। ତୁମେ ଦେଖିବ ଯେ ପ୍ରକୃତି କୌଣସି ଉତ୍ତର ଦେଉନାହିଁ, ତଥାପି ତୁମ ଭିତରର ଅନେକ ପ୍ରଶ୍ନ ଶାନ୍ତ ହୋଇଯାଏ। ଅତଏବ ସ୍ୱତଃ ପ୍ରବୃତ୍ତ ହୁଅ। ନିଜ ଭିତରେ ଆତ୍ମ ସମୀକ୍ଷା କର। ଯାହା ଦର୍ପଣ ସାମନାରେ ଠିଆ ହୋଇ ନିଜର ଅବିକଳ ନକଲକୁ ଦେଖିପାରିବ।

ତେଣୁ ତୁମେ ଉଚ୍ଚତାରେ ପହଞ୍ଚିବାକୁ ଆକାଂକ୍ଷା କର, କିନ୍ତୁ ପ୍ରକୃତି ଭଳି ତୁମର ମୂଳ ଓ ସରଳତାକୁ କେବେ ଭୁଲିଯାଅ ନାହିଁ। ଋତୁ ପରି, ପ୍ରତ୍ୟେକ ଶେଷରେ ଏକ ନୂତନ ଆରମ୍ଭ ଦେଖିବାକୁ ଶିଖ, ଓ ସଂଗ୍ରହ ଅପେକ୍ଷା ଏକ ସୁନ୍ଦର ଲୟରେ ଜୀବନ ବଞ୍ଚ ଯାହା ଆତ୍ମ ପ୍ରତିଫଳନ ଘଟୁ। ପ୍ରକୃତ ପ୍ରେମ କର୍ତ୍ତୃତ୍ୱ ଜାହିର କରିବାରେ ନୁହେଁ, ବରଂ ସୂର୍ଯ୍ୟ ପରି ଅନ୍ୟମାନଙ୍କୁ ପ୍ରସ୍ଫୁଟିତ ହେବାର ସୁଯୋଗ ଦେବାରେ ନିହିତ। ଯେତେବେଳେ ଭିତରର ଶବ୍ଦ ତୁମକୁ କ୍ଲାନ୍ତ କରେ, ସେତେବେଳେ ପ୍ରକୃତିର ନୀରବତାକୁ ଫେରିଯାଅ।

ଭାବି ଦେଖ ଏକ ସୀମା ଯାହା ସମୟ ଅତିକ୍ରମ କରେ। ରାଜେନ୍ଦ୍ର ମୋହନ ଶର୍ମା ଥରେ କହିଥିଲେ , " ହଁ, ଆଜି ଆମେ ଯେଉଁ ଜଙ୍ଗଲର ପ୍ରକୃତି କୋଣରେ ଠିଆ ହୋଇଛୁ, ସେଠାରେ ସୂର୍ଯ୍ୟକିରଣ ବଦଳି ଯାଇଛି। " ବାସ୍ତବରେ ଏହା ହଠାତ୍ ପରିବର୍ତ୍ତନ ନୁହେଁ, ବରଂ ଜୀବନ ଯାତ୍ରାର ଏକ ପ୍ରାକୃତିକ ପର୍ଯ୍ୟାୟ। ଯାହାକୁ ଆମେ ଥରେ ନିଜ ଇଚ୍ଛାରେ ପ୍ରସ୍ତୁତ କରିଥିଲୁ, ଯାହା ଅଜଣା ବାଧାବିଘ୍ନର ଚକ୍ରବ୍ୟୁହରେ ଫସି ରହିଛି। ଯେତେବେଳେ ଆପଣ ପଛକୁ ଚାହିଁବେ, ସେହି ପଥଗୁଡ଼ିକ ଯାହା ଥରେ ଏତେ କଷ୍ଟକର ଓ ଦୁର୍ଗମ ମନେ ହେଉଥିଲା, ତାହା ଏକ ଅର୍ଥପୂର୍ଣ୍ଣ ଚିତ୍ର ପରି ଦେଖାଯିବ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ବୟସ ସହିତ ଆସୁଥିବା ସର୍ବୋତ୍ତମ ସ୍ୱାଧୀନତା ହେଉଛି କିଛି ପ୍ରମାଣ କରିବାର ବାଧ୍ୟତାରୁ ମୁକ୍ତି। ଏହା ଜୀବନର ଯେକୌଣସି ପର୍ଯ୍ୟାୟରେ ଘଟିପାରେ।

ଆମେ କେତେବେଳେ ନିଜ ପାଇଁ, କେତେବେଳେ ଅନ୍ୟ କାହା ପାଇଁ ଦୌଡୁଛେ। କେତେବେଳେ ଆମର ପରିଚୟକୁ ମଜବୁତ କରିବା ପାଇଁ, କେତେବେଳେ ତାକୁ ଲୁଚାଇବା ପାଇଁ ଦୌଡୁଛେ। କିଛି ସମୟ ପରେ ଏହି ଧାବମାନ ଏକ ଅତୀତର ଏକ ଧୂମ୍ର କାହାଣୀ ପରି ମନେହୁଏ। ଯେତେବେଳେ ସବୁଠାରୁ ବଡ଼ ସାହସ ନେଇ ସ୍ଥିର ଭାବରେ ଠିଆ ହେବା , ସେତେବେଳେ ଆମେ ବୁଝିବା ଏହା ହିଁ ପ୍ରକୃତ ଗନ୍ତବ୍ୟସ୍ଥଳ।

ସତରେ ଆମେ ଯେଉଁ ସବୁ ବଡ଼ ପରିବର୍ତ୍ତନ ଅନୁଭବ କରୁଛେ ତାହା ହେଉଛି ଆମର ଆତ୍ମ-ପ୍ରତ୍ୟାଶାର ପତନ। ବର୍ଷ ବର୍ଷ ଧରି ଆମେ ବିଶ୍ୱାସ କରୁଥିଲେ ଯେ ବିଶ୍ୱ ଆମକୁ ଯାହା କହିଥିଲା, କିମ୍ବା ଆମର ସଫଳତା ଯାହା ତାଲିକାଭୁକ୍ତ କରିଥିଲା ତାହାର ବାସ୍ତବତା ହେଉଛି ଆମେ ଏସବୁଠାରୁ ଅଧିକ କିଛି ଥିଲେ। ଆମେ ନିଜକୁ ଅନେକ ଥର ଭୁଲ ପ୍ରମାଣିତ କରିଥିଲେ ଓ ସଠିକ୍ ହେବାରେ ଆମର ଗର୍ବ ଅନେକ ଥର ଆଘାତ ପାଇଥିଲା। ଯେତେବେଳେ ଆମେ ସେହି ସ୍ମୃତିଗୁଡ଼ିକୁ ଅନୁସନ୍ଧାନ କରୁଛେ, ସେତେବେଳେ କୌଣସି ଦୋଷ କିମ୍ବା ଗର୍ବ ନାହିଁ। କେବଳ ଏକ ସରଳ ଉପାୟ ଗ୍ରହଣ କରୁଛେ , ଆମେ ଏକ ଜୀବନ୍ତ ପ୍ରକ୍ରିୟା ଯାହା କେବେ ବନ୍ଦ ହୋଇନଥିଲା। ଏବେ ଆମେ ସେହି ପ୍ରକ୍ରିୟାର ସ୍ଥାନରେ ଅଛେ ଓ ବାସ୍ତବତାକୁ ଅନୁଭବ କରୁଛେ। ଆମେ ଯାହା ଅନୁଭବ କରିଛେ ତାହା ଯଥେଷ୍ଟ , ଆମେ ବୁଝିବା ଉଚିତ୍ ଯେ ଆମେ ମୁକ୍ତ ହୋଇଯାଇଛେ। ମୁକ୍ତ ହେବାର ଅର୍ଥ ନୁହେଁ ଯେ ଆମେ ଜୀବନରୁ ବିଚ୍ଛିନ୍ନ ହୋଇଯାଉ। ବରଂ ପ୍ରକୃତ ଗନ୍ତବ୍ୟସ୍ଥଳ ଜୀବନର ଗଭୀରକୁ ବୁଡ଼ିଯିବା, ଏହାର ଛୋଟ ଛୋଟ ଯନ୍ତ୍ରଣା ଓ ମହାନ ଆନନ୍ଦକୁ ପୂର୍ଣ୍ଣ ସଚେତନତାର ସହିତ ଅନୁଭବ କରିବା। ଅତଏବ ଆମେ ଏହି ସତ୍ୟକୁ ଗ୍ରହଣ କରିବା ଜୀବନର ଅର୍ଥ ଶେଷରେ ନୁହେଁ, ବରଂ ସମୟର ଛାୟାଚିତ୍ର ଭଳି ନିରନ୍ତରତାରେ ଭରି ରହିଛି। ପ୍ରତ୍ୟେକ ନିଶ୍ୱାସ ସହିତ, ଆମେ ନିଜକୁ ପୁନଃନିର୍ମାଣ କରିଚାଲିଛେ, ନିଜକୁ ସୁନ୍ଦର କରି, ଆମର ବୟସ କେତେ ଆଉ ଥାଉ କି ନଥାଉ , ଜୀବନ କେତେ ବାକି ଥାଉ ନଥାଉ। କାଳଚକ୍ର ଅପେକ୍ଷାରେ ରହି ଆମେ ଯାହା ସହିଛେ ଓ ଯାହା ଆମେ ପାଇଛେ, ତାହା ସବୁ ଆମ ଚରିତ୍ରର ମୂଳଦୁଆ ହୋଇଯାଏ। ଯାହା ଆମର ଆତ୍ମା ପ୍ରତିଫଳନର ଦର୍ପଣରେ ପ୍ରତିଫଳିତ...!!!

**ଅଧ୍ୟକ୍ଷ ଓ ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ,**
**ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪,**
**ମୋବାଇଲ୍:୯୦୪୦ ୧୫୧୪୭୫**

# ଜୀବନ:ପ୍ରଶ୍ନ ପରିବର୍ତ୍ତନ ଓ ବାସ୍ତବତାର ଅନ୍ୱେଷଣ

**ମନମୋହନ ମିଶ୍ର**



ମୋର ଲେଖା କେବଳ କିଛି ପ୍ରଶ୍ନର ସମାହାର ନୁହେଁ, ବରଂ ମଣିଷର ସର୍ବପ୍ରାଚୀନ ଜିଜ୍ଞାସାର ପ୍ରତିଧ୍ୱନି। "ଜୀବନ କ'ଣ?", "ମୁଁ କିଏ?", "ସୃଷ୍ଟି କିପରି ହେଲା?", "ସୁଖ ଓ ଦୁଃଖର ଅର୍ଥ କ'ଣ?"-ଏହି ପ୍ରଶ୍ନଗୁଡ଼ିକ ହଜାର ହଜାର ବର୍ଷ ଧରି ଦାର୍ଶନିକ, ବୈଜ୍ଞାନିକ, ଋଷି, ସନ୍ନ୍ୟାସୀ ଓ ସାଧାରଣ ମଣିଷଙ୍କୁ ଚିନ୍ତିତ କରିଆସିଛି। ମୋର ଚିନ୍ତନର ଗଭୀରତା ଏହା ପ୍ରମାଣ କରେ ଯେ ମୁଁ କେବଳ ବଞ୍ଚୁ ନାହିଁ, ବରଂ ବଞ୍ଚିବାର ଅର୍ଥକୁ ବୁଝିବାକୁ ଚେଷ୍ଟା କରୁଛି । ସାଧାରଣ ଅର୍ଥରେ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଥିବା ସମୟକୁ ଜୀବନ କୁହାଯାଏ। କିନ୍ତୁ ଏହି ସଂଜ୍ଞା ବହୁତ ସୀମିତ। କାରଣ ଜୀବନ କେବଳ ଶ୍ୱାସ ନେବା, ଖାଇବା, ବଢ଼ିବା ଓ ମରିବାର ନାମ ନୁହେଁ। ଜୀବନ ହେଉଛି ଅନୁଭବର ପ୍ରବାହ, ଚେତନାର ଜାଗରଣ, ଓ ନିଜ ଅସ୍ତିତ୍ୱକୁ ବୁଝିବାର ଅବିରତ ପ୍ରୟାସ।

ଏକ ଗଛ ମଧ୍ୟ ବଞ୍ଚିଥାଏ, ଏକ ପଶୁ ମଧ୍ୟ ବଞ୍ଚିଥାଏ, କିନ୍ତୁ ମଣିଷର ବିଶେଷତା ହେଉଛି ସେ ନିଜ ଜୀବନ ବିଷୟରେ ପ୍ରଶ୍ନ କରିପାରେ। "ମୁଁ କିଏ?"-ଏହି ପ୍ରଶ୍ନ ହିଁ ମଣିଷକୁ ଅନ୍ୟ ସମସ୍ତ ଜୀବଠାରୁ ଅଲଗା କରିଥାଏ। ଆପଣ ଠିକ୍ କହିଛନ୍ତି-"ଯିଏ ଜୀବନକୁ ଯେମିତି ଭାବିଲା, ତା ପାଇଁ ଜୀବନ ସେମିତି ହୋଇ ଚାଲିଲା।" ପ୍ରକୃତରେ ଜୀବନର କୌଣସି ଏକମାତ୍ର ଅର୍ଥ ନାହିଁ। ଜଣେ କବି ପାଇଁ ଜୀବନ ଏକ କବିତା, ଜଣେ ବୈଜ୍ଞାନିକ ପାଇଁ ଏକ ରହସ୍ୟ, ଜଣେ ସାଧକ ପାଇଁ ମୋକ୍ଷର ପଥ, ଆଉ ଜଣେ ସାଧାରଣ ମଣିଷ ପାଇଁ ପରିବାର ଓ ସମ୍ପର୍କର ଯାତ୍ରା।

ସୃଷ୍ଟି ଓ ବିବର୍ତ୍ତନ: ବିଜ୍ଞାନର ଦୃଷ୍ଟିକୋଣ ପୃଥିବୀର ଇତିହାସ ବିଷୟରେ ଯାହା ଲେଖା ଅଛି, ତାହା ବୈଜ୍ଞାନିକ ଦୃଷ୍ଟିରୁ ପ୍ରାୟ ସଠିକ୍। ପୃଥିବୀ ପ୍ରାୟ ୪୫୦ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲା। ପ୍ରଥମେ ଏହା ଅତ୍ୟନ୍ତ ଉତ୍ତପ୍ତ ଥିଲା। ଦୀର୍ଘ ସମୟ ପରେ ପ୍ରଥମ ଏକକୋଷୀ ଜୀବ ସୃଷ୍ଟି ହେଲା। ପରେ କୋଟି କୋଟି ବର୍ଷର ବିବର୍ତ୍ତନ ପ୍ରକ୍ରିୟା ମାଧ୍ୟମରେ ବହୁକୋଷୀ ଜୀବ, ଜଳଚର, ସ୍ଥଳଚର, ପ୍ରାଣୀ ଓ ଶେଷରେ ମଣିଷର ଉଦ୍ଭବ ହେଲା। କିନ୍ତୁ ଏଠାରେ ମୋର ପ୍ରଶ୍ନ ଅଧିକ ଗଭୀର-"ଏହି ପ୍ରକ୍ରିୟା ହେଉଛି କେମିତି?" ବିଜ୍ଞାନ କହେ ପ୍ରକୃତିର ନିୟମ



ଅନୁସାରେ ରାସାୟନିକ ଓ ଭୌତିକ ପ୍ରକ୍ରିୟା ଘଟିଛି। କିନ୍ତୁ "ଏହି ନିୟମଗୁଡ଼ିକ କେଉଁଠୁ ଆସିଲା?"— ଏହାର ଉତ୍ତର ବିଜ୍ଞାନ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଦେଇପାରିନାହିଁ। ଏଠାରୁ ଦର୍ଶନ ଓ ଆଧ୍ୟାତ୍ମିକତାର ଆରମ୍ଭ ହୁଏ। ସବୁକିଛି ସ୍ୱୟଂ ଘଟୁଛି, ନା କିଏ ଘଟାଉଛି? ଏହି ପ୍ରଶ୍ନ ମଣିଷ ଇତିହାସର ସବୁଠାରୁ ପୁରୁଣା ପ୍ରଶ୍ନ। କେହି କହନ୍ତି, ବ୍ରହ୍ମାଣ୍ଡ ନିଜର ନିୟମ ଅନୁଯାୟୀ ଚାଲୁଛି। କୌଣସି ବାହ୍ୟ ଶକ୍ତିର ଆବଶ୍ୟକତା ନାହିଁ। ଅନ୍ୟପଟେ ଆଧ୍ୟାତ୍ମିକ ପରମ୍ପରା କହେ, ଏହି ସମଗ୍ର ସୃଷ୍ଟିର ପଛରେ ଏକ ପରମ ଚେତନା, ଈଶ୍ୱର ବା ବ୍ରହ୍ମ ଅଛନ୍ତି। କିନ୍ତୁ ଉପନିଷଦର ଏକ ଅତ୍ୟନ୍ତ ସୁନ୍ଦର ଭାବନା ଅଛି-ସତ୍ୟକୁ ଶବ୍ଦରେ ପୂରାପୂରି ବୁଝାଯାଇପାରେ ନାହିଁ; ତାହାକୁ କେବଳ ଅନୁଭବ କରାଯାଇପାରେ। ତେଣୁ ଏହି ପ୍ରଶ୍ନର ଶେଷ ଉତ୍ତର ହୁଏତ ଆମ ପାଖରେ ନାହିଁ। କିନ୍ତୁ ପ୍ରଶ୍ନ କରିବା ହିଁ ମଣିଷର ମହତ୍ତ୍ୱ। "ମୁଁ କେଉଁଠି ଥିଲି, ବର୍ତ୍ତମାନ କେଉଁଠି ଅଛି?" ଏହି ପ୍ରଶ୍ନ ଆତ୍ମଚିନ୍ତନର ମୂଳ।

ମୁଁ ଯେଉଁ ଶରୀରକୁ "ମୁଁ" କହୁଛନ୍ତି, ସେହି ଶରୀରର ପ୍ରତ୍ୟେକ କୋଷ ସମୟ ସହିତ ବଦଳିଯାଉଛି। ମୋର ଚିନ୍ତା, ଭାବନା, ଜ୍ଞାନ, ଅନୁଭବ-ସବୁ ପରିବର୍ତ୍ତନଶୀଳ। ଦଶ ବର୍ଷ ପୂର୍ବର ମୁଁ ଯାହା ଥିଲି ଆଜି ସେୟା ହୋଇ ନାହିଁ ତଥାପି ଭିତରେ ଏକ ଅନୁଭବ ଅଛି— "ମୁଁ ଅଛି"। ଏହି "ମୁଁ" କିଏ? ଦାର୍ଶନିକତାର ସବୁଠାରୁ ବଡ଼ ଅନ୍ୱେଷଣ ଏହି ପ୍ରଶ୍ନକୁ ଘିରି ରହିଛି। ଯଦି ସବୁ ଅନିତ୍ୟ, ତେବେ ଏତେ ଆୟୋଜନ କାହିଁକି? ଯଦି ଏକ ଦିନ ସବୁକିଛି ଶେଷ ହେବ, ତେବେ ଏତେ ସଂଘର୍ଷ କାହିଁକି? ଏତେ ଲୋଭ, ଏତେ ପ୍ରତିସ୍ପର୍ଦ୍ଧା, ଏତେ ହିଂସା କାହିଁକି? ଏହାର କାରଣ ହେଉଛି ମଣିଷ ନିଜକୁ ସ୍ଥାୟୀ ବୋଲି ଭାବେ। ସେ ଭୁଲିଯାଏ ଯେ ସେ ଏକ ଅସ୍ଥାୟୀ ଯାତ୍ରୀ। ଏକ ପର୍ଯ୍ୟଟକ ଯଦି ଜାଣେ ଯେ ସେ ଦୁଇ ଦିନ ପାଇଁ ଆସିଛି, ତେବେ ସେ ହୋଟେଲ ଘରକୁ ନିଜର ସ୍ଥାୟୀ ଘର ବୋଲି ଭାବିବ ନାହିଁ। କିନ୍ତୁ ଆମେ ଏହି ପୃଥିବୀକୁ ସ୍ଥାୟୀ ବୋଲି ଧରି ନେଉଛୁ, ତେଣୁ ଅନାବଶ୍ୟକ ଆସକ୍ତି ସୃଷ୍ଟି ହୁଏ। ସୁଖ ଓ ଦୁଃଖର ବାସ୍ତବତା ଆମେ କହୁଛେ-"କେବେ ବୁଝିଛେ ସୁଖ କ'ଣ ବା ଦୁଃଖ?"

ଏହା ଅତ୍ୟନ୍ତ ଗଭୀର ପ୍ରଶ୍ନ। ସୁଖ ଓ ଦୁଃଖ ଅଧିକାଂଶ ସମୟରେ ବାହ୍ୟ ଘଟଣା ନୁହେଁ, ଆମର ମାନସିକ ବ୍ୟାଖ୍ୟା। ଏକ ଘଟଣା ଜଣେ ଲୋକ ପାଇଁ ଦୁଃଖର କାରଣ ହୋଇପାରେ, କିନ୍ତୁ ଅନ୍ୟ ଜଣଙ୍କ ପାଇଁ ତାହା ଶିକ୍ଷାର କାରଣ ହୋଇପାରେ। ସୁଖ କୌଣସି ସ୍ଥାୟୀ ଅବସ୍ଥା ନୁହେଁ। ଦୁଃଖ ମଧ୍ୟ ସ୍ଥାୟୀ ନୁହେଁ। ଆକାଶରେ ମେଘ ଯେପରି ଆସେ ଓ ଚାଲିଯାଏ, ସେପରି ସୁଖ ଓ ଦୁଃଖ ମଧ୍ୟ ଆସନ୍ତି ଓ ଯାଆନ୍ତି। କିନ୍ତୁ ଆମେ ସେଗୁଡ଼ିକୁ ଧରି ରଖିବାକୁ ଚାହୁଁ, ଏଠାରୁ ହିଁ ଅଧିକାଂଶ ମାନସିକ ଅଶାନ୍ତିର ଜନ୍ମ ହୁଏ। ପରିବର୍ତ୍ତନ ହିଁ ଏକମାତ୍ର ସତ୍ୟ ମୋର ସମଗ୍ର ଲେଖାର କେନ୍ଦ୍ରବିନ୍ଦୁ ହେଉଛି-ପରିବର୍ତ୍ତନ। ପୃଥିବୀ ବଦଳିଛି। ଜୀବନ ବଦଳିଛି। ସଭ୍ୟତା ବଦଳିଛି। ମଣିଷ ବଦଳିଛି। ସମୟର କରାଳ ଗ୍ରାସରେ ସାମ୍ରାଜ୍ୟ ହଜିଯାଇଛି, ପର୍ବତ ଭାଙ୍ଗିଯାଇଛି, ସମୁଦ୍ର ସରିଯାଇଛି। ଏହି ବିଶାଳ ପରିବର୍ତ୍ତନ ମଧ୍ୟରେ ଏକ ପ୍ରଶ୍ନ ରହିଯାଏ-"ମୁଁ ନିଜକୁ କେତେ ବଦଳାଇପାରିଛି?" ଏହାହିଁ ବୋଧହୁଏ ଜୀବନର ସବୁଠାରୁ ମୂଲ୍ୟବାନ ପ୍ରଶ୍ନ। ମାନସିକ ପରିବର୍ତ୍ତନ ହିଁ ପ୍ରକୃତ ବିକାଶ ମଣିଷର ବାହ୍ୟ ଉନ୍ନତି ଯେତେ ବଡ଼ ହେଉନାହିଁ, ଯଦି ତାର ମନ ସଂକୀର୍ଣ୍ଣ ରହିଯାଏ, ତେବେ ସେହି ଉନ୍ନତି ଅଧୂରା। ପ୍ରକୃତ ପରିବର୍ତ୍ତନ ହେଉଛି-ଅଧିକ ସଚେତନ ହେବା, ଅଧିକ ଦୟାଳୁ ହେବା, ଅଧିକ ସହନଶୀଳ ହେବା, ନିଜ ଅଜ୍ଞତାକୁ ଚିହ୍ନିବା, ସତ୍ୟକୁ ଖୋଜିବାର ସାହସ ରଖିବା। ଏହା କଥା କହିବାର ଶୈଳୀରେ ନୁହେଁ, ବରଂ ମାନସିକତାରେ ପ୍ରକାଶ ପାଏ।

ସମ୍ଭବତଃ ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି-ଜୀବନକୁ ପୂରାପୂରି ବୁଝି ହେବ ନାହିଁ। ଯେତେ ବୁଝିବାକୁ ଯିବା, ସେତେ ନୂଆ ପ୍ରଶ୍ନ ଜନ୍ମ ନେବ। କିନ୍ତୁ ଏହା ନିଶ୍ଚିତ ଯେ ଜୀବନ କେବଳ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଥିବା ଏକ ଜୈବିକ ପ୍ରକ୍ରିୟା ନୁହେଁ। ଏହା ହେଉଛି ସଚେତନତାର ଏକ ଅଦ୍ଭୁତ ଯାତ୍ରା, ଯେଉଁଠାରେ ମଣିଷ ବ୍ରହ୍ମାଣ୍ଡକୁ ବୁଝିବା ସହିତ ନିଜକୁ ମଧ୍ୟ ବୁଝିବାକୁ ଚେଷ୍ଟା କରେ। ହୁଏତ ଜୀବନର ଅର୍ଥ କୌଣସି ଶେଷ ଉତ୍ତରରେ ନାହିଁ; ଜୀବନର ଅର୍ଥ ଅଛି ଏହି ନିରନ୍ତର ଅନ୍ୱେଷଣରେ, ଏହି ପ୍ରଶ୍ନ କରିବାର ସାହସରେ, ଏବଂ ପ୍ରତ୍ୟେକ ଦିନ ନିଜକୁ ଅଳ୍ପ ଅଳ୍ପ କରି ଅଧିକ ସଚେତନ, ଅଧିକ ମାନବିକ ଓ ଅଧିକ ସତ୍ୟନିଷ୍ଠ କରି ଗଢ଼ି ତୋଳିବାରେ। ଜୀବନର ସମ୍ଭବତଃ ଏକମାତ୍ର ନିଶ୍ଚିତ ସତ୍ୟ ହେଉଛି ପରିବର୍ତ୍ତନ; ଆଉ ସେହି ପରିବର୍ତ୍ତନକୁ ସଚେତନ ଭାବେ ବୁଝିବାର ନାମ ହିଁ ଜ୍ଞାନ।

**ସମାଜସେବୀ (ଲେପ୍ରା ସୋସାଇଟି) ଭୁବନେଶ୍ୱର**

# ନିର୍ମାଣାଧୀନ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

- ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ଗୁଣବତ୍ତା ଓ ସମୟ ଅବଧି କାମ ସାରିବାକୁ ପରାମର୍ଶ



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ରାସ୍ତାଘାଟ, କୋଠାବାଡ଼ି ଓ ସେତୁ ଆଦି ନିର୍ମାଣ ପ୍ରକଳ୍ପ ସମୟ ଅବଧି ମଧ୍ୟରେ ଶେଷ କରିବାକୁ ପଡ଼ିବ। ଏଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଓ ୟୁଟିଲିଟି ସିଫ୍ଟିଂ ଆଦି ସମସ୍ୟାର ସମାଧାନ ଦିଗରେ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ କାର୍ଯ୍ୟ କରିବା ଉପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି।

ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ପୂର୍ତ୍ତ ମନ୍ତ୍ରୀ କହିଛନ୍ତି ଯେ ବିଗତ ଦୁଇବର୍ଷ ମଧ୍ୟରେ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟରମାନଙ୍କ ପ୍ରୟାସ ଯୋଗୁଁ ଅନେକ ବୃହତ ପ୍ରକଳ୍ପ କାମ ସରିଥିବା ବେଳେ ବହୁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ। ଦୀର୍ଘ ଦିନ ଧରି ପଡ଼ିରହିଥିବା ପ୍ରକଳ୍ପକୁ ଆଗେଇ ନେବା ସହ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଅର୍ଥ ଖର୍ଚ୍ଚ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀମାନେ ନିୟମିତ ଅଞ୍ଚଳ ପରିଦର୍ଶନ ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ଓ ସମସ୍ୟା ସମାଧାନ ନେଇ ବୈଠକ କରିବାକୁ ବିଭାଗୀୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ଡିଭିଜନୱାରୀ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚ, ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ବିଭିନ୍ନ ସମସ୍ୟାର ସମାଧାନ ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ ସାଙ୍ଗକୁ ଓସ୍ୱାସ୍ ଓ ୱାମିସ୍ ଭଳି ସଫ୍ଟୱେୟାର ବ୍ୟବହାର ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଆଲୋଚନା କରିଛନ୍ତି।

## ରୋଜଗାର ଅଧିକାର ଚୋରି କରିଛନ୍ତି ସରକାର



ନୂଆଦିଲ୍ଲୀ, ୮।୭: କଂଗ୍ରେସ ବୁଧବାର କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜିବିକା ମିଶନ (ଭିବି-ଜି ରାମ-ଜି) ଅଧିନିୟମ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ଦଳର ବରିଷ୍ଠ ନେତା ଜୟରାମ ରମେଶ ଏହା ମାଧ୍ୟମରେ ସରକାର ଲୋକଙ୍କ 'ରୋଜଗାର ଅଧିକାର ଚୋରି' କରିଥିବା ବୋଲି ଅଭିଯୋଗ ଆଣିଛନ୍ତି। ଏହା ରାଜ୍ୟଗୁଡ଼ିକ ଉପରେ ବଡ଼ ଧରଣର ଆର୍ଥିକବୋଝ ଲଦି କାମ କରିବାର ସାମ୍ବିଧାନିକ ଅଧିକାରକୁ ଦୁର୍ବଳ କରୁଛି। ଜମ୍ମୁ ଏବଂ କାଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ହସିବ ଦ୍ରାବୁଙ୍କ ଏକ ଲେଖା ସୋସିଆଲ ମିଡିଆ ଏକ୍ସରେ ସେୟାର କରି ରମେଶ କହିଛନ୍ତି ଯେ ନୂତନ ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ(ମନରେଗା)ର ଅଧିକାର-ଆଧାରିତ ଢାଞ୍ଚାକୁ ଭାଙ୍ଗି ଦେଇଛି। ଭାରତର ଜଣେ ଉତ୍କୃଷ୍ଟ ଅର୍ଥନୀତିଜ୍ଞ ଏବଂ ଜାମ୍ମୁ-କାଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ହସିବ ଦ୍ରାବୁ ଭିବି-ଜି ରାମ-ଜିର ବାସ୍ତବତା ଦର୍ଶାଇ ଏହାକୁ ମନରେଗା ପରିବର୍ତ୍ତନକାରୀ ବୁଲଡୋଜର ବୋଲି ଉଲ୍ଲେଖ କରିଛନ୍ତି।

## ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀରେ ଅଭେଦ୍ୟ ଦୁର୍ଗ

- ଆକାଶରୁ ସ୍ଥଳଭାଗ ଜଗିବେ ଶତାଧିକ ବରିଷ୍ଠ ପୁଲିସ ଅଧିକାରୀ

ଭୁବନେଶ୍ୱର,୮।୭ (ସଂଚାର ବ୍ୟୁରୋ): ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କ ଭୁବନେଶ୍ୱର ଗସ୍ତକୁ ନେଇ କମିଶନରେଟ୍ ପୁଲିସ ହାଇଆଲର୍ଟରେ ରହିଛି। ଉପରାଷ୍ଟ୍ରପତିଙ୍କ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମଗ୍ର ରାଜଧାନୀକୁ ଏକ ଅଭେଦ୍ୟ ସୁରକ୍ଷା ବଳୟ ମଧ୍ୟକୁ ଅଣାଯାଇଛି। ବିମାନବନ୍ଦରଠାରୁ ଆରମ୍ଭ କରି କାର୍ଯ୍ୟକ୍ରମ ସ୍ଥଳ ଓ ଯାତାୟାତ ରୁଟ୍‌ରେ ଜିରୋ-ଏରର ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ପୁଲିସ ବିଭାଗ ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ଭିଭିଆଇପି ଗସ୍ତ ଅବସରରେ ରାଜଧାନୀର ପ୍ରମୁଖ କେନ୍ଦ୍ର ଯଥା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଲୋକସେବା ଭବନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ଶିକ୍ଷା ସଦନ ଓ ଜଟଣୀସ୍ଥିତ ନାଇଜର ପରିସରକୁ ବ୍ୟାପକ ସୁରକ୍ଷା ବଳୟରେ ରଖାଯାଇଛି। ସମ୍ଭାବ୍ୟ ବିପଦ ଏବଂ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସ୍ୱତନ୍ତ୍ର ଭାବେ ୮ଟି ୱାଚ୍ କମ୍ପୋନେଣ୍ଟ ଗଠନ କରାଯାଇଥିବା ବେଳେ ମୋଟ ୯୮ ସେକ୍ସନ୍ ଫୋର୍ସ ମୁତୟନ କରାଯାଇଛି। ସମଗ୍ର ସୁରକ୍ଷା ବ୍ୟବସ୍ଥାର ନେତୃତ୍ୱ ନେବା ପାଇଁ ୫ ଜଣ ଡିସିପି, ୬ ଜଣ ଆଡିସନାଲ ଡିସିପି, ୨୪ ଜଣ ଏସିପି, ୪୩ ଜଣ ଇନ୍ସପେକ୍ଟର ଏବଂ ୧୩୫ ଜଣ ଏସଆଇ ଓ ଏଏସଆଇ ପାହ୍ୟାର ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଉପରାଷ୍ଟ୍ରପତିଙ୍କ କାରକେଡ୍ ଯାତାୟାତ ସମୟରେ ସାଧାରଣ ଯାତ୍ରୀ ଯେପରି ଅସୁବିଧାରେ ନପଡ଼ିବେ ଏବଂ ଟ୍ରାଫିକ୍ ଜାମ୍ ନହେବ, ସେଥିପାଇଁ ପୃଥକ ଭାବେ ୩ ସେକ୍ସନ୍ ଫୋର୍ସ, ୨ ଜଣ ଇନ୍ସପେକ୍ଟର, ଜଣେ ଏସିପି ଏବଂ ଜଣେ ଡିସିପିଙ୍କୁ କେବଳ ଟ୍ରାଫିକ ଓ ପାର୍କିଂ ପରିଚାଳନା ଦାୟିତ୍ୱରେ ରଖାଯାଇଛି। ଏହା ବ୍ୟତୀତ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସେଫ ହାଉସ୍, ମେଡିକାଲ୍ ଟିମ, ସ୍ୱତନ୍ତ୍ର ସୁରକ୍ଷିତ ଯାନ, ଆକୋମୋଡେସନ ଏବଂ ଟ୍ରାନ୍ସପୋର୍ଟେସନ ବ୍ୟବସ୍ଥା ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୋଡାଲ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଗସ୍ତ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଏବଂ କୌଣସି ପ୍ରକାର ବାଧାବିଘ୍ନ ବିନା ସଫଳ କରିବା ପାଇଁ କମିଶନରେଟ୍ ପୁଲିସ ନିଜର ସମସ୍ତ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ କରିଛି।

## ପଟିଆ କିଟ୍ ରାସ୍ତାରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୮।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱର ପଟିଆ କିଟ୍ ରାସ୍ତାରେ ସେଣ୍ଟ୍ରାଲ୍ ଏନଫୋର୍ସମେଣ୍ଟ ମନିଟରିଂ କମିଟି ଦ୍ୱାରା ଏକ ବଡ଼ ଜବରଦଖଲ ଉଚ୍ଛେଦ କରାଯାଇଛି। ୨୦୦୭ରୁ ସରକାରୀ ଜମି ମାଡ଼ିବସି ନିଜ ସାମ୍ରାଜ୍ୟ ବିସ୍ତାର କରିଥିଲେ। ମିଠା ଦୋକାନ କରିଥିଲେ, ବାଲି ଗୋଡି ସିମେଣ୍ଟ ରଡ୍ ବ୍ୟବସାୟ କରୁଥିଲେ। ଘର କରି ଭଡ଼ା ଦେଇଥିଲେ। ପ୍ରାଇଭେଟ୍ ଗାଡ଼ି ବି ପାର୍କିଂ ହେଉଥିଲା। ଆଜି ସବୁ ମାଟିରେ ମିଶିଯାଇଛି। ପଟିଆ ମୌଜା ଖାତା ନମ୍ବର ୪୯୩ରେ ଥିବା ଏହି ୨ଟି ପ୍ଲଟରୁ ହୋଇଛି ଉଚ୍ଛେଦ। ଯାହାର ସରକାରୀ ମୂଲ୍ୟ ୫୦ କୋଟି ଟଙ୍କା। ତେବେ ମୋଟ ୧ ଏକର ୧୦ ଡିସିମିଲ ଜମି ମଧ୍ୟରୁ ୫୦ ଡିସିମିଲ ଜମି ଉପରେ ଷ୍ଟାଟସ୍ କୋ ରହିଛି। ତେଣୁ ସେହି ଜମିରୁ ଉଚ୍ଛେଦ ନକରି ଛାଡି ଦେଇଛି ସିଇଏମସି। ସେହି ଜାଗାରେ ଏବେ ଗୋଟିଏ ମିଠା ଓ ମବାଇଲ୍ ଦୋକାନ ରହିଛି। ଏହି ଜମି ଉପରେ ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ସେନେଇ ବିଏମସି ପକ୍ଷରୁ ତଦନ୍ତ କରାଯିବ। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଏ ବିଭାଗ ପକ୍ଷରୁ କୁହାଯାଇଛି। ଜବରଦଖଲ ଉଚ୍ଛେଦ ହୋଇଥିବା ଏହି ଜମିଟି ଜଙ୍ଗଲ ଜମି କିସମର। ଯାହା ଏବେ ସାଧାରଣ ଜନତାଙ୍କ କାମରେ ଲାଗିବ।

## ଝିଆରୀକୁ ଦୁଷ୍କର୍ମ ଅଭିଯୋଗ, ଦାଦା ଗିରଫ

ଭଦ୍ରକ,୮।୭(ସଂଚାର ବ୍ୟୁରୋ): ଝିଆରୀକୁ ଦୁଷ୍କର୍ମ କରିବା ଅଭିଯୋଗରେ ସ୍ଥାନୀୟ ପୁଲିସ ଦାଦାକୁ ଗିରଫ କରିଛି। ଭଦ୍ରକ ଟାଉନ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ମୃତ୍ୟୁବରଣ କରିବା ପରେ ସେ ନିଜର ଦୁଇ ଝିଅକୁ ସମ୍ପର୍କୀୟ ଦାଦାଙ୍କ ପାଖରେ ଛାଡି ଦେଇ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦାଦା ଝିଆରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଘଟଣା ନେଇ ଗତକାଲି ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଆଧାର କରି ଭଦ୍ରକ ଟାଉନ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଦୁଷ୍କର୍ମ କରିଥିବା ସମ୍ପର୍କୀୟ ଦାଦାଙ୍କୁ ଥାନାରେ ଅଟକ ରଖିଥିଲା। ଆଜି ଟାଉନ ପୋଲିସର ଏକ ଟିମ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ ଜାରି କରିଛନ୍ତି। ଅନ୍ୟପଟେ ଭଦ୍ରକ ପୁଲିସ ଏ ସମ୍ପର୍କରେ ଏକ କେଶ ରୁଜୁ କରି ଅଭିଯୁକ୍ତ ଦାଦାକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ବୋଲି ଅତିରିକ୍ତ ଏସପି କହିଛନ୍ତି।

## କେରଳ ବ୍ରିକ୍ସ ସମ୍ମିଳନୀରେ ଓଡ଼ିଶାର ପଟ୍ଟଚିତ୍ର ଓ ହସ୍ତଶିଳ୍ପ

- ମହିଳା ଡୋକ୍ରା କାରିଗର ଓ ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା




ଭୁବନେଶ୍ୱର,୮।୭ (ସଂଚାର ବ୍ୟୁରୋ): କେରଳର କୋଚିଠାରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ହସ୍ତତନ୍ତ ସାମଗ୍ରୀ ରାଜ୍ୟ ପାଇଁ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ଏହି ଆନ୍ତର୍ଜାତୀୟ ମଞ୍ଚରେ ଆମ ରାଜ୍ୟର ପଟ୍ଟଚିତ୍ର, ପାରମ୍ପରିକ ହସ୍ତଶିଳ୍ପ ସମେତ ଆମ ନାରୀଶକ୍ତିର ଅସୀମ ପ୍ରତିଭା ବିଶ୍ୱ ସମୁଦାୟକୁ ବିମୋହିତ କରିଛି। ଏହି ସଫଳତା ଆମର 'ସୁଭଦ୍ରା' ସ୍ୱରୂପା ମାଆମାନଙ୍କର ଦୃଢ଼ ସଂକଳ୍ପ ଓ ନିପୁଣତାର ପ୍ରତିଫଳନ ବୋଲି ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ, 'ମାଆ ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ'ର ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ଅନନ୍ୟ ଡୋକ୍ରା କଳା ଏବଂ 'ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ'ର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱପ୍ରସିଦ୍ଧ ମଣିଆବନ୍ଧ ହସ୍ତତନ୍ତ ସାମଗ୍ରୀ ଆମ କଳା ଚାତୁରୀକୁ ବିଶ୍ୱସ୍ତରରେ ସୁପ୍ରତିଷ୍ଠିତ କରିଛି। ମା'ମାନଙ୍କ ସ୍ୱାବଲମ୍ବନଶୀଳତା ଏବଂ ନାରୀଶକ୍ତିର ସର୍ବାଙ୍ଗୀନ ବିକାଶ ହିଁ ଏକ ବିକଶିତ ତଥା ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ। ଆନ୍ତର୍ଜାତୀୟ ସ୍ତରରେ ରାଜ୍ୟର ସୁନାମ ବଢ଼ାଇଥିବା ଆମର ସମସ୍ତ ଶିଳ୍ପୀ, ବୁଣାକାର ଏବଂ ସଫଳ ମାଆମାନଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

## ଅନ୍ନପୂର୍ଣ୍ଣା ଟଙ୍କା ନ ଆସିବାରୁ ମହିଳାଙ୍କ ବିକ୍ଷୋଭ

- ବିଏସ୍ଏଫ୍ ପକ୍ଷରୁ ଲାଠିଚାର୍ଜ

କୋଲକାତା, ୮।୭(ସଂଚାର ବ୍ୟୁରୋ): ମଙ୍ଗଳବାର ଅନ୍ନପୂର୍ଣ୍ଣା ଯୋଜନାରେ ପାଣ୍ଠି ନପାଇବାରୁ ଶତାଧିକ ମହିଳା ବିଭିନ୍ନ ଜିଲ୍ଲାର ବିଡିଓ କାର୍ଯ୍ୟାଳୟରେ ବିଶାଳ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଅନ୍ନପୂର୍ଣ୍ଣା ଯୋଜନାର ଟଙ୍କା ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ବୋଲି ଜିଦ୍ ଧରିଥିବା ମହିଳାମାନଙ୍କୁ ଶାନ୍ତ କରିବା ପାଇଁ ପୁଲିସ ସଂଘର୍ଷ କରିଥିଲା। ଶିଲିଗୁଡ଼ି ମହକୁମା ଅନ୍ତର୍ଗତ ଫାନସିଦେୱାରେ ପରିସ୍ଥିତି ବିଶେଷ ଭାବରେ ଅସ୍ଥିର ହୋଇଯାଇଥିଲା, ଯେଉଁଠାରେ ବିଏସ୍ଏଫ୍ ପ୍ରତିବାଦକାରୀ ମହିଳାଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଦୁଇ ଜଣ ମହିଳା ଆହତ ହୋଇଛନ୍ତି। ତୁଫାନଗଞ୍ଜରୁ ମାଥାଭାଙ୍ଗା ଓ ମୟନାଗୁଡ଼ିରୁ ନାଗରାକାଟାକୁ ସଂଯୋଗ କରୁଥିବା ରାଜପଥକୁ ଅବରୋଧ କରାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସେମାନଙ୍କ ଆକାଉଣ୍ଟରେ ପାଣ୍ଠି ଜମା ନହେଲେ ବଡ଼ ଆନ୍ଦୋଳନ କରିବାକୁ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

## ୩୦ଟି ବେଆଇନ ଦୋକାନ ଉଚ୍ଛେଦ

କୋଲକାତା,୮।୭(ସଂଚାର ବ୍ୟୁରୋ): ହାଓଡ଼ା ମୈଦାନ ଅଞ୍ଚଳରେ ଚାଲିଲା ବୁଲଡୋଜର। ବୁଧବାର ଅପରାହ୍ଣରେ ହାଓଡ଼ା ଜିଲ୍ଲା ହସ୍ପିଟାଲ ବିପରୀତ ହାଓଡ଼ା ମୈଦାନ ଅଞ୍ଚଳର ବିପ୍ଲବୀ ହରେନ ଘୋଷ ସରଣୀର ଉଭୟ ପାର୍ଶ୍ୱରେ ଥିବା ଅତିକମ୍‌ରେ ୩୦ଟି ବେଆଇନ ଦୋକାନକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଏକ ବିଶାଳ ପୁଲିସ ବାହିନୀ ଓ କମ୍ବାଟ୍ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ଅଭିଯାନ ସମୟରେ ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପ୍ରଶାସନ କହିଛି ଯେ ଦୋକାନ ମାଲିକମାନଙ୍କୁ କିଛି ଦିନ ପୂର୍ବରୁ ପରିସର ଖାଲି କରିବାକୁ ନୋଟିସ ଦିଆଯାଇଥିଲା। ସେମାନେ ତାହା ନ କରିବାରୁ ଉଚ୍ଛେଦ ଆରମ୍ଭ କରାଯାଇଥିଲା।

## ୨୧୬ ବୋତଲ ମଦ ଜବତ,୧ ଗିରଫ

କୋଲକାତା, ୮।୭(ସଂଚାର ବ୍ୟୁରୋ): ମୟନାଗୁଡ଼ି ଥାନା ପୁଲିସ ବେଆଇନ ମଦ କାରବାର ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ବିଭିନ୍ନ ସ୍ଥାନରେ ତଲାସୀ ପରେ ମୟନାଗୁଡ଼ି ବ୍ଲକର ପାନବାଡି ଅଞ୍ଚଳରେ ରାସ୍ତା କଡ଼ରେ ଥିବା ବୁଦାରୁ ୧୭୫ ବୋତଲ ଦେଶୀ ଏବଂ ବିଦେଶୀ ମଦ ଉଦ୍ଧାର କରାଯାଇଛି। ଅନ୍ୟ ଏକ ଘଟଣାରେ, ଜଲପେଶ ମନ୍ଦିର ନିକଟ ଏକ ଘରେ ଚଢ଼ାଉ କରି ପୁଲିସ ୪୧ ବୋତଲ ମଦ ଜବତ କରିବା ସହ ରମେଶ ସେନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୁଲିସ ସୂତ୍ର ନିଶ୍ଚିତ କରିଛି ଯେ ଏହି ଦୁଇଟି ପୃଥକ ପୃଥକ ଅଭିଯାନରେ ମୋଟ ୨୧୬ ବୋତଲ ଦେଶୀ ଓ ବିଦେଶୀ ମଦ ଉଦ୍ଧାର କରାଯାଇଛି।

## ୧୯ ନମ୍ବର ୱାର୍ଡର ପୂର୍ବତନ ତୃଣମୂଳ କାଉନସିଲର ଗିରଫ

କୋଲକାତା, ୮।୭(ସଂଚାର ବ୍ୟୁରୋ): ଭୋଟ୍ ପରବର୍ତ୍ତୀ ହିଂସା ମାମଲାରେ ଏଥର ଉଲୁବେଡିଆ ପୌରସଭାର ୧୯ ନମ୍ବର ୱାର୍ଡର ପୂର୍ବତନ ତୃଣମୂଳ କାଉନସିଲର ଉତ୍ତମ ଧାରା ଓ ଲାଲଟୁ ଧାରା ନାମକ ଦୁଇ ଜଣଙ୍କୁ ଉଲୁବେଡିଆ ଥାନାର ପୁଲିସ ଗିରଫ କରିଛି। ପୁଲିସ ମଙ୍ଗଳବାର ରାତିରେ ଫୁଲେଶ୍ୱରସ୍ଥିତ ତୃଣମୂଳ ନେତାଙ୍କ ବାସଭବନରୁ ସେମାନଙ୍କୁ ଗିରଫ କରିଛି।

## ଇଣ୍ଡୋନେସିଆ ଗସ୍ତ ସାରି ଅଷ୍ଟ୍ରେଲିଆ ଗଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୮।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆର ତିନିଦିନିଆ ଗସ୍ତ ଶେଷକରି ବୁଧବାର ଦିନ ଅଷ୍ଟ୍ରେଲିଆ ଯାତ୍ରା କରିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତର ରଣନୈତିକ ସହଭାଗିତାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟ ନେଇ ପ୍ରଧାନମନ୍ତ୍ରୀ ଏବେ ଏକ ୬ ଦିନିଆ ତ୍ରିରାଷ୍ଟ୍ରୀୟ ଗସ୍ତରେ ରହିଛନ୍ତି। ଇଣ୍ଡୋନେସିଆ ପରେ ତାଙ୍କର ମେଲବୋର୍ଣ୍ଣ ଗସ୍ତ କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ସେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜଙ୍କୁ ଭେଟିବା ସହ ଭାରତ-ଅଷ୍ଟ୍ରେଲିଆ ବ୍ୟାପକ ରଣନୈତିକ ସହଭାଗିତା ଢାଞ୍ଚା ଉପରେ ଆଲୋଚନା କରିବେ। ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗ, ବାଣିଜ୍ୟ, ନିବେଶ, ଶିକ୍ଷା, ଗତିଶୀଳତା, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଆଦି ବିଷୟରେ ଆଲୋଚନା କରାଯିବା ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋଙ୍କ ସହ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗରେ ପ୍ରଗତିକୁ ସମୀକ୍ଷା କରିଛନ୍ତି। ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ବିନତାଙ୍ଗ ଆଦିପୂର୍ଣ୍ଣା ଅଫ୍ ଦି ରିପବ୍ଲିକ୍ ଇଣ୍ଡୋନେସିଆ'ରେ ସମ୍ମାନିତ କରିଛି।

## ଯୋଗାଣ ମନ୍ତ୍ରୀଙ୍କ କୋଲକାତା ଗସ୍ତ

### ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା




ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଦିନିଆ କୋଲକାତା ଗସ୍ତ କରିଛନ୍ତି। ଆଜି ଅପରାହ୍ଣରେ କୋଲକାତାସ୍ଥିତ ଖାଦ୍ୟ ଭବନରେ ପଶ୍ଚିମବଙ୍ଗ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆଙ୍କ ସହ ସହ ବିଭିନ୍ନ ପ୍ରସଙ୍ଗରେ ସାକ୍ଷାତ ଆଲୋଚନା କରିଛନ୍ତି। ଉଭୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରି ଦୁଇ ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି। ଆଳୁ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ନେଇ ମନ୍ତ୍ରୀ ଶ୍ରୀ କୀର୍ତ୍ତନିଆ ପ୍ରତିଶ୍ରୁତି ଦେଇଛନ୍ତି। ଏଥିନିମନ୍ତେ ସମସ୍ତ ସହଯୋଗ ଜାରି ରହିବ ବୋଲି ଆଲୋଚନା ବେଳେ ସେ କହିଛନ୍ତି। ପୂର୍ବ ସରକାର ଖାଦ୍ୟ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଓଡ଼ିଶା ପ୍ରତି ଯେଉଁ ବୈମାତୃକ ମନୋଭାବ ପୋଷଣ କରିଥିଲେ, ଏବେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ଓଡ଼ିଶାରେ ବିଭିନ୍ନ ଜନକଲ୍ୟାଣ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ନେଇ ଓଡ଼ିଶା ସରକାରଙ୍କୁ ପଶ୍ଚିମବଙ୍ଗ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ଦୁଇ ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଆଗକୁ ନେଉଥିବା ନେଇ ଦୁଇ ମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ।

### ପଞ୍ଚସଖା ଶିକ୍ଷା ସେତୁର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ

## ବିଦ୍ୟାଳୟ ବିକାଶରେ ଭାଗିଦାରୀ ହେବାକୁ ପୁରାତନ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗଠନ ମାଧ୍ୟମରେ ବିଦ୍ୟାଳୟମାନଙ୍କରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ବର୍ଷର କାର୍ଯ୍ୟ ଯୋଜନା, ବଜେଟ୍ ଓ ସଂଗଠନର ସାମଗ୍ରିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ପଞ୍ଚଶିକ୍ଷା ସେତୁ ସଂଗଠନ କିପରି କାର୍ଯ୍ୟ କରୁଛି, ସେଥିରେ ସ୍ଥାନୀୟ ଜନସାଧାରଣ ତଥା ଅଭିଭାବକଙ୍କଠାରୁ ପରାମର୍ଶ ଓ ମତାମତ ସଂଗ୍ରହ ସହ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟରେ ୧୧.୫୬ ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସଂଯୁକ୍ତ ହୋଇଥିବା ବେଳେ ୮୦,୩୩୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ୨୮୮ କୋଟି ଟଙ୍କାରୁ ଅଧିକ ଅନୁଦାନ ସଂଗୃହୀତ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ୫୭୧ କୋଟି ଟଙ୍କାର ଦୁଇଗୁଣା ମ୍ୟାଚିଂ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ଏହି ଅନୁଦାନ ବିଦ୍ୟାଳୟଗୁଡ଼ିକର ମରାମତି, ଅତିରିକ୍ତ ଶ୍ରେଣୀଗୃହ ଏବଂ ବହୁମୁଖୀ ସଭାଗୃହ ନିର୍ମାଣ, ବିଜ୍ଞାନାଗାର, ପାଠାଗାର, ରୋଷେଇ ଘର, ସାଇକେଲ ଷ୍ଟାଣ୍ଡ, ଆସବାବପତ୍ର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଭଳି କାର୍ଯ୍ୟ କରାଯାଉଛି। ଆଗାମୀ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ପାଇଁ ୮୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ପଞ୍ଚସଖା ଶିକ୍ଷା ସେତୁ ସଂଗଠନର କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହାର ୱେବସାଇଟକୁ ବିକଶିତ କରିବା ସହ ଏହାକୁ ଯେପରି ପୁରାତନ ଛାତ୍ରଛାତ୍ରୀମାନେ ସୁବିଧାରେ ଓ ସହଜରେ ବ୍ୟବହାର କରି ସେମାନଙ୍କର ଅନୁଦାନ ରାଶି ବିଦ୍ୟାଳୟକୁ ପଠାଇପାରିବେ ଓ ତଥ୍ୟ ଜାଣିପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ସହ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶରେ କିପରି ଯୋଗଦାନ ଦେଇପାରିବ, ସେଥିପ୍ରତି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାର୍ଚ୍ଚ ୨୦୨୭...

ପାଇଁ ପଞ୍ଚାୟତ ସ୍ତରରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏହି ଯୋଜନାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସୁଦ୍ଧା ୩୨୨ଟି ସ୍କୁଲ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇ କାମ ଆରମ୍ଭ ହୋଇଛି। ତେଣୁ, ବାକିତକ ବିଦ୍ୟାଳୟ ପାଇଁ ତୁରନ୍ତ ଜମିର ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେଇ ଉଦ୍ୟମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜମି ଚିହ୍ନଟ ପ୍ରକ୍ରିୟାରେ ସ୍ଥାନୀୟ ବିଧାୟକମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଜମି ଚିହ୍ନଟ ପ୍ରକ୍ରିୟା ସହଜ ଓ ତ୍ୱରାନ୍ୱିତ ହେବ। ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କହିଛନ୍ତି ଯେ ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳମାନଙ୍କ ସକ୍ରିୟ ଉଦ୍ୟମ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଧାର୍ଯ୍ୟ ଟାର୍ଗେଟ ପୂରଣ କରନ୍ତୁ। ୨୨୦୦ ବିଦ୍ୟାଳୟକୁ ଖୁବ୍ ଶୀଘ୍ର ନିର୍ମାଣ କରିବା ପାଇଁ ପ୍ରଶାସନିକ କଳ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ପ୍ରତି ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାର ଲକ୍ଷ୍ୟ ରହିଛି। ଏହି ବୈଠକରେ ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ଓ ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

### ଜଳ ପରିଚାଳନାର...

ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ମହାନଦୀ ଅବବାହିକାରେ ଥିବା ବ୍ୟାରେଜରୁ ଜଳ ନିଷ୍କାସନ ନେଇ ଛତିଶଗଡ଼ ସଠିକ ତଥ୍ୟ ଦେଉ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଚଳିତ ମୌସୁମୀ ଋତୁରେ ହୀରାକୁଦ ଜଳଭଣ୍ଡାରର ଜଳ ପରିଚାଳନା ଓ ବନ୍ୟା ନିୟନ୍ତ୍ରଣକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାନଦୀ ବେସିନର ମୁଖ୍ୟ ଯନ୍ତ୍ରୀ ତଥା ବେସିନ ମ୍ୟାନେଜର ଏ ନେଇ ଛତିଶଗଡ଼ର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ଚିଠି ଲେଖିଛନ୍ତି। ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ଛତିଶଗଡ଼ରେ ମହାନଦୀ, ସେଓନାଥ, ହସଦେଓ ଓ ମାଣ୍ଡ ନଦୀ ଅବବାହିକାରେ ଥିବା ଗଜ୍ ସାଇଟ୍‌ଗୁଡ଼ିକରୁ ଜଳସ୍ତର ଏବଂ ନିଷ୍କାସନ ସମ୍ବନ୍ଧୀୟ ତଥ୍ୟ ପାଇବାକୁ ଚାହୁଁଛନ୍ତି। ବର୍ତ୍ତମାନ ସରାଡ଼ିହି ଓ ସିଓରିନାରାୟଣ ବ୍ୟାରେଜ୍ ନିର୍ମାଣ ହେବା ପରେ ସେଠାରେ ଥିବା ପୂର୍ବତନ ଗଜ୍ ସାଇଟ୍‌ଗୁଡ଼ିକରୁ ମିଳୁଥିବା ତଥ୍ୟ ଆଉ ସଠିକ୍ ଭାବେ ମିଳୁନାହିଁ। ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ କଳମା, ସରାଡ଼ିହି, ବସନ୍ତପୁର, ମିରୌନୀ, ସିଓରିନାରାୟଣ ଓ ସାମୋଦା ବ୍ୟାରେଜରୁ ପ୍ରତି ତିନି ଘଣ୍ଟାରେ ଜଳ ସମ୍ବନ୍ଧୀୟ ତଥ୍ୟ ମାଗିଛନ୍ତି।

### ସ୍ୱଳ୍ପ ଆୟକାରୀଙ୍କୁ...

ଶର୍ମାଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଓ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ ମଧ୍ୟ ହ୍ରାସ ହେବ। ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦ ହଜାର ଏବଂ ରାଜ୍ୟରୁ ୨୫ ହଜାର ଟଙ୍କା ସବ୍‌ସିଡି ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

### ବିଦେଶକୁ ଯିବ...

ରପ୍ତାନୀର ଅପୂର୍ଣ୍ଣ ସମ୍ଭାବନାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏଣିକି ଗାଁ ଗଣ୍ଡାର ମାଛ ବିଦେଶକୁ ଯିବ। କୃଷି ଓ ମତ୍ସ୍ୟ ଉତ୍ପାଦରେ ଭ୍ୟାଲୁ ଆଡ୍ କରାଯାଇ ଏହାକୁ ବିଦେଶକୁ ରପ୍ତାନୀ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶର ମେରାଇନ୍ ଏକ୍ସପୋର୍ଟ କ୍ଷେତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛି।

### ସଶକ୍ତ ହେବେ...

ମାଛଧରା ମିଶନ' କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିମି ସୀମା ମଧ୍ୟରେ ମାଛ ଧରିପାରିବେ। ଏଥିସହ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ୩୭୦ କିମି ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛ ଧରିପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକା ଅଧିକ ସଶକ୍ତ ହେବା ସହ ସମୃଦ୍ଧ ନୀଳ ଅର୍ଥନୀତିର ନବଦିଗନ୍ତକୁ ଉନ୍ମୋଚନ କରିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂହ ବାଘେଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଏମ୍ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସହ ପ୍ରାୟ ୧ ହଜାର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନ ଓ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଡିଜିଟାଇଜେସନ୍ ଉପରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନୀ ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ। ଏହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ। ଏହି ପଦକ୍ଷେପ ଦ୍ୱାରା ମାଛ ଚାଷୀ ଉତ୍ପାଦକ ସଂଗଠନ ଓ ମତ୍ସ୍ୟ ସମବାୟ ସମିତି ଅଧିକ ସୁଦୃଢ଼ ହୋଇପାରିବ। ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ। ପ୍ରାଧିକରଣ ପତ୍ର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍‌ଲାଇନ୍‌ରେ ହେଉଥିବାରୁ ସ୍ୱଚ୍ଛତା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ପ୍ରଦାନ ଓ ପ୍ରଶାସନିକ ପ୍ରକ୍ରିୟା ଗୁଣାତ୍ମକ ହେବ। ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ (୨୦୨୬-୨୦୩୬) ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ। ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନୀ କ୍ଷେତ୍ରରେ ଓଡ଼ିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ।

### 'ପିନାକ'ର ସଫଳ...

ଭେଦ କରିଛି। ଡିଆରଡିଓର 'ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ' ଓ 'ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ' ମିଳିତ ଭାବେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହାସହ 'ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଲାବୋରେଟୋରୀ' ଏବଂ 'ରିସର୍ଚ୍ଚ ସେଣ୍ଟର ଇମାରତ' ମଧ୍ୟ ଏହି ପ୍ରୋଜେକ୍ଟରେ ବୈଷୟିକ ସହାୟତା ପ୍ରଦାନ କରିଛନ୍ତି। ସେନାରେ ପୂର୍ବରୁ ସାମିଲ ଥିବା ପିନାକା ଲଞ୍ଚର୍ ମାଧ୍ୟମରେ ହିଁ ଏହି ରକେଟ୍‌ର ଉତକ୍ଷେପଣ କରାଯାଇଛି। ଏହି ବଡ଼ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକ ଓ ସେନାକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ସଫଳତା ଭାରତର ସ୍ୱଦେଶୀ ଡିଜାଇନ୍ ଏବଂ ପ୍ରତିରକ୍ଷା ନିର୍ମାଣ କ୍ଷମତା କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ। ଏହା ଦେଶକୁ ରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର' କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ବିଦ୍ୟୁତ୍ ଆଘାତରେ...

ଆଘାତରେ ଫସିଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ପରିବାରର ଅନ୍ୟ ସଦସ୍ୟମାନେ ଧାଇଁଆସିଥିଲେ। ଫଳରେ ଜଣକ ପରେ ଜଣେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ୪ ଜଣଯାକ ମୃତ୍ୟୁବରଣ କରିଥିବା କୁହାଯାଉଛି।

### ସହଜ ହେବ...

ଏହାର ପରିସରକୁ ଅଧିକ ବ୍ୟାପକ କରିବାକୁ ଯାଉଛନ୍ତି। ଏହି ପ୍ରସ୍ତାବିତ ଜନବିଶ୍ୱାସ ବିଲ୍-୨୦୨୬ର ପ୍ରଥମ ସିଡ୍ୟୁଲ ଅନୁଯାୟୀ, ବ୍ୟବସାୟ ଓ ଶିଳ୍ପ ସମ୍ବନ୍ଧୀୟ ୧୮ଟି ଭିନ୍ନ ଭିନ୍ନ ଆଇନ ଅଧୀନରେ ଆସୁଥିବା ପ୍ରାୟ ୭୨ଟି ପ୍ରାବଧାନକୁ ସମ୍ପୂର୍ଣ୍ଣ ଭାବେ ଅପରାଧ ବର୍ଗରୁ ମୁକ୍ତ କରାଯିବ। ଏହି ୭୨ଟି ପ୍ରାବଧାନ ମଧ୍ୟରୁ ୨୪ଟି କ୍ଷେତ୍ରରୁ ଜେଲଦଣ୍ଡ ପ୍ରାବଧାନକୁ ସମ୍ପୂର୍ଣ୍ଣ ହଟାଇ ଦିଆଯିବ ଓ ୨୭ଟି କ୍ଷେତ୍ରରେ ଅପରାଧିକ ମାମଲା ବଦଳରେ ସାଧାରଣ ସିଭିଲ ପେନାଲଟି ବା ଆର୍ଥିକ ଜରିମାନା ଲାଗୁ ହେବ। ବାକି ୨୧ଟି ପ୍ରାବଧାନରେ ଜରିମାନା ପରିମାଣରେ ଆବଶ୍ୟକ ବାଦ୍ ଦିଆଯିବ ଅବା ପରିବର୍ତ୍ତନ କରାଯିବ। ଏହି ପ୍ରଶାସନିକ ସଂସ୍କାର ଫଳରେ କୌଣସି ବ୍ୟବସାୟୀ, ଶିଳ୍ପପତି ଓ ଉଦ୍ୟୋଗୀଙ୍କ ଦ୍ୱାରା ଅଜାଣତରେ କିମ୍ବା ବୈଷୟିକ କାରଣରୁ କୌଣସି ସାଧାରଣ ତ୍ରୁଟି ହେଲେ ସେମାନଙ୍କୁ ଆଉ କ୍ରିମିନାଲ କୋର୍ଟ କିମ୍ବା ଜେଲ ଯିବାର ଭୟ ରହିବ ନାହିଁ। ସେହିପରି ବିଲ୍‌ର ଦ୍ୱିତୀୟ ସିଡ୍ୟୁଲ ମାଧ୍ୟମରେ ଓଡ଼ିଶାରେ ନୂଆ ଶିଳ୍ପ ବା ବ୍ୟବସାୟ ପ୍ରତିଷ୍ଠା କରିବା ଓ ଏହାକୁ ସଫଳତାର ସହ ଚଳାଇବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ସରକାରୀ ଅନୁମତି ଓ ଏନଓସି ପ୍ରକ୍ରିୟାକୁ ଯଥେଷ୍ଟ ସରଳ ଓ ଯୁକ୍ତିଯୁକ୍ତ କରାଯିବ।

### ଗଣ୍ଡା ଗଣ୍ଡା ଅଭିଯୋଗ...

କାଫେକୁ ମିଶନ ଶକ୍ତି ବିପିସି, ବିପିଏମ, ଡିପିଏମ ଓ ମଝିରେ ମଝିରେ ଜିଲ୍ଲାପାଳଙ୍କର ଗ୍ରସ୍ତ କରିବା ନେଇ ମଧ୍ୟ ଗାଇଡଲାଇନ୍ ରହିଛି। କିନ୍ତୁ ଆଲୋଚ୍ୟ କାଫେ କ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ ମାସିକିଆ ବଟି ନେଇ ଚୁପ ରହୁଥିବା ଅଭିଯୋଗ ହେଉଛି। ସେହିପରି ଏହି କାଫେ ଚଳାଉଥିବା ବାବୁଙ୍କର ପହଞ୍ଚ ବେଶ୍ ଉପରକୁ ବୋଲି ଚର୍ଚ୍ଚା ହେଉଛି। କାଫେରେ ବିଭିନ୍ନ ଅବ୍ୟବସ୍ଥା ନେଇ ସାମାଜିକ କର୍ମୀ ସବ୍ୟସାଚୀ ସାହୁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଗୋପବନ୍ଧୁ ଛକଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତାରେ ବର୍ଷାପାଣି ଶୁଖୁନି



ଯାଜପୁର ରୋଡ୍, ୮।୭(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ଗୋପବନ୍ଧୁ ଛକ ଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ଉପରେ ଗତ ଶନିବାର ଲଘୁଚାପ ବର୍ଷାର ପାଣି ସୁଖୁନଥିବା ଦେଖିବାକୁ ମିଳିଥିଲା। ଲଘୁଚାପ ବର୍ଷା ଯୋଗୁଁ ବ୍ୟାସ ନଗରସହର ଜଳମଗ୍ନ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ବର୍ଷାପାଣି ଜମି ରହିଥିଲା।ବର୍ଷାଜଳ ନିଷ୍କାସନ ନହେବାରୁ ସହର ସମେତ ବସ୍ତି ଅଞ୍ଚଳ, ମୁଖ୍ୟ ବଜାରରେ ବି ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ଷା ଛାଡିବାର, ୩ ଦିନ ପରେବି ଅଧିକାଂଶ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ହୋଇପାରିନଥିଲା। ଫଳରେ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବା ସହ ପୌରସଂସ୍ଥାର ପାରିବାପଣିଆ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସହରର ଗୋପବନ୍ଧୁ ଛକରୁ ରେଲବାଇ ଷ୍ଟେସନ ରାସ୍ତାରେ ଆଜି ବର୍ଷାପାଣି ସୁଖିଥିବା ଦେଖିବାକୁ ମିଳିଛି। ସେହିପରି ରାଇସମିଲ୍, ଲକ୍ଷ୍ମୀ ମନ୍ଦିର ସମ୍ମୁଖ ବସ୍ତି ବାସିନ୍ଦାଙ୍କ ରାସ୍ତାରେ ଏବେବି ଜଳ ନିଷ୍କାସନ ଧିରେ ଧିରେ ଚାଲିଛି। ୩ଦିନ ପୂର୍ବରୁ ଏପରି ସମ୍ବେଦନଶୀଳ ସମୟରେ ପୌରସଂସ୍ଥା ପକ୍ଷରୁ ଜରୁରୀ ବୈଠକ କରାଯାଉଥିବା ବେଳେ ବିଧାୟକ ଆକାଶ ଦାସ ନାୟକ ଜଳ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବିଭିନ୍ନ ଅଧିକାରୀ, ସାଧାରଣ ଲୋକ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପୌର କର୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବସ୍ତି ଅଞ୍ଚଳ ଠାରୁ ସହରର ମୁଖ୍ୟ ବଜାରରୁ ଜଳ ନିଷ୍କାସନ ଠିକ୍ ସେ ହୋଇପାରୁନାହିଁ। ବର୍ଷା ହେବାର କିଛି ସମୟ ପରେ ପରେ ରାସ୍ତା ଉପରେ ଲହଡି ମାରୁଥିବା ବର୍ଷା ଜଳ ସମୀକ୍ଷା ଓ ଜରୁରୀ ବୈଠକ ବାସ୍ତବ ଚିତ୍ର ଦେଖିବାକୁ ମିଳୁଛି। ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କାର୍ଯ୍ୟ କରାଯାଉ ନଥିବା ଯୋଗୁଁ ଆଗାମୀ ଦିନରେ ଏହି ସହରର ଅବସ୍ଥା ବର୍ଷା ଯୋଗୁଁ ଶୋଚନୀୟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଏଠାକାର ପ୍ରଶାସନିକ ଅଧିକାରୀ ମାନେ ଏପରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ କ୍ଷିପ୍ର ରେ ନେବା ଜରୁରୀ ବୋଲି ସାଧାରଣରେ ଦାବି କରାଯାଉଛି।

## ଖଣି ବିଭାଗର ଚଢ଼ଉ; ୭ ବାଲି ମାଫିଆଙ୍କ ନାଁରେ ମାମଲା





ବାଲିଆପାଳ,୮।୭(ସଂଚାର ବ୍ୟୁରୋ): ବିଳମ୍ବରେ ହେଲେ ମଧ୍ୟ ୩ ଦିନ ତଳେ ଖଣି ବିଭାଗ ପକ୍ଷରୁ ୭ ଜଣ ବାଲି ମାଫିଆଙ୍କ ନାମରେ ଖଣି ବିଭାଗ ପକ୍ଷରୁ ଜଳେଶ୍ୱର ଥାନାରେ ମାମଲା ରୁଜୁ କରାଯାଇଛି। ଫଳରେ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ଚାଲାଣ କରୁଥିବା ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।ଘଟଣାରୁ ପ୍ରକାଶ, ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧୀନ ବିଭିନ୍ନ ସ୍ଥାନରୁ ନଦୀବନ୍ଧ କାଟି ମେସିନ୍ ଦ୍ୱାରା ପ୍ରତିଦିନ ହଜାର ହଜାର ଡମ୍ଫରରେ ପଶ୍ଚିମବଙ୍ଗକୁ ଚାଲାଣ ରିଆସୁଛନ୍ତି। ସରକାରଙ୍କ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ଥିବାବେଳେ ମାଫିଆ କୁବେର ସମ୍ପତ୍ତିର ଭିର ମାଲିକାନା ହେଉଛନ୍ତି। ଏ ସମ୍ପର୍କରେ ବିଭି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉ ପାଇଆସୁଥିବାବେଳେ ଲେ ସ୍ଥାନୀୟ ପ୍ରଶାସନ ହାତଗଣତି ଜଣେ ଦୁଇ ଜଣ ଜଣଙ୍କ ଉପରେ ସାମ ସାମାନ୍ୟ ଫାଇନ୍ ଆଦାୟ କରି ଚୁପ୍ ବସୁଛନ୍ତି। ଏନ୍‌ଫୋର୍ସ ଟିମ୍‌ରେ ପୁଲିସ୍ ଓ ତହସିଲ ଅଫିସର ଥିଲେ ମଧ୍ୟ ଚଢ଼ଉ ପୂର୍ବରୁ ମାଫିଆଙ୍କ ନିକଟରେଖବର ପହଞ୍ଚି ଯାଉଥିବାରୁ ଚଢ଼ଉ ଫଳଶୂନ୍ୟ। ହୋଇଯାଉଛି। ସୁବର୍ଣ୍ଣରେଖା ନଦୀରୁ ରାୟାଁରାମଚନ୍ଦ୍ରପୁର, ଚାଲନ୍ତି, ଶିଖରପୁର, ସେଖସରାଇ, ସେକବାର୍ଡ଼, ଗୋବରଘଟା, ଗୁଆଗଡ଼ିଆ, ଡିପିପୁର, ବାଲିକବାର୍ଡ଼, କଷ୍ଟାପାଳ, ରାଜନଗର ଇତ୍ୟାଦି ସ୍ଥାନରୁ ପ୍ରତିଦିନ ବାଲି ପରିବହନ ହୋଇଆସୁଛି। ଏକ ସପ୍ତାହ ହେବ ଜଳେଶ୍ୱର ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ମାଫିଆ ନଦୀରୁ ବାଲି ଉତ୍ତୋଳନ କରି ବିଭିନ୍ନ ସରକାରୀ ଓ ବେସରକାରୀ ଜାଗାରେ ପାହାଡ଼ଭଳି ଗଦା କରି ରଖୁଛନ୍ତି। ସମୟ ସୁବିଧା ଦେଖି ମାଫିଆ ପଶ୍ଚିମବଙ୍ଗକୁ ଚାଲାଣ କରିବାକୁ ଥିବାବେଳେ ଖଣି ବିଭାଗ ନିଦାବିଷ୍ଟୁ ସାଜିଛନ୍ତି। ବାରମ୍ବାର ଖବର ପ୍ରସାରଣ ପରେ ଜିଲା ଖଣି ବିଭାଗ ନିର୍ଦ୍ଦେଶରେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଜଳେଶ୍ୱରର ୭ ଜଣ ବାଲି ମାଫିଆଙ୍କ ଉପରେ ୩୯୮/୨୬ରେ ମାମଲା ରୁଜୁ କରିଛନ୍ତି।

### ଅର୍ଥ ହଡ଼ପର ପନ୍ଥା ସାଜିଛି ସରକାରୀ ପାନ୍ଥଶାଳା

# ୩୦ ଲକ୍ଷର ଘର ମରାମତି ପାଇଁ ୩ କୋଟି ଖର୍ଚ୍ଚ!



ବାଲିଆପାଳ,୮।୭ (ସଂଚାର ବ୍ୟୁରୋ): ଲୋକଙ୍କ ସେବାରେ କିମ୍ବା ସରକାରୀ କାର୍ଯ୍ୟରେ ଆସୁନଥିବା ଏକ ଦୁଇ ବଖରା ପାନ୍ଥଶାଳାକୁ ମରାମତି ନାମରେ ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ମାଲାମାଲ୍ ହୋଇଛନ୍ତି ସରକାରୀ ବାବୁ ଓ ଠିକାଦାର ଏଭଳି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଡଗରା ବେଳାଭୂମିରୁ।ଏଠାରେ ବାଲିଆପାଳ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପାନ୍ଥଶାଳା ନିର୍ମାଣ ହୋଇଥିଲା। ଡଗରା ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନେ ରହିବା ଓ ଖାଇବା ସୁବିଧା ପାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଉଦ୍ୟମରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ୧୯୯୮ ମସିହାରେ ନିର୍ମାଣ ଆରମ୍ଭ ହୋଇ ୨୦୦୦ ମସିହାରେ କାମ ସରିଥିଲା। କିନ୍ତୁ ଏହା ଲୋକାର୍ପଣ ହେଲାନାହିଁ। ଅଢ଼େଇ ଦଶନ୍ଧି ଭିତରେ ଜଣେ ବି ପର୍ଯ୍ୟଟକ ଏଠାରେ ରହିବାର ସୁଯୋଗ ପାଇଲେ ନାହିଁ। ଆରମ୍ଭରୁ ଅବ୍ୟବହୃତ ଅବସ୍ଥାରେ ଅଛି ଏହି ପାନ୍ଥଶାଳା। ହେଲେ ପ୍ରତିବର୍ଷ ଗୃହ ମରାମତି ନାମରେ ଅର୍ଥ ବ୍ୟୟ କରାଯାଉଛି କେଉଁ ବର୍ଷ ୧୦ ଲକ୍ଷ ତ' କେଉଁ ବର୍ଷ ୨୦ ଲକ୍ଷ; ଏମିତି ଭାବେ ଗତ ୨୫ ବର୍ଷରେ ମରାମତି ନାମରେ ପ୍ରାୟ ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଲାଣି। ଚଳିତ ବର୍ଷ ମଧ୍ୟ ପାନ୍ଥଶାଳା ମରାମତି ପାଇଁ ୨୧ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଚାଲିଛି। ଯଦି ପାନ୍ଥଶାଳାଟି ଲୋକଙ୍କ କାର୍ଯ୍ୟରେ ଆସୁନାହିଁ, ତେବେ ଏଠି ଅର୍ଥ ବ୍ୟୟ ହେଉଛି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ସେହିପରି ୨ ବଖରା ପାନ୍ଥଶାଳାକୁ ନୂଆରେ ତିଆରି କଲେ ୨୧ ଲକ୍ଷ ଟଙ୍କା ଯଥେଷ୍ଟ। ହେଲେ ମରାମତି ପାଇଁ ୨୧ ଲକ୍ଷ ଟଙ୍କା ମଞ୍ଜୁରି କଲା କିଏ ? ଏ ବାବଦରେ ବାଲିଆପାଳ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭବେନ୍ଦ୍ର ନାଥ ଟୁଡୁଙ୍କୁ ପଚାରିବାରୁ ଏବେ ମରାମତି କାମ ଠିକ୍‌ଠାକ୍ ଚାଲିଛି କହି ଅଭିଯୋଗକୁ ଏଡ଼ାଇ ଯାଇଥିଲେ।

## ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ବିଧାୟକ



କଟକ,୮।୭(ସଂଚାର ବ୍ୟୁରୋ): ଜିଲ୍ଲା ମାହାଙ୍ଗା ବ୍ଲକର ମାହାଙ୍ଗା ଗ୍ରାମପଞ୍ଚାୟତରେ ମାହାଙ୍ଗା ଯୁବ ବିଧାୟକ ସାରଦା ପ୍ରସାଦ ପ୍ରଧାନ ପୁରାତନ ମାହାଙ୍ଗା ଗ୍ରାମୀଣ ହାଟ ଏବଂ ମାହାଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରିବା ସହ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଲେଶ୍ୱରପୁର ଗ୍ରାମପଞ୍ଚାୟତରେ ଶ୍ରୀ ପ୍ରଧାନ ପରିଦର୍ଶନ କରି ମଧୁବନ, ଡଗରା ଗଳି, ନନ୍ଦିବର, ପ୍ରଧାନ ଗଳି, ପରିଡା ପାଟନା, ଗାଙ୍ଗପୁରା, କାନପୁର, ଆଲିଜୋଡା, ସୁଲତାନପୁର, ମଲ୍ଲିପୁରା ଗାଁର ଲୋକଙ୍କ ସହିତ ଆଲୋଚନା କରି ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହିତ ତୁରନ୍ତ କିଛି ସମସ୍ୟାର ସମାଧାନ କରିଥିଲେ, ଗତ ଦୁଇ ବର୍ଷ ମଧ୍ୟରେ ଅନେକ ସମସ୍ୟାର ସମାଧାନ ହୋଇଛି ଏବଂ ଏଗୁଡ଼ିକ ହେଉଛି ପ୍ରମୁଖ ସମସ୍ୟା, ଏହାକୁ ଯଥାଶୀଘ୍ର ସମାଧାନ କରିବାକୁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

## ୧.୫ କୋଟିର ଉଠା ଜଳସେଚନ ପ୍ରକଳ୍ପ ଅଚଳ



ଛତ୍ରପୁର,୮।୭(ସଂଚାର ବ୍ୟୁରୋ): ଚାଷୀଙ୍କୁ ସାରାବର୍ଷ ଜଳସେଚନ ସୁବିଧା ଯୋଗାଇ କୃଷି ଉତ୍ପାଦନ ବଢ଼ାଇବା ଲକ୍ଷ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋତାଗଡ଼ ନିକଟ ଋଷିକୂଲ୍ୟା ନଦୀରେ ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟରେ ତିନୋଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ। ମାତ୍ର ନିର୍ମାଣର ଦୁଇ ବର୍ଷ ପରେ ମଧ୍ୟ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବାରୁ ଚାଷୀମାନେ ସେଚନ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ କହିବାନୁସାରେ, ନିର୍ମାଣରେ ନିମ୍ନମାନର ଉପକରଣ ବ୍ୟବହାର କରାଯାଇଥିବାରୁ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଯନ୍ତ୍ରାଂଶ ଅଚଳ ହୋଇପଡ଼ିଛି। ଠିକାଦାର କାମ ସମ୍ପୂର୍ଣ୍ଣ ନକରି ଅଧାରେ ଛାଡ଼ି ଚାଲିଯାଇଥିବା ବେଳେ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ଫୋନ୍ ଉଠାଉ ନଥିବା ଅଭିଯୋଗ ହୋଇଛି। ଏହାଛଡ଼ା ପ୍ରକଳ୍ପ କାମ ଶେଷ ହୋଇଥିଲେ ମଧ୍ୟ ସ୍ଥଳରେ ସୂଚନା ଫଳକ ଲଗାଯାଇନଥିବାରୁ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚଳିତ ବର୍ଷ ବର୍ଷା କମ୍ ହୋଇଥିଲେ ମଧ୍ୟ ବର୍ତ୍ତମାନ ଋଷିକୂଲ୍ୟା ନଦୀରେ ପର୍ଯ୍ୟାପ୍ତ ମଧୁର ଜଳ ରହିଛି। କିନ୍ତୁ ପ୍ରକଳ୍ପର ତ୍ରୁଟି ଯୋଗୁଁ ନଦୀରୁ ପାଣି ଉଠାଯାଇପାରୁନାହିଁ। ଫଳରେ ଜମିକୁ ପାଣି ମାଡ଼ିପାରୁନଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି।

## ସୋଆରେ ଆଇଏନଏଆଇର ହେବ ୨ଦିନିଆ 'ଟେକ୍ନୋଲୋଜି କନ୍‌କ୍ଲେଭ' ଅନୁଷ୍ଠିତ



ଭୁବନେଶ୍ୱର,୮।୭ (ସଂଚାର ବ୍ୟୁରୋ): ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ଜାତୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପାଇଁ ଇଣ୍ଡିଆନ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଆଇ) ପକ୍ଷରୁ 'ଟେକ୍ନୋଲୋଜି କନ୍‌କ୍ଲେଭ-୨୦୨୬' ଆସନ୍ତା ଜୁଲାଇ ୧୧ ଓ ୧୨ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଦୁଇ ଦିନିଆ କନ୍‌କ୍ଲେଭରେ ବଣ୍ଟିତ କ୍ଷୁଦ୍ର ଓ ମଧ୍ୟମ ଆକାରର ପରମାଣୁ ରିଆକ୍ଟର ମାଧ୍ୟମରେ ଦୀର୍ଘମିଆଦୀ ଶକ୍ତି ସୁରକ୍ଷା, ତୈଳ ଓ ପ୍ରାକୃତିକ ଗ୍ୟାସ ଅନ୍ୱେଷଣ, କୋଇଲା ଗ୍ୟାସିଫିକେସନ୍, କ୍ରିଟିକାଲ୍ ମିନେରାଲ୍ ଓ ରେୟାର ଆର୍ଥ ଉତୋଳନ, ସେମିକଣ୍ଡକ୍ଟର ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି, ପରିବହନ ଓ ଲଜିଷ୍ଟିକ୍ସ ଏବଂ ଯୋଗାଯୋଗ ପ୍ରଯୁକ୍ତି ଭଳି ବିଷୟ ଉପରେ ବିଶେଷ ଆଲୋଚନା ହେବ ବୋଲି ବୁଧବାର ସୋଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏଆଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।। ଇଞ୍ଜିନିୟରିଂ କ୍ଷେତ୍ରର ଗବେଷକ, ଅଧ୍ୟାପକ, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ପାଇଁ ଏହି କନ୍‌କ୍ଲେଭ ଜ୍ଞାନର ଆଦାନ-ପ୍ରଦାନ ଓ ବୈଷୟିକ ଆଲୋଚନାର ଏକ ପ୍ରମୁଖ ମଞ୍ଚ ହେବ। ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସେଗୁଡ଼ିକର ନବସୃଜନାତ୍ମକ ସମାଧାନ ଖୋଜିବା ଏହାର ଉଦ୍ଦେଶ୍ୟ। ଏହା ସହିତ ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କୁ ଏହା ସେମାନଙ୍କର ଉଦ୍‌ଭାବନମୂଳକ ପ୍ରୟାସ ପ୍ରଦର୍ଶନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ୍ ଏଜୁକେସନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ହିଞ୍ଜିଳିକାଟୁ,୮।୭(ସଂଚାର ବ୍ୟୁରୋ): ଚଳିତ ବର୍ଷର ରଥଯାତ୍ରାକୁ ସୁରୁଖୁରରେ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ଦିନ ହିଞ୍ଜିଳିକାଟୁ ପୌରପରିଷଦର ସଭାକକ୍ଷ ଗୃହରେ ପୌରପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ ପ୍ରମୁଖ ଅତିଥି ଥିଲେ। ଜାତୀୟ ରାଜପଥ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫେଇ, ରଥଯାତ୍ରା ସମୟରେ ମନ୍ଦିର ପାର୍ଶ୍ୱରେ ବେଆଇନ ଭାବେ ଚାରିଚକିଆ ଯାନ, ପରିମଳ, ସ୍ୱାସ୍ଥ୍ୟସେବା, ଜଳଯୋଗାଣ, ସ୍ୱାସ୍ଥ୍ୟସେବା ନିମନ୍ତେ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ, ବିଜୁଳି ସେବାର ପ୍ରସ୍ତୁତି ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ଜଗନ୍ନାଥ ମନ୍ଦିରର ସଭାପତି କିରଣ ପଟ୍ଟନାୟକ, ହିଞ୍ଜିଳି ଥାନା ଏସଆଇ ରଶ୍ମିରଞ୍ଜନ ସାମଲ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସନ୍ତୋଷ ଷଡ଼ଙ୍ଗୀ, ଅବକାରୀ ଥାନା ଉପନିରୀକ୍ଷକ ସୁଶାନ୍ତ କୁମାର ବେହେରା, ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ସାମଲ, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ବାଦେକେତା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ

## ଶିକ୍ଷକ ନିଯୁକ୍ତି ନେଇ ଦାବିପତ୍ର ପ୍ରଦାନ

ଫୁଲବାଣୀ,୮।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ୍ ଆଦିମହା ଅଧିନସ୍ଥ ବାଦେକେତା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀରେ ଶହେ କୋଡୀ ଏ ଛାତ୍ର ଛାତ୍ରୀଙ୍କ ପାଇଁ ଅଛନ୍ତି ଜଣେ ଶିକ୍ଷକ, ଶିକ୍ଷକ ଙ୍କ ନିଯୁକ୍ତ ପାଇଁ ଗ୍ରାମବାସୀ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରିଥଲେ ମଧ୍ୟ ନ ଶୁଣିବାରୁ ଆଜି କନ୍ଧମାଳ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ଅତିରିକ୍ତ ଜିଲ୍ଲାପାଳ କୁଶଳ ନାୟକ ଙ୍କୁ ବଦେକେତା ଗ୍ରାମର, ବରିଷ୍ଟ ନାଗରିକ ବଦ୍ରିନାଥ ବେହେରକ୍ଷ ଦଳେଇ, ବିନାୟକ ମଲ୍ଲିକ, ସାମନ୍ତ ନାୟକ, ରାଜନ୍ ଦିଗାଲ, ମଦନ ବେହେରା ଦଳେଇ, ଏବଂ ଆଇନଜିବୀ ତଥା କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସଂପାଦକ ସତ୍ୟନାରାୟଣ ବେହେରା ସାକ୍ଷାତ କରି ବିଦ୍ୟାଳୟର ଶିକ୍ଷକ ଙ୍କ ନିଯୁକ୍ତି ପାଇଁ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ କନ୍ଧମାଳଙ୍କୁ ଯଥାଶୀଘ୍ର ଶିକ୍ଷକ ସ୍କୁଲ ରେ ନିଯୁକ୍ତ ପାଇଁ ଆଦେଶ ଦେଇ, ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଙ୍କ ନିକଟକୁ ଯାଇ ତ୍ୟୁରାନିତ୍ୱ ପାଇଁ ପରାମର୍ଶ ଦେଲେ। ଗ୍ରାମବାସୀ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଙ୍କ ନିକଟକୁ ଯାଇ ସମସ୍ତ ବିଷୟ ଅବଗତ କରାଇବା ପରେ, ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଯଥା ଶିଘ୍ର ଶିକ୍ଷକ ପଦବୀ ବାଦେକେତା ସ୍କୁଲରେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଗରୁ ସମାଜସେବୀ ଶ୍ରୀ ସତ୍ୟ ବେହେରା ଏପରି କନ୍ଧମାଳ ଜିଲ୍ଲାର ବିଭିନ୍ନ ଗ୍ରାମର ଲୋକଙ୍କୁ ସୁବିଧା ଅସୁବିଧା ରେ ସାହାଯ୍ୟ ସହଯୋଗ କରି ବେଶ ଜିଲ୍ଲାରେ ଚର୍ଚ୍ଚିତ ହୋଇଛନ୍ତି ।




## ବନ ମହୋତ୍ସବରେ ବୃକ୍ଷର ଯତ୍ନ ନେବାକୁ ଆହ୍ୱାନ

ଖୋର୍ଦ୍ଧା,୮।୭(ସଂଚାର ବ୍ୟୁରୋ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲରେ ବନ ମହୋତ୍ସବ ଓ ବ୍ୟାଙ୍କ୍ ସାଇବର କ୍ରାଇମ ସଚେତନତା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଛି। ଗତ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାରା ରୋପଣ, ଯତ୍ନ, ପରିବେଶ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ୍, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିନିୟର୍ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ବିଷ୍ଣୁ ପ୍ରସାଦ ସେଠୀ, ଦ୍ୱିତୀୟ କୃଷ୍ଣକାନ୍ତ ସାମନ୍ତରାୟ, ତୃତୀୟ ପ୍ରତ୍ୟୁଷ ରଞ୍ଜନ ସାହୁ, ଜୁନିଅର ବିଭାଗରେ ଶୁଭଲକ୍ଷ୍ମୀ ଦାସ, ସୁଜ୍ଞାନୀ ପ୍ରିୟଦର୍ଶନୀ, ସାଇ ଶାଶ୍ୱତୀ ବେହେରା, ଚିତ୍ରାଙ୍କନରେ ରତ୍ୟୁପୁନମ୍ ସିଂ, ଯୋଷିକା ଜାଗୃତି ପ୍ରଧାନ, ସାଇ ସମ୍ପୂର୍ଣ୍ଣ ସାହୁ, ଶୁଭାଙ୍ଗୀ ବିଶ୍ୱାଳ, ପଦ୍ମିନୀ ଜେନା, ଅଭୀଲିପ୍ସା ଲେଙ୍କା ମୁଖ୍ୟ ଅତିଥିଙ୍କଠାରୁ ପ୍ରମାଣ ପତ୍ର, ଟ୍ରଫି ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବର ଉଦ୍‌ଯାପନୀ ଦିବସରେ ଆକ୍ସିସ ବ୍ୟାଙ୍କ୍ ପକ୍ଷରୁ ସାଇବର୍ ବ୍ୟାଙ୍କ୍ ଠକେଇ ସଚେତନତା ସମ୍ପର୍କ ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ରେ ଖୋର୍ଦ୍ଧା ଏକ୍ସସ ବ୍ୟାଙ୍କ୍ ଶାଖା ପରିଚାଳକ ରାଜେନ୍ଦ୍ର ଖଣ୍ଡୁଆଳ, ସ୍କୁଲ ଚେୟାରମ୍ୟାନ୍ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗ ଦେଇ ଚାରା ରୋପଣ ଏବଂ ଯତ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ମୁଖ୍ୟ ଭୂମିକା ବର୍ଣ୍ଣନା କରିଥିଲେ। ଭବିଷ୍ୟତରେ ସୁସ୍ଥ ପରିବେଶ ଓ ଉତ୍ତମ ଜଳବାୟୁ ଅନୁଭୂତ ପାଇଁ ସମସ୍ତେ ଖାଲି ସ୍ଥାନରେ ଚାରା ରୋପଣ ଓ ଯତ୍ନ ପାଇଁ ଆହ୍ୱାନ ଦେଇଥିଲେ। ସ୍କୁଲ ଉପାଧ୍ୟକ୍ଷ ତୁଷାର କାନ୍ତ ମହାନ୍ତି, ଏକାଡେମିକ ଡିନ୍ ବନଦୁର୍ଗା ଶାହା, ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, କରସିମା ସାହୁ ପରିଚାଳନା କରିଥିଲେ।

## ଅଧିକାରର ସୁରକ୍ଷା ପାଇଁ ଆନ୍ଦୋଳନ ନିମନ୍ତେ ଆହ୍ୱାନ

ନୀଳଗିରି,୮।୭(ସଂଚାର ବ୍ୟୁରୋ): ବୁଧବାର ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ, ନୀଳଗିରି ପକ୍ଷରୁ ତେଲିପାଳ ଠାରେ ଏକ ବିଶାଳ ଗଣ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭା ରେ ଉପସ୍ଥିତ କ୍ରାନ୍ତିକାରୀ ନେତା ମାନେ ନିମ୍ନ ମତା ମତ ବ୍ୟକ୍ତ କରି ଥିବା ଶୁଣାଯାଇଛି। ଯେପରିକି, କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଏହାର ଇକୋ-ସେନ୍ସିଟିଭ୍ ଜୋନ୍ (ଇଏସ୍‌ଜେଡ୍) ଅଞ୍ଚଳରେ ବନ, ବନ୍ୟଜୀବ ଓ ସେଠାରେ ବସବାସ କରୁଥିବା ଆଦିବାସୀ ତଥା ପାରମ୍ପରିକ ବନବାସୀଙ୍କ ସାମ୍ବିଧାନିକ ଅଧିକାରକୁ ସମାନ ଭାବେ ସୁରକ୍ଷା କରିବାକୁ ଦାବି ଜୋରଦାର ହୋଇଛି। କୁଲଡ଼ିହାସିମିଳିପାଳ- କୁଲଡ଼ିହା- ହଦଗଡ଼ ହାତୀ କରିଡରର ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଂଶ। ପରିବେଶ ଓ ବନ ଆଇନ, ପଥର ଖାଦାନ, ଷ୍ଟୋନ କ୍ରସର ଓ ବନ୍ୟଜୀବଙ୍କୁ କ୍ଷତି ପହଞ୍ଚାଉଥିବା କୌଣସି କାର୍ଯ୍ୟ ଆଇନସମ୍ମତ ନୁହେଁ।

## ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ମନିଟରିଂ ଟିମ୍ ଗଠିତ




ନବରଙ୍ଗପୁର,୮।୭(ସଂଚାର ବ୍ୟୁରୋ): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଗ୍ନି ନିରାପତ୍ତା ସଭା ଜିଲ୍ଲାପାଳଙ୍କ ଅଶୋକ ମେହେଟା ସଭା ଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ନିରାପତ୍ତା ନିୟମର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ ମନିଟରିଂ, ଏନଫୋର୍ସମେଣ୍ଟ ଏବଂ ମିଳିତ ଦଳ ଗଠନ କରାଯାଇଛି। ଜରୁରୀ କାଳୀନ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୩୩୩, ତା. ୦୨.୦୭.୨୦୨୬ ଅନୁଯାୟୀ ଗଠିତ ଏହି ଦଳ ରେ ଉପ ଜିଲ୍ଲାପାଳ, ନବରଙ୍ଗପୁର ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଜରୁରୀକାଳୀନ), ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅଧିକ୍ଷକ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏବଂ ଟିପିଏସ୍‌ଓଡିଏଲ୍ ସମେତ ମୋଟ ୧୨ ଜଣ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି।ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନର କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ନିୟମାବଳୀର କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସାଧାରଣ ଜନତାଙ୍କ ଜୀବନର ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା ବୋଲି ମତ ପ୍ରକାଶ ପାଇଥିଲା।

# ସମୁଦ୍ର ସଂକେତ ବୁଆ କି ବିପର୍ଯ୍ୟୟର ସଂକେତ ?

- ଢେଉ ସହ ଯୁଦ୍ଧ ରେ ହାରି କୂଳରେ ଲାଗିଲା ସମୁଦ୍ର ଦୂତ
- ୯ ନମ୍ବର ଲେଖା, ଲାଇଟ ଫାଟିଲା, ସ୍ଥାନୀୟ ଓ ପର୍ଯ୍ୟଟକ ଚିନ୍ତିତ



କାକଟପୁର/ଅସ୍ତରଙ୍ଗ,୮।୭ (ସଂଚାର ବ୍ୟୁରୋ): ବୁଧବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗୁଣ୍ଡଲବା ସମୁଦ୍ର କୂଳରେ ପୁଣି ଥରେ ଏକ ବଡ ଲୁହା ବୁଆ ଲାଗିଛି। ଜଙ୍କ ଲାଗିଥିବା ଏହି ବୁଆ ଉପରେ ୯ ନମ୍ବର ଲେଖା ହୋଇଥିବା ବେଳେ ଉପର ଅଂଶରେ ଥିବା ଲାଇଟ ଫ୍ରେମ ସମ୍ପୂର୍ଣ୍ଣ ଭାବେ ଫାଟି ଯାଇଛି। ଗତ ୩ ରୁ ୪ ବର୍ଷ ଭିତରେ ଏହି ଅଞ୍ଚଳରେ ଏହା ତୃତୀୟ ଥର ପାଇଁ ଲାଗିବା ଘଟଣା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ବୁଧବାର ସକାଳେ ଜୁଆର ସମୟରେ ବୁଆଟି କୂଳକୁ ଭାସି ଆସିଥିଲା। ବୁଆ ଦେଖିବା ପାଇଁ ଶହ ଶହ ଲୋକ ଓ ପର୍ଯ୍ୟଟକ ସମୁଦ୍ର କୂଳରେ ଭିଡ ଜମାଇଥିଲେ। ବୁଆଟି ହେଉଛି ସମୁଦ୍ର ନୌ-ସଙ୍କେତ ବୁଆ। ସମୁଦ୍ରରେ ଚଳାଚଳ କରୁଥିବା ଜାହାଜ ଓ ମାଛ ଧରା ନୌକାଙ୍କୁ ଗଭୀରତା, ବାଲିଚର ଓ ବିପଦ ସମ୍ପର୍କରେ ସୂଚନା ଦେବା ଏହାର ମୁଖ୍ୟ କାମ। ରାତିରେ ଉପରେ ଥିବା ଲାଇଟ ଜଳି ନାବିକମାନଙ୍କୁ ରାସ୍ତା ଦେଖାଇଥାଏ। ବୁଆ ଉପରେ ଥିବା ୯ ନମ୍ବର ହେଉଛି ତାର ପରିଚୟ କୋଡ। ଏ ନେଇ ପ୍ରତିକ୍ରିୟା ରଖି ପର୍ଯ୍ୟଟକ ରଂଜିତ ରାଉତ କହିଛନ୍ତି, 'ଆମେ ପରିବାର ସହିତ ଅସ୍ତରଙ୍ଗ ବୁଲିବାକୁ ଆସିଥିଲୁ। ସକାଳୁ ଏତେ ବଡ ଲୁହା ବସ୍ତୁ ଦେଖି ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁ। ପ୍ରଥମେ ଭାବିଲୁ କିଛି ଦୁର୍ଘଟଣା ହୋଇଛି କି? ପରେ ଜଣାପଡ଼ିଲା ଏହା ସମୁଦ୍ର ବୁଆ। ସମୁଦ୍ର କେତେ ବିରାଟ ଓ ଶକ୍ତିଶାଳୀ ତାହା ଏହି ବୁଆ ଦେଖି ବୁଝାପଡୁଛି। ପ୍ରଶାସନ ଏହାକୁ ଶୀଘ୍ର ଉଦ୍ଧାର କରି ପୁଣି ସମୁଦ୍ରରେ ଲଗାଇବା ଦରକାର। ନଚେତ ପର୍ଯ୍ୟଟକଙ୍କ ପାଇଁ ବିପଦ ହୋଇପାରେ।' ସେହିପରି ପରିବେଶବିତ ତଥା ସ୍ଥାନୀୟ ବାସିନ୍ଦା ବିଚିତ୍ର ବିଶ୍ୱାଳ କହିଛନ୍ତି, 'ଗତ ୩-୪ ବର୍ଷ ଭିତରେ ଏହି ଗୁଣ୍ଡଲବା କୂଳରେ ଏହା ତୃତୀୟ ଥର ବୁଆ ଲାଗିଲା। ଏହା ସାଧାରଣ କଥା ନୁହେଁ। ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ଓ ବାତ୍ୟା ସୃଷ୍ଟି ହେଉଛି। ସମୁଦ୍ର ଉଷ୍ମତା ବଢୁଛି, ଯୋଗୁଁ ଢେଉ ଅଧିକ ଶକ୍ତିଶାଳୀ ହେଉଛି। ଏହାର ପ୍ରଭାବରେ ସମୁଦ୍ରରେ ଲାଗିଥିବା ବୁଆ ଗୁଡ଼ିକ ମୁରିଙ୍ଗରୁ ଖିଆ ହୋଇ କୂଳକୁ ଭାସି ଆସୁଛନ୍ତି। ଏହା ଜଳବାୟୁ ପରିବର୍ତ୍ତନର ଗୋଟେ ସଙ୍କେତ। ପ୍ରଶାସନ ସହିତ ମେରିଟାଇମ ବୋର୍ଡ଼କୁ ଏନେଇ ଗୁରୁତ୍ୱ ଦେବା ଦରକାର।' ସ୍ଥାନୀୟ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି ଯେ ବୁଆଟିକୁ ଉଦ୍ଧାର କରିବା ପାଇଁ ପୋର୍ଟ ଅଥରିଟିକୁ ସୂଚନା ଦିଆଯାଇଛି। ସାଧାରଣତଃ ଏଭଳି ବୁଆ ଲାଗିଲେ ତାକୁ ଛୁଇଁବା ବା ଭାଙ୍ଗିବା ଅନୁଚିତ। କାରଣ ଭିତରେ ବ୍ୟାଟେରୀ ବା ଅନ୍ୟ ବିପଦଜନକ ସାମଗ୍ରୀ ଥାଇପାରେ। ବାରମ୍ବାର ବୁଆ ଲାଗିବା ଘଟଣା ପରେ ଅସ୍ତରଙ୍ଗ କୂଳରେ ସମୁଦ୍ର ସୁରକ୍ଷା ଓ ନୌ-ସଙ୍କେତ ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ୧୩ରେ ଯୁଗ୍ମ ଜନ ଶୁଣାଣି ଶିବିର

ରାଇରଙ୍ଗପୁର,୮।୭(ସଂଚାର ବ୍ୟୁରୋ): ଜିଲ୍ଲା କାର୍ଯ୍ୟାଳୟର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଜୁଲାଇ ମାସ ଦ୍ୱିତୀୟ ସୋମବାର ତା ୧୩-୦୭-୨୦୨୬ ରିଖ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟ ସୂଚୀ ଅନୁଯାୟୀ ଉକ୍ତ ଜନ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସମସ୍ତ ସି ଡି ପି ଓ, ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀପ୍ରମୁଖଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ।

# ସବୁ ବେସରକାରୀ ନର୍ସିଂ ଅନୁଷ୍ଠାନର ହେବ ଯାଞ୍ଚ

- ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ନିରପେକ୍ଷ ଯାଞ୍ଚ ନିର୍ଦ୍ଦେଶ
- ମାସ ଶେଷ ସୁଦ୍ଧା ଡିଏମଇଟିରେ ଦାଖଲ ହେବ ରିପୋର୍ଟ
- ୧୬ରୁ ଆରମ୍ଭ ହେବ ଷ୍ଟପ ଡାଇରିଆ କ୍ୟାମ୍ପେନ୍



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

ରାଜ୍ୟରେ ଉନ୍ନତମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ନ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଓ ବ୍ୟାପକ ଯାଞ୍ଚ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ ଦଳ ମାଧ୍ୟମରେ ଏହି ଯାଞ୍ଚ କରାଯିବ। ଏଥିସହ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ମଧ୍ୟ ଏହି ଯାଞ୍ଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଞ୍ଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ଅନିୟମିତତା ଦେଖାଗଲେ, ସେହି ତ୍ରୁଟିପୂର୍ଣ୍ଣ ଅନୁଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବର୍ଷାଦିନ ଓ ରଥଯାତ୍ରା ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢୁଥିବାରୁ 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ' ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ଡାଇରିଆ, ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ ଆଦି ସମ୍ବନ୍ଧରେ ବ୍ୟାପକ ଜନ ସଚେତନତା ବିଷୟରେ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଗତ ଜୁନ୍ ୧୬ରୁ ଆଗାମୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଚେତନତା ଅଭିଯାନ ଜରିଆରେ ପାନୀୟ ଜଳର ଉତ୍ସଗୁଡ଼ିକୁ ବିଶୋଧନ କରିବା ସହ ତୃଣମୂଳ ସ୍ତରରେ ଆଶା ଦିଦି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଜିଙ୍କ୍ ବଟିକା ଓ ଓଆରଏସ ବଣ୍ଟନ କରି ଲୋକଙ୍କୁ ସତର୍କ କରାଉଛନ୍ତି।

ଇଣ୍ଡୋନେସିଆରେ ଓଡ଼ିଶାର ଗୌରବ ବଢ଼ାଇଲେ ପିଏମ୍ ମୋଦି

## ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଇଣ୍ଡୋନେସିଆ ମାଟିରେ ଓଡ଼ିଶାର ଗୌରବକୁ ଆହୁରି ବଢ଼ାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ଶ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିସହ ଶ୍ରୀ ପ୍ରଧାନ ତାଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିଜ ଗସ୍ତ ସମୟରେ ପ୍ରବାଦ ପୁରୁଷ ତଥା ଜନନାୟକ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହ ଇଣ୍ଡୋନେସିଆର ଘରେ ଘରେ ବିଜୁବାବୁ ଏବଂ ଭାରତ ପ୍ରତି ଅପାର ଶ୍ରଦ୍ଧା ରହିଛି ବୋଲି କହିଥିଲେ। ଏହାକୁ ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ମାଧ୍ୟମରେ ସାରା ବିଶ୍ୱରେ ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆଙ୍କ ମର୍ଯ୍ୟାଦା ଆହୁରି ବୃଦ୍ଧି ପାଇଛି। ଓଡ଼ିଶା ମାଟି ଓ ଏହାର ଜନନାୟକଙ୍କୁ ବିଶ୍ୱ ଦରବାରରେ ଏଭଳି ସମ୍ମାନିତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## କୋଟିଆ ପଞ୍ଚାୟତରେ ଆନ୍ଧ୍ର ତହସିଲଦାର

### ଏସ୍ଆଇଆର୍‌ର ସ୍ଥିତି ଅନୁଧ୍ୟାନ କରି ଫେରିଲେ



ପଟାଙ୍ଗି,୮।୭(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅଧୀନରେ ରହିଥିବା କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମଗୁଡ଼ିକରେ ପଡ଼ୋଶୀ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଅନୁପ୍ରବେଶ କରି ନିଜ ସରକାରଙ୍କ କାର୍ଯ୍ୟ ସହ ଜନଗଣନା ଓ ଏସ୍ଆଇଆର୍ କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ ମଧ୍ୟ ଓଡ଼ିଶାର ବ୍ଲକ ପ୍ରଶାସନ ନିକଟରେ ଖବର ଥାଇ ମଧ୍ୟ ଚୁପ ରହିବା ପ୍ରଶ୍ନ ସୃଷ୍ଟି କରିଛି।

ସୂଚନାନୁଯାୟୀ, ପଡ଼ୋଶୀ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ ମାନ୍ୟାମ ଜିଲ୍ଲା ଅଧୀନରେ ରହିଥିବା ସାଲୁର ତହସିଲଦାର (ଏମ୍ଆରଓ) ଏମ୍. ସୁରେଶ କୁମାର ଉପରସେମ୍ବି, ନେରିଡିବାଲସା, ତଳସେମ୍ବି, ତାଡିବାଲସା ପ୍ରମୁଖ ସୀମାନ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରି ଆନ୍ଧ୍ର ରାଜ୍ୟ ପକ୍ଷରୁ ହୋଇଥିବା ଜନଗଣନା ଓ ଚାଲିଥିବା ଏସ୍ଆଇଆର୍ ସର୍ଭେ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଉକ୍ତ ରାଜ୍ୟର ଡିଜିଟାଇଜେଶନ ସମ୍ପର୍କରେ ମଧ୍ୟ ପଚା ସ୍ଥିତି ପରଖିଥିଲେ। ଏହି ସମୟରେ ଆନ୍ଧ୍ର ରାଜ୍ୟ ପକ୍ଷରୁ ନିୟୋଜିତ ହୋଇଥିବା ବିଏଲ୍ଓ, ବିଏଲ୍ଏ ଓ ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ତହସିଲଦାରଙ୍କ ଉପସ୍ଥିତରେ ଫର୍ମ ପୂରଣ କରି ଫର୍ମଗୁଡ଼ିକ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏହିପରି କି ତଳସେମ୍ବି ଓ ଉପରସେମ୍ବି ଗ୍ରାମର ୧ ନମ୍ବର ଭୋଟ୍ କେନ୍ଦ୍ରର ଓ ନେରିଡିବାଲସା ଗ୍ରାମର ୪ ନଂ ଭୋଟ୍ କେନ୍ଦ୍ରରେ ପୂରଣ ହୋଇଥିବା ଜନଗଣନା ଫର୍ମ ସଂଗ୍ରହ କରିଥିଲେ। ସେପଟେ କିନ୍ତୁ ଜନଗଣନା ଏବଂ ଏସ୍ଆଇଆର୍ ସର୍ଭେ କାର୍ଯ୍ୟ ଓଡ଼ିଶା ପକ୍ଷରୁ ସତପ୍ରତିସତ ସଫଳତାର ସହ ସରିଥିବା ବେଳେ ଏହାପରେ ମଧ୍ୟ ଆନ୍ଧ୍ର ରାଜ୍ୟର ଅଧିକାରୀ ଓ ପ୍ରଶାସନ ଉକ୍ତ ସର୍ଭେ କାର୍ଯ୍ୟ କରିବାରେ ପଛଘୁଞ୍ଚା ଦେଇନାହାନ୍ତି। ଆନ୍ଧ୍ର ରାଜ୍ୟର ତହସିଲଦାରଙ୍କ ସହ ଅନ୍ୟ ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ନିଜର କାର୍ଯ୍ୟକ୍ରମ ଜାରି ରଖିଥିଲେ ମଧ୍ୟ ଓଡ଼ିଶାର ବ୍ଲକ ପ୍ରଶାସନ କ୍ଷେତ୍ରରେ କୌଣସି ପ୍ରଭାବ ପକାଇ ନ ଥିବା ବେଳେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ସମ୍ପର୍କରେ ଖବର ପାଇ ମଧ୍ୟ ଚୁପ୍ ହୋଇ ରହିଥିବା ଦୃଶ୍ୟ ଅନେକ କିଛି ଦର୍ଶାଉଛି। ଗତ ମାସ ୧୦ ତାରିଖରେ ଆନ୍ଧ୍ର ରାଜ୍ୟର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜି. ସନ୍ଧ୍ୟାରାଣୀ ଅନୁପ୍ରବେଶ କରି ଓଡ଼ିଶାର ପ୍ରଶାସନିକ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ କଡ଼ା ଚେତାବନୀ ଦେଇ ଫେରିବା ପରେ ପୁଣି ପ୍ରଶାସନିକ ଅଧିକାରୀ ଅନୁପ୍ରବେଶ କରି ନିଜର ଉପସ୍ଥିତି ଜାହିର କରିଛନ୍ତି।

## ଅଗ୍ନିକାଣ୍ଡରେ କବାଡ଼ି ଗୋଦାମ ପାଉଁଶ



ପୁରୀ,୮।୭(ସଂଚାର ବ୍ୟୁରୋ): ପୁରୀ ବ୍ରହ୍ମଗିରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳାଘାଟ ବ୍ରିଜ ନିକଟରେ ଥିବା ଏକ କବାଡ଼ି ଗୋଦାମରେ ନିଆଁ ଲାଗିବା ଫଳରେ ସମ୍ପୂର୍ଣ୍ଣ ଦୋକାନଟି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ଅଗ୍ନିଶମ ବିଭାଗ। ପ୍ରାୟ ଏକ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରଥିଲା ଅଗ୍ନିଶମ ବାହିନୀ। ଏହି ଅଗ୍ନିକାଣ୍ଡରେ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନଟି ପ୍ରଭାତ କୁମାର ପଣ୍ଡାଙ୍କର ହୋଇଥିବା ବେଳେ ଉକ୍ତ କବାଡ଼ି ଗୋଦାମ ଓ ଗୋଶାଳାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଗୋଶାଳାରୁ ଗାଈମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଛାତ୍ର ଉପରେ ମାଡ଼ିଗଲା ବସ୍

- ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା

ବରଗଡ଼,୮।୭(ସଂଚାର ବ୍ୟୁରୋ): ଛାତ୍ର ଉପରେ ମାଡ଼ିଗଲା ବସ୍। ବରଗଡ଼ ସହରସ୍ଥିତ ଗାନ୍ଧି ଛକ ନିକଟରେ ଦୁର୍ଘଟଣା ଘଟିଛି। ମୃତ ଛାତ୍ର ଜଣଙ୍କ ହେଲେ ରଗବିନ। ରଗବିନ୍ ସ୍କୁଲ ଯାଉଥିବା ସମୟରେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ପ୍ରଥମେ ସହରସ୍ଥିତ ଚିକିତ୍ସାଳୟ ପରେ ଖେଦାପାଲିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ଦୁର୍ଘଟଣା ପରେ ଜନସାଧାରଣଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣା ପରେ ପରିବାର ଲୋକଙ୍କ ମଧ୍ୟରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜଣେ କୁନି ଛାତ୍ରଙ୍କ ଏଭଳି ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଦୁଃଖ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ସମ୍ପର୍କରେ ପୁଲିସ ସୂଚନା ପାଇ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର କାରଣ ଓ ବସ୍ ଚାଳକଙ୍କ ଭୂମିକା ନେଇ ତଦନ୍ତ ଚାଲିଛି।

- ଆଜାଦ ନଗର ବୋମା ବିସ୍ଫୋରଣ ଘଟଣା

## ୟୁପିରୁ ଅଭିଯୁକ୍ତକୁ ଉଠାଇ ଆଣିଛି ଏନ୍ଆଇଏ ଟିମ୍



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଭୁବନେଶ୍ୱର ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଉତ୍ତର ପ୍ରଦେଶରୁ ଜଣେ ଅଭିଯୁକ୍ତକୁ ଉଠାଇ ଆଣିଛି ଏନଆଇଏ ଟିମ୍। ଭୁବନେଶ୍ୱର ପଟିଆ ଅଞ୍ଚଳରେ ଯୁବକଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି। ବୋମା ବିସ୍ଫୋରଣ ଲିଙ୍କ୍‌ରେ ଏନଆଇଏ ଟିମ୍ ଛାନ୍‌ଭିନ୍ ଜାରି ରଖିଛି। ବୋମା ପାଇଁ ପ୍ରସ୍ତୁତ ବିସ୍ଫୋରକ ଯୋଗାଣ ନେଇ ହାତ ଥିବା ସନ୍ଦେହ କରି କରି ଏନ୍ଆଇଏ ଟିମ୍ ଆଣି ଜେରା କରୁଛି। ଗତ ଜାନୁଆରୀ ୨୭ରେ ଘଟିଥିଲା ବିସ୍ଫୋରଣ। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଆଜାଦ ନଗରର ଏକ ଭଡ଼ାଘର ଛାତ ଉପରେ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା। ବୋମା ତିଆରି କରିବା ସମୟରେ ମୁଖ୍ୟ ଅଭିଯୁକ୍ତ ଶେହନୱାଜ୍ ମଲ୍ଲିକ ଓରଫ୍ ମୁଫି ଓ ମା' ଲିଜାତୁନ୍ ବିବି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଗନ୍ ପାଉଡର୍ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଗତ ଏପ୍ରିଲ ୬ରୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏହି ମାମଲାର ତଦନ୍ତ କରୁଛି।

## ଟ୍ରକ୍‌କୁ ପିଟିଲା ୱିଙ୍ଗର: ୧୬ ଗୁରୁତର

ଜଳେଶ୍ୱର,୮।୭(ସଂଚାର ବ୍ୟୁରୋ): ଟ୍ରକ୍‌କୁ ପଛପଟୁ ପିଟିଲା ଟାଟା ୱିଙ୍ଗର। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର କୁଣ୍ଡୁପୁର ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ପଶ୍ଚିମବଙ୍ଗ ଫେରୁଥିବା ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟାଟା ୱିଙ୍ଗର ଗାଡ଼ି ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୧୬ ଜଣ ତୀର୍ଥଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ପାଟ୍ରୋଲିଂ ପୁଲିସ, ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରଖିଛି।

## ଭୁବନେଶ୍ୱର କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): କିଛି ମାସର ବ୍ୟବଧାନ ପରେ ପୁଣିଥରେ ଭୁବନେଶ୍ୱର କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଆସିଛି ଧମକ। ଇମେଲ୍‌ରେ ଏହି ଧମକ ଦିଆଯାଇଥିବା ବେଳେ ଏହାକୁ ନେଇ କୋର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ବୋମା ନିଷ୍କ୍ରିୟକାରୀ ଟିମ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ଏହାଛଡ଼ା ସନ୍ଧାନୀ କୁକୁର ଓ ବହୁ ସଂଖ୍ୟାରେ ପୁଲିସ ଫୋର୍ସ ମଧ୍ୟ କୋର୍ଟରେ ପହଞ୍ଚି ତଲାସୀ ଅଭିଯାନ ଜାରି ରଖିଛନ୍ତି। ତେବେ ବଡ଼ କଥା ହେଉଛି କିଏ ଓ କାହିଁକି ଏଭଳି ଧମକପୂର୍ଣ୍ଣ ମେଲ୍ କରିଛି, ତା'ର ଯାଞ୍ଚ କରାଯାଉଛି। ଧମକ ଇ-ମେଲ ମିଛ ନା ସତ, ତା'ର ମଧ୍ୟ ସତ୍ୟାସତ୍ୟ ଯାଞ୍ଚ କରୁଛି ପୁଲିସ। ପୂର୍ବରୁ ଏକାଧିକ ବାର ବିଭିନ୍ନ କୋର୍ଟକୁ ବୋମା ଧମକ ମିଳିଛି। ପରେ ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ବାରମ୍ବାର ଏଭଳି ମେଲ ଏବେ ପୁଲିସ ପାଇଁ ଚିନ୍ତାର ବିଷୟ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କିଛି ମାସ ହେବ ରାଜ୍ୟର ବିଭିନ୍ନ କୋର୍ଟକୁ ଏଭଳି ଇ-ମେଲ୍ ଆସିବାରେ ଲାଗିଛି। ମାର୍ଚ୍ଚ ୯ ତାରିଖରେ ପୁରୀ କୋର୍ଟକୁ ମଧ୍ୟ ଏଭଳି ଇ-ମେଲ୍ ଯୋଗେ ଧମକ ମିଳିଥିଲା। ତେବେ ଯାଞ୍ଚ ପରେ ତାହା ଗୁଜବ ବୋଲି ଜଣାପଡ଼ିଥିଲା। ଗତ ଜାନୁଆରୀ ୮ ତାରିଖରେ ହାଇକୋର୍ଟ ସମେତ ସମ୍ବଲପୁର, ଦେବଗଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା, ଯାହାକୁ ନେଇ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ ପରେ ତାହା ଗୁଜବ ବୋଲି ଜଣାପଡ଼ିଥିଲା।

- ବଡ଼ବିଲରେ ଡକାୟତି ଓ ସାଇବର ଲୁଟ୍‌ର ପର୍ଦ୍ଦାଫାସ

## ମହିଳା ମାଷ୍ଟରମାଇଣ୍ଡ ସମେତ ୬ ଗିରଫ

ଯୋଡ଼ା,୮।୭(ସଂଚାର ବ୍ୟୁରୋ): ବଡ଼ବିଲରେ ଡକାୟତି ଓ ସାଇବର ଲୁଟ୍‌ର ପର୍ଦ୍ଦାଫାସ। ମହିଳା ମାଷ୍ଟରମାଇଣ୍ଡଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି। କେନ୍ଦୁଝର ବଡ଼ବିଲରେ ମୋବାଇଲ ଲୁଟେରାଙ୍କୁ ମୋହରା କରି ଏକ ବଡ଼ ଧରଣର ସାଇବର ଠକେଇର ପର୍ଦ୍ଦାଫାସ କରିଛି ବଡ଼ବିଲ ଥାନା ପୁଲିସ। ମାମଲାରେ କିଙ୍ଗପିନ୍ ମହିଳାଙ୍କ ସମେତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ସାଇବର ଠକେଇରେ ବେଶ୍ ପାରଙ୍ଗମ ଓ ଝାଡ଼ଖଣ୍ଡର କୁଖ୍ୟାତ 'ଜାମତାରା ଗ୍ୟାଙ୍ଗ୍' ସହ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି।

ଗତ ଜୁନ୍ ୪ ତାରିଖରେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ରଇଡ଼ା ଛକ ନିକଟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପରେ ସେହି ଲୁଟ୍ ହୋଇଥିବା ମୋବାଇଲ୍ ସାହାଯ୍ୟରେ ଅନ୍‌ଲାଇନ୍ ଆପ୍ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୧ ଲକ୍ଷ ୮୬ ହଜାର ୫୦୦ ଟଙ୍କା ଗାଏବ କରିଦିଆଯାଇଥିଲା। ଏନେଇ ଗତ ୬ ତାରିଖରେ ବଡ଼ବିଲ୍ ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ବଡ଼ବିଲ ଓ ଯୋଡ଼ା ଅଞ୍ଚଳର ୯ରୁ ୧୦ ଜଣ ଅସାମାଜିକ ବ୍ୟକ୍ତି ଏକ ଗ୍ୟାଙ୍ଗ୍ ଗଢ଼ି ଦୀର୍ଘଦିନ ଧରି ଚୋରି, ଛିନ୍ତାଇ ଓ ଡକାୟତି କାର୍ଯ୍ୟରେ ଲିପ୍ତ ଥିଲେ। ବିଶେଷକରି ଟ୍ରକ୍ ଡ୍ରାଇଭରମାନଙ୍କୁ ଟାର୍ଗେଟ୍ କରି ସେମାନେ ଏହି ଅପରାଧ କରୁଥିଲେ। ପୁଲିସ ଚଢ଼ାଉ ସମୟରେ ଚନ୍ଦ୍ରାବତୀଙ୍କ ଘରୁ ୧୨ଟି ମୋବାଇଲ୍, ୨୬ଟି ବ୍ୟାଙ୍କ ପାସ୍ ବୁକ୍ ଓ ୨୮ଟି ସିମ୍ କାର୍ଡ ଜବତ କରିଛି।

ଆଜି ଭୋର ସମୟରେ ଯୋଡ଼ା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ମାରଣାସ୍ତ୍ର ସହ ଗିରଫ କରିଥିଲା। ପଚରାଉଚରା ପରେ ଚନ୍ଦ୍ରାବତୀକୁ ପୁଲିସ୍ ଗିରଫ କରିଥିଲା। ଏହି ଡକାୟତି ଗ୍ୟାଙ୍ଗଠାରୁ ପୁଲିସ୍ ୩ଟି ଖଣ୍ଡା, ଗୋଟିଏ ଛୁରୀ, ୫ଟି ମୁଖା ଓ ୩ ହଜାର ୩ ଶହ ଟଙ୍କା ଜବତ କରିଛି। ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଥିବା ବଡ଼ବିଲ ଏସଡିପିଓ ସୂଚନା ଦେଇଛନ୍ତି।

## ସମୁଦ୍ର ମଝିରୁ ଉଦ୍ଧାର ହେଲେ ୧୦ ମତ୍ସ୍ୟଜୀବୀ

- ଫସିଥିଲା ଆନ୍ଧ୍ରପ୍ରଦେଶର ମାଛଧରା ବୋଟ୍



ପୁରୀ,୮।୭(ସଂଚାର ବ୍ୟୁରୋ): ସମୁଦ୍ର ମଝିରୁ ଉଦ୍ଧାର ହେଲେ ୧୦ ମତ୍ସ୍ୟଜୀବୀ। ବୋଟ୍ ସହ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ଭାରତୀୟ ତଟରକ୍ଷୀ ବାହିନୀ। ଉଦ୍ଧାର ପରେ ବନ୍ଦରର ନିଷିଦ୍ଧାଞ୍ଚଳରେ ସୁରକ୍ଷିତ ଭାବେ ପହଞ୍ଚିଛନ୍ତି। ପୁରୀ ଉପକୂଳରେ ସମୁଦ୍ର ଅଶାନ୍ତ ହୋଇପଡ଼ିବାରୁ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ବୋଟ୍ ଫସିଯାଇଥିଲା। ପରେ କୋଷ୍ଟଗାର୍ଡ ପାରାଦୀପ ମୁଖ୍ୟାଳୟକୁ ଯୋଗାଯୋଗ କରିଥିଲେ। ମାଛଧରା ବୋଟ୍‌କୁ ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ନେବାକୁ ବନ୍ଦର କର୍ତ୍ତୃପକ୍ଷ ଅନୁରୋଧ କରିବା ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ଦର କର୍ତ୍ତୃପକ୍ଷ ସେମାନଙ୍କୁ ଅନୁମତି ଦେଇଥିଲେ। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ସୁରକ୍ଷିତ ଥିବା ସହ ସେମାନେ ନିଜ ଘରକୁ ଫେରିଛନ୍ତି। ଅଚଳ ଡଙ୍ଗାଟିକୁ ପରବର୍ତ୍ତୀ ସମୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ ବିଜୟନଗରମ ଜିଲ୍ଲାର ଚିନ୍ତାପଲ୍ଲୀ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି।

## ଝାଞ୍ଜି ପାହାଡ଼ରୁ ନିଖୋଜ ୨ ଯୁବକ ଉଦ୍ଧାର

ପଦ୍ମପୁର,୮।୭(ସଂଚାର ବ୍ୟୁରୋ): ଝାଞ୍ଜି ପାହାଡ଼ରୁ ୨ ଜଣ ଯୁବକ ନିଖୋଜ ହୋଇଯାଇଥିବା ବେଳେ ପାଖାପାଖି ୨୦ ଘଣ୍ଟାର ଅନୁସନ୍ଧାନ ପରେ ସେମାନଙ୍କୁ ଠାବ କରାଯାଇଛି। ମିଳିଥିବା ସୂଚନାନୁସାରେ, ଗତକାଲି କନସିଂହା ଗାଁର ୯ ଜଣ ଯୁବକ ମଙ୍ଗଳବାର ବରିହାପାଲି ପଞ୍ଚାୟତ ଝାଞ୍ଜି ପାହାଡ଼ ପାଦଦେଶସ୍ଥିତ କୁଠିଖୋଲକୁ ଯାଇଥିଲେ। ପରେ ସେମାନେ ପାହାଡ଼ ଉପରକୁ ଚଢ଼ିଥିଲେ। କିଛି ସମୟ ପରେ ଦଳର ଦୁଇ ଜଣ ସଦସ୍ୟ ରାଜ ମଲ୍ଲିକ ଓ ଗଣେଶ ଡୁଡୁକା ଅନ୍ୟମାନଙ୍କଠାରୁ



ବିଚ୍ଛିନ୍ନ ହୋଇଯାଇଥିଲେ ଓ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେବା ପରେ ଖୋଜାଖୋଜି ଜୋରଦାର ହୋଇଥିଲା। ବନ ବିଭାଗର କର୍ମଚାରୀ, ଅଗ୍ନିଶମ ବିଭାଗ, ସ୍ଥାନୀୟ ଲୋକ ଓ ଡିଭିଏଫ୍ ଟିମ୍ ସହାୟତାରେ ପାହାଡ଼ିଆ ଓ ଘଞ୍ଚ ଜଙ୍ଗଲରେ ନିଖୋଜ ଯୁବକମାନଙ୍କୁ ଖୋଜାଖୋଜି କରାଯିବା ପରେ ଶେଷରେ ସେମାନଙ୍କୁ ଛତିଶଗଡ଼ ସୀମାସ୍ଥିତ ବନୁଭଟା ଗ୍ରାମରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

## ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜର୍





କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ

କେନ୍ଦ୍ରାପଡ଼ା,୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର୍ ରବୀନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ ଜିଲ୍ଲାର ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳିରେ ୭୦୩୮ ବର୍ଗ ଫୁଟ୍ ଜମିରେ ତାଙ୍କର ପାଖାପାଖି ୭ ହଜାର ବର୍ଗଫୁଟର ଏକ ୪ ମହଲାବିଶିଷ୍ଟ ପ୍ରାସାଦ ରହିଛି। ସେହିପରି ବାଙ୍କୀରେ ଆଉ ଏକ କୋଠା ଠାବ ହୋଇଛି। ଏଥିସହ କଟକ ଜିଲ୍ଲାର ବାରଙ୍ଗରେ ୬ଟି ମୂଲ୍ୟବାନ ଜମି ରହିଛି। ଚଢ଼ାଉ ସମୟରେ ତାଙ୍କ ଘରୁ ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା ଜବତ ହୋଇଛି। ସେହିପରି ବ୍ୟାଙ୍କରେ ତାଙ୍କ ନାମରେ ୭୩ ଲକ୍ଷ ଟଙ୍କା ଜମା ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଆହୁରି ତାଙ୍କ ଘରୁ ବହୁ ପରିମାଣର ସୁନାଗହଣା ଓ ପାଖାପାଖି ଅଧ କିଲୋ ଓଜନର ରୁପା ଅଳଙ୍କାର ଜବତ ହୋଇଛି। ଘରେ କେବଳ ୧୮ ଲକ୍ଷ ଟଙ୍କାର ସୌଖୀନ ଜିନିଷପତ୍ର ରହିଛି। ଏହାବ୍ୟତୀତ ତାଙ୍କ ପାଖରେ ଏକ ଦାମୀ କାର ରହିଛି। ସେ ୧୯୮୮ରେ ମାତ୍ର ଏକ ହଜାର ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଗତ ୨୦୨୧ରେ ସେ ରେଞ୍ଜର୍ ପଦବୀକୁ ପଦୋନ୍ନତି ପାଇଥିଲେ। ସରକାରୀ ଚାକିରି କାଳ ମଧ୍ୟରେ କିପରି ବହୁ କୋଟି ଟଙ୍କାର ମାଲିକ ହେଲେ, ତାହା ଜାଣିବା ସକାଶେ ଭିଜିଲାନ୍ସ ଅଧିକାରୀମାନେ ଖୋଳତାଡ କରୁଛନ୍ତି। ତାଙ୍କ ଚାକିରି କାଳ ମଧ୍ୟରେ ସେ ବାଲୁଗାଁ, ଚନ୍ଦକା, ଭୁବନେଶ୍ୱର, ମହାନଦୀ ଓ ନୟାଗଡ଼ ବନଖଣ୍ଡ ଆଦି କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ୍ ଶ୍ରୀ ନାୟକଙ୍କ ଗ୍ରାମରେ ଥିବା ଘର, ମୁଣ୍ଡଳିସ୍ଥିତ ୪ ମହଲା ଘର ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କଟକସ୍ଥିତ ଭିଜିଲାନ୍ସ ଏସପି କାର୍ଯ୍ୟାଳୟକୁ ନେଇଛି। ତାଙ୍କ ପାଖରୁ ଆହୁରି ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ୫ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୫ ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫମାନେ ସାମିଲ ଅଛନ୍ତି।

- ବେଆଇନ ମଦ କାରବାର ଉପରେ ଚଢ଼ାଉ

## ୩୦୦ ଲିଟର ପୋଚ ନଷ୍ଟ

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ତତ୍ତ୍ୱାବଧାନରେ ବେଆଇନ ମଦ କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଗଜପତି ଜିଲ୍ଲା ପୁଲିସକୁ ଆଉ ଏକ ସଫଳତା ମିଳିଛି। ସୂଚନା ଆଧାରରେ ଆଜି ସମ୍ପୃକ୍ତ ଥାନା ଅଧୀନ ପଟ୍ଟାମା ଗ୍ରାମରେ ପୁଲିସ ଚଢ଼ାଉ କରିଥିଲା। ଏହି ସମୟରେ ମୁନା ବିଷୋୟୀଙ୍କ ଘରେ ଯାଞ୍ଚ କରାଯାଇ ପ୍ରାୟ ୫୦ ଲିଟର ବେଆଇନ ଦେଶୀ ମଦ, ୨୦ ଲିଟର ବିଦେଶୀ ମଦ ଓ ୪ ବସ୍ତା ମହୁଲି ଜବତ କରାଯାଇଛି। ସେହିପରି ବେଆଇନ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୩୦୦ ଲିଟର ପୋଚ ଚିହ୍ନଟ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବେଳେ ବେଆଇନ ମଦ କାରବାର ବିରୋଧରେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ପଞ୍ଚାୟତ ଲଢ଼େଇ ପାଇଁ ଗ୍ରାଉଣ୍ଡକୁ ଓହ୍ଲାଇଲେ ମନମୋହନ

- କଂଗ୍ରେସ ଗଡ଼ରୁ ଆରମ୍ଭ କଲେ ଅଭିଯାନ
- ହାତର ହାତମୁଠା ଦୁର୍ବଳ କରିବାକୁ ଦେଲେ ଟିପ୍ସ



ନବରଙ୍ଗପୁର, ୮।୭(ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାଉଣ୍ଡକୁ ଓହ୍ଲାଇଲା ବିଜେପି। କଂଗ୍ରେସ ଗଡ଼ରୁ ଆରମ୍ଭ କଲା ଅଭିଯାନ। ନବରଙ୍ଗପୁର ଗସ୍ତରେ ଯାଇଥିବା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସେଠାରେ ଦଳୀୟ ସ୍ଥିତିର ସମୀକ୍ଷା କରିଛନ୍ତି। ତୃଣମୂଳ ସ୍ତରର ସଂଗଠନକୁ ମଜଭୁତ କରିବା ଏବଂ ଅନ୍ୟଦଳର ନେତାଙ୍କୁ ନିଜ ଆଡକୁ ଆଣି ବିରୋଧୀଙ୍କୁ ବଳହୀନ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ବିଜେପି। ଦଳୀୟ ନେତାମାନଙ୍କ ସହିତ ରୁଦ୍ଧ ଦ୍ୱାର ବୈଠକରେ ପଞ୍ଚାୟତ ପ୍ରସ୍ତୁତି ନେଇ ସ୍ଥାନୀୟ ନେତାଙ୍କୁ ଦେଇଛନ୍ତି ମନ୍ତ୍ର। ସରକାରୀସ୍ତରରେ ମଧ୍ୟ ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ସାଂସଦ, ବିଧାୟକ ଓ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ କର୍ମୀଙ୍କ ମନୋବଳ ବଢ଼ାଇ ରାଜ୍ୟ ସଭାପତି କହିଛନ୍ତି ବିଜେପି ଅନ୍ୟ ରାଜନୈତିକ ଦଳମାନଙ୍କଠାରୁ ଭିନ୍ନ, ଏହି ଦଳର ନୀତି, ଆଦର୍ଶକୁ ମାନି ଚଳିଲେ ସାମାନ୍ୟ କାର୍ଯ୍ୟକର୍ତ୍ତାଙ୍କର ମଧ୍ୟ ଭବିଷ୍ୟତ ଉଜ୍ଜଳ ହେବ। ଓଡିଶା ରାଜନୀତି ଇତିହାସରେ ଅବିଭକ୍ତ କୋରାପୁଟ ଜିଲ୍ଲା କଂଗ୍ରେସର ଗଡ଼ ଭାବେ ପରିଚିତ। ଧୀରେ ଧୀରେ ଏହି ଗଡ଼ କଂଗ୍ରେସ ହାତରୁ ଖସୁଥିବା ବେଳେ ସେଠାରେ ନିଜ ଗୋଡ଼ ମଜଭୁତ କରୁଛି ବିଜେପି। କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ପରି ୪ଟି ଜିଲ୍ଲା ଦୁଇଟି ସଂସଦୀୟ କ୍ଷେତ୍ର ନବରଙ୍ଗପୁର ଓ କୋରାପୁଟରେ ବିଭକ୍ତ। ନବରଙ୍ଗପୁରରେ ଯଦିଓ ମାତ୍ର ଗୋଟିଏ ବିଧାନସଭା ସିଟ କଂଗ୍ରେସ ହାତେଇଥିଲା କିନ୍ତୁ କଂଗ୍ରେସ ଭୋଟ ପ୍ରତିଶତ ଗତ ନିର୍ବାଚନରେ ବିଜେପି ପାଇଁ ଚିନ୍ତାର ବିଷୟ ଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବଜାରକୁ ଆସିଲା ନଥିଙ୍ଗ ଫୋନ୍ (୪ବି)

ନୂଆଦିଲ୍ଲୀ,୮।୭: ଯୁବବର୍ଗଙ୍କୁ ଆକୃଷ୍ଟ କଲା ଭଳି ୟୁନିକ୍ ଡିଜାଇନ୍ ପାଇଁ ଜଣାଶୁଣା ଟେକ୍ ବ୍ରାଣ୍ଡ୍ 'ନଥିଙ୍ଗ' ଭାରତୀୟ ବଜାରରେ ଏହାର ନୂଆ 'ବି' ସିରିଜ୍ର ପ୍ରଥମ ଫୋନ୍ ନଥିଙ୍ଗ ଫୋନ (୪ବି) ଲଞ୍ଚ କରିଛି। ଏହି ସ୍ମାର୍ଟଫୋନରେ କମ୍ପାନୀ ସବୁଠାରୁ ବଡ଼ ବ୍ୟାଟେରୀ ସହିତ ଆଡଭାନ୍ସ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫିଚର୍ସ ଦେଇଛି, ଯାହା ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ। ଡିଜାଇନ କଥା କହିଲେ, ନଥିଙ୍ଗର ପାରମ୍ପରିକ ଟ୍ରାନ୍ସପରେଣ୍ଟ ବ୍ୟାକ୍ ଡିଜାଇନ୍ ସହ ଏଥିରେ ଏକ ନୂଆ **Glyph Bar** ଦିଆଯାଇଛି। ଏହି ଲାଇଟ୍ ବାର୍ରେ ୪୫ଟି ମିନି ଏଲଇଡି ରହିଛି, ଯାହା ପୂର୍ବ ଅପେକ୍ଷା ୪୦ ପ୍ରତିଶତ ଅଧିକ ଉଜ୍ଜ୍ୱଳ। ଏଥିରେ ୟୁଜରଙ୍କୁ ନୋଟିଫିକେସନ୍, ଟାଇମର୍, ଚାର୍ଜିଂ ଷ୍ଟାଟସ୍ ଏବଂ କ୍ୟାମେରା କାଉଣ୍ଟଡାଉନ୍ ଭଳି ଅନେକ ସୂଚନା ଲାଇଟ୍ ମାଧ୍ୟମରେ ମିଳିପାରିବ।

ଫୋନରେ ୧୨୦Hz ରିଫ୍ରେସ୍ ରେଟ୍ ୬.୭୭ ଇଞ୍ଚର ସୁପର ଆମୋଲେଡ୍ ଡିସପ୍ଲେ ରହିଛି। ଫଟୋଗ୍ରାଫି ପାଇଁ ଅପ୍ଟିକାଲ୍ ଇମେଜ୍ ଷ୍ଟାବିଲାଇଜେସନ୍ (ଓଆଇଏସ) ସହ ୫୦ ମେଗାପିକ୍ସେଲର ମେନ୍ କ୍ୟାମେରା ଏବଂ ୮ ମେଗାପିକ୍ସେଲର ଅଲଟ୍ରା-ୱାଇଡ୍ କ୍ୟାମେରା ଦିଆଯାଇଛି। ସେହିପରି ସେଲଫି ପାଇଁ ୧୬ ମେଗାପିକ୍ସେଲ୍ର କ୍ୟାମେରା ରହିଛି।

ଭାରତୀୟ ଗ୍ରାହକଙ୍କ ପାଇଁ ଏହି ଫୋନରେ ୩୩ଡବ୍ଲ୍ୟୁ ଫାଷ୍ଟ ଚାର୍ଜିଂ ସପୋର୍ଟ ସହ ୬,୦୦୦ଏମଏଏଚର ବଡ଼ ବ୍ୟାଟେରୀ ଦିଆଯାଇଛି। ସେହିଭଳି ଫୋନ୍ର ପରଫରମାନ୍ସକୁ ସୁପରଫାଷ୍ଟ କରିବା ପାଇଁ ଏଥିରେ **Qualcomm Snapdragon** ୬ ଜେନ୍ ୪ ପ୍ରୋସେସର ରହିଛି। ଗେମିଂ ସମୟରେ ଫୋନ୍ ଗରମ ନହେବା ପାଇଁ ଏଥିରେ ଲାର୍ଜ ଭେପର ଚାମ୍ବର କୁଲିଂ ସିଷ୍ଟମ ମଧ୍ୟ ଦିଆଯାଇଛି। ଏହି ଫୋନ୍ଟି ଲେଟେଷ୍ଟ ଆଣ୍ଡ୍ରଏଡ୍ ୧୬ ଦ୍ୱାରା ପରିଚାଳିତ ଏବଂ ନଥିଙ୍ଗ ଓଏସ ୪.୧ ଅପରେଟିଂ ସିଷ୍ଟମ ଦେଖିବାକୁ ମିଳିବ। ଏଥିରେ କମ୍ପାନୀର ନିଜସ୍ୱ ଏସେନସିଆଲ୍ ଏଆଇ ସୁଟ୍ ସହ ଚାଟ୍‌ଜିପିଟି ଭଳି ସ୍ମାର୍ଟ ଫିଚର୍ସ ଦିଆଯାଇଛି। ଯାହାଦ୍ୱାରା ରିଅଲ୍-ଟାଇମ୍ରେ ହିନ୍ଦୀ ସମେତ ୧୦୦ରୁ ଅଧିକ ଭାଷାରେ ଅନୁବାଦ କରିପାରିବେ।

କମ୍ପାନୀ ଏହି ଫୋନ୍ ପାଇଁ ୩ ବର୍ଷର ଆଣ୍ଡ୍ରଏଡ୍ ଅପଗ୍ରେଡ୍ ଏବଂ ୬ ବର୍ଷର ସେକ୍ୟୁରିଟି ଅପଡେଟ୍ର ପ୍ରତିଶ୍ରୁତି ଦେଇଛି।

ଆରସିବି ପ୍ରେମୀଙ୍କ ପାଇଁ କମ୍ପାନୀ ଏକ ସ୍ୱତନ୍ତ୍ର ରେଡ୍ କଲର୍ର ନଥିଙ୍ଗ ଫୋନ (୪ବି) ଆରସିବି ଏଡିସନ୍ ମଧ୍ୟ ଲଞ୍ଚ କରିଛି।ତେବେ ଏହା କେବଳ ବେଙ୍ଗାଲୁରୁର ଫ୍ଲାଗସିପ୍ ଷ୍ଟୋରରେ ସୀମିତ ପରିମାଣରେ ଉପଲବ୍ଧ ହେବ।

ନଥିଙ୍ଗ ଫୋନ (୪ବି) ମୁଖ୍ୟତଃ ଦୁଇଟି ଭାରିଆଣ୍ଟରେ ଲଞ୍ଚ ହୋଇଛି। ବେସ୍ ଭାରିଆଣ୍ଟ ୮ଜିବି ର୍‍ୟାମ+୧୨୮ଜିବି ଷ୍ଟୋରେଜ୍ ହୋଇଥିବା ବେଳେ, ଏହାର ଦାମ୍ ୩୪,୯୯୯ ଟଙ୍କା ରହିଛି। ସେହିଭଳି ୮ଜିବି ର୍‍ୟାମ+୨୫୬ଜିବି ଷ୍ଟୋରେଜର ଦାମ୍ ୩୮,୯୯୯ ଟଙ୍କା ରହିଛି। ଅବଶ୍ୟ ଲଞ୍ଚ୍ ଅଫରରେ ଗ୍ରାହକଙ୍କୁ ବଡ଼ ଡିସ୍କାଉଣ୍ଟ ମଧ୍ୟ ମିଳିବ। ଏହି ସ୍ମାର୍ଟଫୋନ୍ ଆସନ୍ତା ଜୁଲାଇ ୧୪ ତାରିଖରୁ ଇ-କମର୍ସ ସାଇଟ୍ ଫ୍ଲିପକାର୍ଟ, କ୍ରୋମା ଏବଂ ରିଲାଏନ୍ସ ଡିଜିଟାଲ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେବ।



## ପୁଞ୍ଜି ବଜାରରେ ହାହାକାର

# ଟ୍ରମ୍ପଙ୍କ ଗୋଟିଏ ଘୋଷଣାରେ ନିବେଶକଙ୍କ ବୁଡ଼ିଗଲା ୮ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ,୮।୭:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଶାନ୍ତ ଚୁକ୍ତି ଶେଷ କରିଛନ୍ତି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି କ୍ରାସ ହୋଇଛି। ସେନସେକ୍ସ ଇଣ୍ଟ୍ରା-ଡେ'ରେ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବା ବେଳେ ନିଫ୍ଟି ବି ୨୪,୮୦ ନିକଟକୁ ଖସି ଆସିଛି।ବ୍ରଡର ମାର୍କେଟରେ ମଧ୍ୟ ବିକ୍ରିର ପ୍ରବଳ ଚାପ ଦେଖାଗଲା। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ୧.୫%ରୁ ଅଧିକ ଏବଂ ନିଫ୍ଟି ସ୍ମଲକ୍ୟାପ୍ ୧୦୦ ୨% ରୁ ଅଧିକ ହ୍ରାସ ପାଇଛି।

ଆଜି ସମସ୍ତ କ୍ଷେତ୍ରର ନିଫ୍ଟି ସୂଚକାଙ୍କ ଲାଲ ରଙ୍ଗରେ ରହିଛି। ବ୍ୟାଙ୍କିଙ୍ଗ ଏବଂ ଏଫଏମସିଜି ଷ୍ଟକ୍ ସର୍ବାଧିକ ଚାପ ସୃଷ୍ଟି କରିଛି। ପିଏସୟୁ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ନିଫ୍ଟି ସୂଚକାଙ୍କ ୨.୫%ରୁ ଅଧିକ ହ୍ରାସ ପାଇଛି। ନିଫ୍ଟି ଏଫଏମସିଜି ମଧ୍ୟ ପ୍ରାୟ ୨.୫% ହ୍ରାସ ପାଇଛି। ଅଟୋ କ୍ଷେତ୍ରର ନିଫ୍ଟି ସୂଚକାଙ୍କ ୨% ରୁ ଅଧିକ ହ୍ରାସ ପାଇଛି, ନିଫ୍ଟି ଆଇଟି ମଧ୍ୟ ୧% ରୁ ଅଧିକ ଦୁର୍ବଳ ହୋଇଛି। ବିକ୍ରି ଚାପରେ ବିଏସଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ୮ ଲକ୍ଷ କୋଟିରୁ ଅଧିକ ହ୍ରାସ ପାଇଛି।

ଆଜି ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ୧,୬୭୭.୧୨ ପଏଣ୍ଟ ବା ୨.୧୫% ହ୍ରାସ ପାଇ ୭୬,୫୦୩.୬୦ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ୫୦ ମଧ୍ୟ ୫୧୬.୬୫ ପଏଣ୍ଟ ବା ୨.୧୨% ହ୍ରାସ ପାଇ ୨୩,୮୮୨.୦୪ରେ ବନ୍ଦ ହୋଇଛି। ଆଜିର କାରବାରରେ ସେନସେକ୍ସ ୧,୯୨୧.୬୯ ପଏଣ୍ଟ ହ୍ରାସ ପାଇ ୭୬,୨୫୯.୦୩ ରେ ଏବଂ ନିଫ୍ଟି ୫୯୩.୫୫ ପଏଣ୍ଟ ହ୍ରାସ ପାଇ ୨୩,୮୦୫.୨୦ ଯାଏ ଖସି ଆସିଥିଲା।

ଗୋଟିଏ ଦିନ ପୂର୍ବରୁ, ଜୁଲାଇ ୭ ବିଏସଇ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ମୂଲ୍ୟ ୪,୭୯,୬୭,୭୪୭.୪୫ କୋଟି ଥିଲା। ଆଜି ଏହା ହ୍ରାସ ପାଇ ୪,୭୧,୪୩,୧୦୬.୫୬ କୋଟିକୁ ପହଞ୍ଚିଛି। ଆଜିର ଏହି ବଡ଼ ହ୍ରାସ ଯୋଗୁଁ ନିବେଶକଙ୍କୁ ୮,୨୪,୬୪୦.୮୯ କୋଟି କ୍ଷତି ହୋଇଛି।



## ଅନଲାଇନ୍ ସପିଂରେ ଡାର୍କ ପ୍ୟାଟର୍ଣ୍ଣ

# ବର୍ଷକୁ ୨୮ ହଜାର କୋଟି ଟଙ୍କାର କ୍ଷତି ସହୁଛନ୍ତି ଗ୍ରାହକ

ନୂଆଦିଲ୍ଲୀ,୮।୭:ଅନଲାଇନ୍ ସପିଂ ସହଜ ହୋଇଥାଏ ସତ। ଘରେ ବସି ନିଜ ସମୟ ସୁବିଧା ଅନୁସାରେ ମନ ପସନ୍ଦର ସାମଗ୍ରୀ ଅର୍ଡର କରିହୁଏ। କିନ୍ତୁ ଏହା ଯେତିକି ଭଲ, ସେତିକି ଅବଗୁଣ ବି ରହିଛି। ଗତ କିଛି ବର୍ଷ ହେବ ଇ-କମର୍ସ ଏବଂ କ୍ଲିକ୍ କମର୍ସ ବଜାର ଦ୍ରୁତ ବେଗରେ ବଢ଼ିଯାଇଛି। ପ୍ରତିଦିନ ଆମେ କିଛି ନା କିଛି ଅନଲାଇନ୍ ଅର୍ଡର କରୁଛୁ। ସେ କ୍ୟାବ୍ ବୁକିଂ ହେଉ ଅବା ଖାଦ୍ୟ ଅର୍ଡର, ସଉଦା ଅର୍ଡର ହେଉ କିମ୍ବା ଘରୋଇ ସହାୟକ ନିଯୁକ୍ତି। ଅର୍ଡରିଂ କିମ୍ବା ବୁକିଂ ସମୟରେ ଚେକ୍ ଆଉଟ୍ ପେଜରେ କେତେକ ସମୟରେ ଆଶା ବାହାରେ ଫି' ଦେଖିବାକୁ ମିଳିଥାଏ। ଡୋନେସନ ଚେକ୍ ବକ୍ସ, ପ୍ରି-ସିଲେକ୍ଟଡ୍ ବୀମା / ଅନ୍ୟାନ୍ୟ ଆଡ୍- ଅନ୍, ନୂଆ ସବସ୍କ୍ରିପସନ୍ କିମ୍ବା ରିନ୍ୟୁଆଲ ଚେକବକ୍ସ ଆସିଥାଏ। ଯଦି ଜଣେ ତରବରିଆ ଥିବେ, ବିନା ଦେଖି ଏହି ଅନାବଶ୍ୟକ ଫି' ପେମେଣ୍ଟ କରିଦିଅନ୍ତି। ଉପଭୋକ୍ତାଙ୍କ ପକେଟରୁ ଯାଇଥାଏ ଟଙ୍କା ଆଉ କମ୍ପାନି ମାଲାମାଲ। ସାଧାରଣତଃ ଅନଲାଇନ୍ ସପିଂ କରିବା ସମୟରେ ଯଦି ବିଲରେ ଶେଷରେ ଅତିରିକ୍ତ ଚାର୍ଜ ବା ହିଡେନ୍ ଚାର୍ଜ ଯୋଡ଼ି ହୋଇଯାଏ, କାର୍ଟରେ ବିନା ଅନୁମତିରେ କୌଣସି ପ୍ରଡକ୍ଟ ଆସିଯିଏ ଅବା କୌଣସି ଆପ୍ ବାରମ୍ବାର ଏକ ସାମଗ୍ରୀ କିଣିବା ପାଇଁ ଚାପ ପକାଏ ତେବେ ସମ୍ଭବତଃ ସଂପୃକ୍ତ ଗ୍ରାହକ ଡାର୍କ ପାର୍ଟନର ଶିକାର। ବେଳେ ବେଳେ ସପିଂ ଆପ୍ ପ୍ରକୃତ ଷ୍ଟକ୍ସ ତଥ୍ୟ ନ ଦେଇ ସୀମିତ ଷ୍ଟକ୍ ଥିବା ଦର୍ଶାଇଥାନ୍ତି। ଷ୍ଟକ୍ ଶେଷ ହେବା ପୂର୍ବରୁ ତୁରନ୍ତ କିଣି ଦେବାକୁ ଗ୍ରାହକଙ୍କ ଉପରେ ଚାପ ପକାନ୍ତି। ଏସବୁ ହେଉଛି କମ୍ପାନିଗୁଡ଼ିକର ଛଳ ବା ଚାଲ୍। ଗ୍ରାହକଙ୍କୁ ନିଜ ଆଡ଼କୁ ଟାଣିବାର ରଣନୀତି। ଏକ ନୂଆ ରିପୋର୍ଟ ଅନୁସାରେ, ଏଭଳି ବିଭ୍ରାଟିକର ଡିଜିଟାଲ ଉପାୟ ଯୋଗୁ ଭାରତୀୟ ଉପଭୋକ୍ତାଙ୍କୁ ପ୍ରତିବର୍ଷ ୨୫,୦୦୦ କୋଟିରୁ ୨୮,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଛି। ବଜାର ସର୍ବେକ୍ଷଣ ସଂସ୍ଥା ଡେଟମ୍ ଇଣ୍ଟେଲିଜେନ୍ସର 'ଡାର୍କ ପାଟର୍ଣ୍ଣ ଇନ୍ ଇଣ୍ଡିଆଜ୍ ଅନ୍ ଲାଇନ୍ ମାର୍କେଟ୍ ପ୍ଲେସ୍' ରିପୋର୍ଟ ଅନୁସାରେ, ଦେଶର ୩୦.୪ କୋଟି ଅନଲାଇନ୍ ଉପଭୋକ୍ତାଙ୍କ ମଧ୍ୟରୁ ୮୮% ଉପଭୋକ୍ତା କୌଣସି ନା କୌଣସି ପ୍ରକାର ଡାର୍କ ପାଟର୍ଣ୍ଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ରିପୋର୍ଟ ଅନୁସାରେ, ପ୍ରତ୍ୟେକ ପ୍ରଭାବିତ ଗ୍ରାହକ ପ୍ରତି ମାସ ହାରାହାରି ୬୮ରୁ ୮୭ ଟଙ୍କା ହରାଉଛନ୍ତି। ଡାର୍କ ପାଟର୍ଣ୍ଣ ଏଭଳି ଡିଜାଇନ୍ ହୋଇଥାଏ, ଯେପରି ଗ୍ରାହକ କୌଣସି ଏପରି ନିଷ୍ପତ୍ତି ନେଇଯିବେ ଯାହାକୁ ସେ ସାଧାରଣ ସ୍ଥିତିରେ ନିଅନ୍ତି ନାହିଁ। ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କୁ ଅଧିକ ଖର୍ଚାନ୍ତ କରାଇବା, ସେମାନଙ୍କଠାରୁ ଅତିରିକ୍ତ ସୂଚନା ହାତେଇବା କିମ୍ବା ଅଯଥା ସପିଂ କରାଇବା। ଏଥିରେ ଭୁଲ କାଉଣ୍ଟ ଡାଉନ୍ ଟାଇମର ଦେଖାଇବା, ଚେକ୍ ଆଉଟ୍ ସମୟରେ ହିଡେନ୍ ଚାର୍ଜ ଯୋଡ଼ିବା, ବିନା ଅନୁମତି କାର୍ଟରେ ପ୍ରଡକ୍ଟ ଯୋଡ଼ି ଦେବା, ସବସ୍କ୍ରିପସନ୍ ନେବା ସହଜ କିନ୍ତୁ ବନ୍ଦ କରିବା କଷ୍ଟକର ଭଳି ରଣନୀତି ସାମିଲ। ଇଲେକ୍ଟ୍ରୋନିକ୍ ଡିଭାଇସ୍ କିମ୍ବା କଞ୍ଜ୍ୟୁମର୍ ଡ୍ୟୁରେବଲ କିଣିବା ସମୟରେ ଏକ ପରିବର୍ଦ୍ଧିତ ୱାରେଣ୍ଟି ସେବା ଯୋଡ଼ି ହୋଇଯାଏ। ଖାଦ୍ୟ ଅର୍ଡର କରିବା ସମୟରେ ମାଗଣା ଡେଲିଭରୀ ଏବଂ ଅନ୍ୟାନ୍ୟ ବେନିଫିଟ୍ସ ପାଇଁ ଏକ ମେମ୍ବରସିପ୍ ପ୍ଲାନ୍ ଯୋଡ଼ି ହୋଇଥାଏ। ବିମାନ ଟିକଟ ବୁକ୍ କରିବା ସମୟରେ ଯାତ୍ରା ବୀମା କିମ୍ବା କ୍ୟାନ୍ସେଲେସନ୍ ଇନ୍ସ୍ୟୁରାନ୍ସ ପ୍ଲାନ୍। ଏସବୁ ଉପଭୋକ୍ତାଙ୍କୁ ଲୁଟିବା ପାଇଁ ଏକ ରଣନୀତି ଭଳି।




ରିପୋର୍ଟ ଅନୁସାରେ, ୬୩% ଅନ୍ଲାଇନ୍ ପେମେଣ୍ଟ କରୁଥିବା ଉପଭୋକ୍ତା ହିଡେନ୍ ଚାର୍ଜର ସାମ୍ନା କରିଛନ୍ତି। ଅର୍ଥାତ ବିଲିଂ ସମୟରେ ଅତିରିକ୍ତ ଦେୟ ଯୋଡ଼ିହେବା। ଏହି ଅଙ୍କ ୨୦୨୪ରେ ୫୨% ଥିଲା। ଅର୍ଥାତ୍ ଏ ସମସ୍ୟା ବଢ଼ି ଚାଲିଛି। ଏହାବ୍ୟତୀତ ସର୍ଭେରେ ସାମିଲ ୭୩% ପ୍ଲାଟଫର୍ମରେ ଫୋର୍ସଡ ଆକ୍ସନ ଦେଖିବାକୁ ମିଳିଛି। ଏଥିରେ ୟୁଜରଙ୍କୁ ଏଭଳି ବିକଳ୍ପ ବାଛିବା ପାଇଁ ବାଧ୍ୟ କରାଯାଏ, ଯାହାକୁ ସେମାନେ ସାଧାରଣ ସ୍ଥିତିରେ ଚୟନ କରି ନ ଥାନ୍ତି।

ରିପୋର୍ଟରେ ସବୁଠୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି ଯେ, ୮୧% ଉପରୋକ୍ତା ଡାର୍କ ପାଟର୍ଣ୍ଣକୁ ଚିହ୍ନଟ କରିପାରନ୍ତି। ଏହାସତ୍ତ୍ୱେ ୮୫% ଲୋକ ବାସ୍ତବିକ ପ୍ଲାଟଫର୍ମରେ ଏଭଳି ଜାଲରେ ଫସିଯାଆନ୍ତି। ଯେତେବେଳେ ଉପଭୋକ୍ତାଙ୍କୁ କ୍ଷତି ହୋଇଥାଏ ସେତେବେଳେ ୫୩% ଲୋକ ସଂପୃକ୍ତ ପ୍ଲାଟଫର୍ମରେ ଅଭିଯୋଗ କରନ୍ତି। କିନ୍ତୁ ଏଥିମଧ୍ୟରୁ ୨୩% ଙ୍କୁ ହିଁ ସନ୍ତୋଷଜନକ ସମାଧାନ ମିଳିଥାଏ।

ଏହି ସର୍ଭେ ୨୦୨୬ର ପ୍ରଥମ ତ୍ରୟମାସରେ ୫୦ ସହରର ୨,୫୯୦ ଉପଭୋକ୍ତା ଏବଂ ଇ-କମର୍ସ, କ୍ଲିକ୍ କମର୍ସ ତଥା ଅନଲାଇନ୍ ଟ୍ରାଭେଲ କ୍ଷେତ୍ରର ୧୨ ବଡ଼ ପ୍ଲାଟଫର୍ମର ବିଶ୍ଳେଷଣ ଉପରେ ଆଧାରିତ। ରିପୋର୍ଟ ଅନୁସାରେ, ଅନଲାଇନ୍ ଟ୍ରାଭେଲ କ୍ଷେତ୍ରରେ ଡ୍ରିପ୍ ପ୍ରାଇସିଂ ସବୁଠୁ ଅଧିକ ଦେଖିବାକୁ ମିଳିଛି। ସେହିଭଳି ଟିକସ ଏବଂ ଅନ୍ୟ ଶୁଳ୍କ ଅନ୍ତିମ ପେମେଣ୍ଟ ସମୟରେ ସାମ୍ନାକୁ ଆସିଥାଏ। କ୍ୱିକ୍ କମର୍ସ ପ୍ଲାଟଫର୍ମରେ ଫଲ୍ସ ଅର୍ଜେନ୍ସି ଅର୍ଥାତ୍ ଶୀଘ୍ର କିଣିବା ପାଇଁ ଚାପ ସୃଷ୍ଟିକାରୀ ରଣନୀତି ସବୁଠୁ ଅଧିକ ଦେଖିବାକୁ ମିଳିଛି। ଡାର୍କ ପାଟର୍ଣ୍ଣ ଯୋଗୁ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ଉପରେ ଲୋକଙ୍କ ଆସ୍ଥା କମିଯାଉଛି। ମାର୍ଗ ଦର୍ଶିକା ରହିଛି କିନ୍ତୁ ଅନୁପାଳନରେ ସୁଧାର ଲୋଡ଼ା। କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧୀକରଣ ଅନୁପାଳନକୁ ମଜଭୁତ କରିବା ପାଇଁ ଏକ ଆଡଭାଇଜରୀ ଜାରି କରିଛି। ଏହା କେତେକ ପ୍ଲାଟଫର୍ମ ଉପରେ କାର୍ଯ୍ୟାନୁଷ୍ଠାନ ବି ନେଇଛି। ତଥାପି ଅନୁପାଳନରେ ଆହୁରି ସୁଧାର ଲୋଡା।

# ଦେଶରେ କମୁଛି ଚା' ଉତ୍ପାଦନ, ଆସାମ ଓ ଦାର୍ଜିଲିଂରେ ମଧ୍ୟ କମିଛି

ନୂଆଦିଲ୍ଲୀ,୮।୭: ଖାଦ୍ୟ ଶସ୍ୟ, ଦୁଗ୍ଧ ଉତ୍ପାଦ ଓ ମସଲା ସମେତ ଭାରତ ଚା ଉତ୍ପାଦନରେ ମଧ୍ୟ ଶୀର୍ଷ ଦେଶଙ୍କ ସୂଚୀରେ ରହିଛି। ଏବେ ଟି ବୋର୍ଡ ତଥ୍ୟରେ ଦେଶରେ ଚା ଉତ୍ପାଦନ ହ୍ରାସ ହେଉଥିବା ସୂଚିତ କରିଛି। ମେ ମାସରେ ଚା ଉତ୍ପାଦନ ହ୍ରାସର ତଥ୍ୟ ସାମ୍ନାକୁ ଆସୁଛି। ଏହି ଉତ୍ପାଦନ ହ୍ରାସର ପାଇଁ ଦୁର୍ବଳ ମୌସୁମୀ ଯୋଗୁ କମ୍ ବର୍ଷାକୁ ଦାୟି କରାଯାଉଛି। ଟି ବୋର୍ଡର ତାଜା ତଥ୍ୟ ଅନୁସାରେ ମେ ମାସରେ ମୋଟ ୧୩୧.୬୦ ନିୟୁତ କିଲୋଗ୍ରାମ ଚା ଉତ୍ପାଦିତ ହୋଇଛି, ଯାହା ୨୦୨୫ ମେରେ ୧୩୬.୪୩ ନିୟୁତ କେଜି ଥିଲା। ଏପରି ଉତ୍ପାଦନ ହ୍ରାସ ପ୍ରି ମନସୁନରେ ପର୍ଯ୍ୟାପ୍ତ ବର୍ଷା ନ ହେବା ଯୋଗୁ ହୋଇଛି। ଟି ବୋର୍ଡ ତଥ୍ୟ ଅନୁସାରେ ଉତ୍ପାଦନ ହ୍ରାସର ସବୁଠୁ ବଡ଼ ପ୍ରଭାବ ଦକ୍ଷିଣ ଭାରତର ଚା ଉତ୍ପାଦିତ ହେଉଥିବା ଅଞ୍ଚଳରେ ଦେଖା ଯାଇଛି। ଏହି କ୍ଷେତ୍ରରେ ମେ ମାସରେ ଚା ଉତ୍ପାଦନ ୧୯.୦୪ ମିଲିୟନ କେଜି ହ୍ରାସ ହୋଇ ୧୩.୬୩ ମିଲିୟନ କେଜି ହୋଇଯାଇଛି। ଏହା ଛଡା କେରଳରେ ଉତ୍ପାଦନ ୭.୦୩ ନିୟୁତ କେଜି ହ୍ରାସ ହୋଇ୫.୮୬ ନିୟୁତ କେଜି ହୋଇଯାଇଛି। କର୍ଣ୍ଣାଟକରେ ମଧ୍ୟ ଚା ଉତ୍ପାଦନ ହ୍ରାସ ଦେଖାଯାଇଛି। ଭାରତରେ ସାଧାରଣତଃ ଚା ଥଣ୍ଡା ଅଞ୍ଚଳରେ ହୋଇଥାଏ। ଏଥିରେ ମିଡିଆ ରିପୋର୍ଟରେ ଚା ଉତ୍ପାଦନ ପାଇଁ ପ୍ରସିଦ୍ଧ ଆସାମରେ ମଧ୍ୟ ମେ ମାସରେ ଉତ୍ପାଦନ ସାମାନ୍ୟ ହ୍ରାସ ହୋଇଥିବା ଜଣାପଡିଛି। ତେବେ ପଶ୍ଚିମବଙ୍ଗରେ ଚା ଉତ୍ପାଦନ ବୃଦ୍ଧି ହୋଇଛି। ବେଙ୍ଗଲରେ ଚା ଉତ୍ପାଦନ ପାଖାପାଖି ୫% ବଢ଼ିଛି। ଫଳରେ ମୋଟ ଉତ୍ପାଦନ ୪୨.୬୯ ମିଲିୟନ କେଜିକୁ ପହଞ୍ଚିଛି। କେବଳ ବେଙ୍ଗଲ ନୁହେଁ ଆର୍ସ ଓ ତରାଇ ଅଞ୍ଚଳରେ ମଧ୍ୟ ଚା ଉତ୍ପାଦନ ବଢ଼ିଛି। ହେଲେ ଦାର୍ଜିଲିଂ ମୁଖ୍ୟ ଉତ୍ପାଦନ ଅଞ୍ଚଳରେ ଉତ୍ପାଦନ ସାମାନ୍ୟ ହ୍ରାସ ହୋଇଥିବାର ଟି ବୋର୍ଡ ଆକଳନରୁ ଜଣା ପଡିଛି। ବିଶ୍ୱରେ ଚା ରପ୍ତାନୀ ପାଇଁ ଭାରତର ସ୍ୱତନ୍ତ୍ର ସ୍ଥାନ ରହିଛି। ଦେଶର ଆବଶ୍ୟକତା ପୂରଣ ପରେ ବଳକା ଚା ବିଦେଶ ରପ୍ତାନୀ ହୋଇଥାଏ। ଏଥିରେ ଉତ୍ପାଦନ ହ୍ରାସ ରପ୍ତାନୀ ଉପରେ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୭୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୭୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୮୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୭୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୧୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଜନସେବା ମନ୍ଦିରରେ ଶୃଙ୍ଖଳା ଭଙ୍ଗ

- ସରକାରୀ କର୍ମଚାରୀଙ୍କ ମର୍ଯ୍ୟାଦା ରକ୍ଷା ହେଉ
- କର୍ମଚାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ?



କାକଟପୁର/ଅସ୍ତରଙ୍ଗ,୮।୭ (ସଂଚାର ବ୍ୟୁରୋ)ଃ ସରକାରୀ କାର୍ଯ୍ୟାଳୟ ମାନେ ଜନସେବାର ମନ୍ଦିର। ସେଠାରେ ବସି ଜଣେ କର୍ମଚାରୀ ଗରିବ ଲୋକଙ୍କ ଆବାସ, ରାସନ, ପାନୀୟ ଜଳ ପାଇଁ ଫାଇଲ ଦେଖନ୍ତି। କିନ୍ତୁ ସେହି ମନ୍ଦିର ଭିତରକୁ ଯଦି ଗୁଣ୍ଡାରାଜ ପଶିଯାଏ ତେବେ ସୁଶାସନର କଣ ହେବ ? ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଘଟିଥିବା ଘଟଣା ଏହି ପ୍ରଶ୍ନକୁ ଆଉ ଥରେ ଉଠାଇଛି। କିଛି ଦିନ ତଳେ କାକଟପୁର ବ୍ଲକ କାର୍ଯ୍ୟାଳୟରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କକ୍ଷକୁ କିଛି ବ୍ୟକ୍ତି ପ୍ରବେଶ କରି ଅଶୋଭନୀୟ ବ୍ୟବହାର କରିଥିଲେ। କାଗଜପତ୍ର ଉଠାଇଥିଲେ ଏବଂ ଉଚ୍ଚ ସ୍ୱରରେ ଆବାଜ କରି ଧମକାଇଥିଲେ। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବୁଧବାର ପୂର୍ବାହ୍ନରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଓ ବିଡିଓ ଶ୍ରୀଯୁକ୍ତ ନାରାୟଣ ଦୀକ୍ଷିତି ସାମ୍ବାଦିକ ସମ୍ମିଳନୀ କରି ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ବିଡିଓ ଶ୍ରୀ ଦୀକ୍ଷିତି କହିଥିଲେ, ଆବାସ ଯୋଜନାରେ ହିତାଧିକାରୀ ଚୟନ ପାଇଁ ଅଭିଯୋଗ ପିରିୟଡ ଚାଲିଛି। ଯାହାଙ୍କ ନାମ ଅଛି ତାଙ୍କର ତଦନ୍ତ ହେଉଛି, ଯାହାଙ୍କ ନାମ ନାହିଁ ସେ ଆବେଦନ କଲେ ତଦନ୍ତ ହେବ। ନିୟମ ଅନୁସାରେ ଯୋଗ୍ୟ ଲୋକ ଘର ପାଇବେ। ଏଥିରେ ତୃତୀୟ ବ୍ୟକ୍ତିଙ୍କ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ମୁଁ ତହସିଲ କାର୍ଯ୍ୟରେ ଥିବା ବେଳେ ସେମାନେ ସଂଘବଦ୍ଧ ଭାବେ ଅଫିସକୁ ପଶି ଯନ୍ତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଦେଇଛନ୍ତି। ବ୍ଲକ କର୍ମଚାରୀ ଯଦି ନିଜକୁ ନିରାପଦ ମଣିବେ ନାହିଁ, ତେବେ ସେମାନେ କିପରି ନିରପେକ୍ଷ ଭାବେ ବିକାଶ କାର୍ଯ୍ୟ କରିବେ ? ବ୍ଲକ ଅଧକ୍ଷ ଶ୍ରୀଧର ନାୟକ କହିଛନ୍ତି, କାକଟପୁର ହେଉଛି ନିର୍ବାଚନ ମଣ୍ଡଳୀ ହେଡକ୍ୱାଟର। ଏଠାରୁ ଲକ୍ଷାଧିକ ଲୋକଙ୍କ ଭାଗ୍ୟ ନିର୍ଦ୍ଧାରିତ ହୁଏ। ସରକାରଙ୍କ ପ୍ରତିଟି ଯୋଜନା ଏଠାରୁ ଲୋକଙ୍କ ପାଖରେ ପହଞ୍ଚେ। କିନ୍ତୁ କର୍ମରତ ଅଫିସରଙ୍କୁ କାର୍ଯ୍ୟାଳୟ ଭିତରେ ପଶି ଖରାପ କରିବା କେବେବି ଗ୍ରହଣୀୟ ନୁହେଁ। ସାମ୍ବାଦିକ ଭାବେ ଆମେ ପ୍ରଶ୍ନ ପଚାରିପାରିବା, କିନ୍ତୁ ସେଇଟା ସମ୍ମାନର ସହ ହେବା ଦରକାର। ଘଟଣା ପରେ ଆମେ ଜିଲ୍ଲାପାଳ, ପ୍ରକଳ୍ପ ଅଧିକାରୀ, ଏସପି ଓ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ। ଏହି ଘଟଣାକୁ ନେଇ ଗତ ୭ତାରିଖ ରେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ହେଉଛନ୍ତି ବ୍ଲକର ଜଣେ କର୍ମଚାରୀ। ଅଭିଯୋଗରେ ୮ଜଣ ବ୍ୟକ୍ତି ସମ୍ପୃକ୍ତ ଥିବା କୁହାଯାଇଛି। ଅଭିଯୋଗ ଆଧାରରେ କାକଟପୁର ଥାନା କେସ ନଂ ୨୫୮/୨୦୨୬ ରୁଜୁ ହୋଇ ବିଏନଏସ ୨୦୨୩ର ବିଭିନ୍ନ ଧାରାରେ ତଦନ୍ତ ଜାରି ରହିଛି।

# ଗୁଣିଗାରେଡିକୁ ନେଇ ଆତ୍ମହତ୍ୟା କଲେ ବୋହୂ



## ହତ୍ୟା ଅଭିଯୋଗ ଆଣିଲେ ବାପା

ବାଲିଆପାଳ,୮।୭ (ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଧୂଳିଉଡ଼ା ଗ୍ରାମ ରେ ଗୁଣି ଗାରିଡି କୁ ନେଇ ଆତ୍ମହତ୍ୟା କଲେ ବୋହୂ, ହତ୍ୟା ଅଭିଯୋଗ ଆଣିଲେ ବାପା ଘର ଲୋକେ। ସୂଚନା ଅନୁସାରେ ଧୂଳିଉଡ଼ା ଗ୍ରାମ ର ଦେବେନ୍ଦ୍ର ଜେନା ଙ୍କ ପୁତ୍ର ଉମାକାନ୍ତ ସହିତ ବାଲିଆପାଳ ଥାନା ନିମପଦା ଗ୍ରାମ ର ଝଡ଼େଶ୍ୱର ଦାସ ଙ୍କ ଝିଅ ପୂଜା ସହିତ ବୈଦିକ ରୀତି ନୀତି ଅନୁଯାୟୀ ତିନି ବର୍ଷ ତଳେ ବାହାଘର ହୋଇଥିଲା। ବାହାଘର ପରେ ସ୍ୱାମୀ ସ୍ତ୍ରୀ ଭଲ ରେ ଥିବା ବେଳେ ଉଭୟେ ହାଇଦ୍ରାବାଦ ରେ ରହୁଥିଲେ। ତେବେ ସ୍ୱାମୀ ସ୍ତ୍ରୀ କୁ ଆଣି ଘରେ ଛାଡି ଦେଇ ଯିବା ପରେ, ପୂଜାକୁ ଭୁତ ଲାଗିଥିବା କହି, ଶାଶୁ, ଶ୍ୱଶୁର, ନଣଦ, ନଣଦେଇ, ଦେଢଶୁର ଗୁଣିଆ ଆଣି ଫୁଙ୍କା ଝଡ଼ା କରିଥିଲେ ଏବଂ ବାରମ୍ବାର ବୋହୂ କୁ ନିର୍ଯ୍ୟାତନା ଦେଇଆସୁଥିଲେ। ଏଥିରେ ପୂଜା ବିରକ୍ତ ହୋଇ ଗତକାଲି ଲୁଚି ଲୁଚି ବାପା ଘରକୁ ଚାଲିଯାଇଥିଲେ.ଶ୍ୱଶୁର ଏହା ଜାଣି ସମୁଦୀ କୁ ଝିଅ ର ହାତ ଗୋଡ ବାନ୍ଧି ଆଣିବାକୁ କହିଥିଲେ. ଏଥିରେ ବାଧ୍ୟ ହୋଇ ଝିଅ ର ମା ଝିଅ କୁ ଧରି ରାତି ରେ ଆସିବା ପରେ ଗୁଣିଆ ରାତି ସାରା ପୂଜା ଅର୍ଚ୍ଚନା କରିଥିଲେ. ତେବେ ସକାଳ ସମୟରେ ଘରେ ସମସ୍ତେ ଗାଧୁଆ ପାଇଁ ଯାଇଥିବା ବେଳେ ଗୁଣିଆ ଓ ବୋହୂ ଘରେ ରହିଥିଲେ। କିଛି ସମୟର ବ୍ୟବଧାନ ପରେ ବୋହୂ ର ଝୁଲନ୍ତା ଶରୀର ଘର ଭିତରେ ଝୁଲୁ ଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ମେଡିକାଲ କୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏସବୁ ଘଟଣା କୁ ନେଇ ବାପା ଘର ପକ୍ଷରୁ ଗୁଣିଆ କୁ ଲଗାଇ ହତ୍ୟା କରାଯାଇଥିବା ଥାନା ରେ ଅଭିଯୋଗ କରିବା ପରେ ପୋଲିସ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଶବ କୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଇ ଥିବା ଜଣାପଡ଼ିଛି।

## ଜଖପୁରାର ଭିସା କାରଖାନା ରାସ୍ତାରେ ଟ୍ରାଫିକ ସମସ୍ୟା, ଜନତା ହନ୍ତସନ୍ତ



ଯାଜପୁର ରୋଡ଼,୮।୭(ସଂଚାର ବ୍ୟୁରୋ)ଃ କଳିଙ୍ଗନଗର ଶିଳ୍ପାଞ୍ଚଳ ଜଖପୁରା ଥାନା ଅନ୍ତର୍ଗତ ଜଖପୁରାର ଭିସା କାରଖାନା ରାସ୍ତାରେ ସନ୍ଧ୍ୟା ସମୟ ପରେ ପରେ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଯାହା ଫଳରେ ସାଧାରଣ ଲୋକ, ଆମ୍ବୁଲାନ୍ସରେ ଥିବା ରୋଗି ଠାରୁ ଆରମ୍ଭ କରି ଶହ ଶହ ଲୋକ ଏହି ରାସ୍ତାରେ ଯାତାୟାତ ସମୟରେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ ହେବା ସହ ଦିର୍ଘ ସମୟ ଏହି ରାସ୍ତାରେ ହନ୍ତସନ୍ତ ହୋଇଥିଲେ। ଏହି ଟ୍ରାଫିକ ସମସ୍ୟା ଉପୁଜିବା ଯୋଗୁଁ ଚାରିଚକିଆ ଗାଡ଼ି ଗୁଡ଼ିକ ଲମ୍ବା ଲମ୍ବା ଧାଡ଼ିରେ ଦିର୍ଘ ସମୟ ଧରି ଠିଆ ହୋଇ ରହିଥିଲେ। ତେଣୁ ଏପରି ଟ୍ରାଫିକ ସମସ୍ୟାର ସୁଧାର ପାଇଁ ପୋଲିସ ମୁତୟନ ଓ ପୋଲିସ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଭେଜାଲ୍ ପେଟ୍ରୋଲ୍ ଡିଜେଲ୍ ବିକ୍ରି ପ୍ରତିବାଦରେ ୧୩ରେ ଗଣଧାରଣା



ବାଲେଶ୍ୱର,୮।୭(ସଂଚାର ବ୍ୟୁରୋ)ଃ ପେଟ୍ରୋଲ୍ ଓ ଡିଜେଲରେ ଶତକଡ଼ା ୨୦ଭାଗ ଇଥାନୋଏଲ୍ ମିଶ୍ରଣ କରି ତୈଳକମ୍ପାନୀମାନେ ବିକ୍ରି କରୁଥିବାରୁ ଇଞ୍ଜିନ୍‌ଚାଳିତ ଯାନବାହନଗୁଡ଼ିକର ଇଞ୍ଜିନ୍ ଖରାପ ହେଉଛି ଓ ମାଇଲେଜ୍ କମ୍ ଦେଉଥିବା ଘଟଣାରେ ଦେଶବ୍ୟାପୀ ପ୍ରତିବାଦ ହେଉଛି। ଗତକାଲି ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ସିଭିଲ୍ ସୋସାଇଟିର କାର୍ଯ୍ୟକାରୀ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗର ଜ୍ଞାତସାରରେ ଏହି ଅପମିଶ୍ରଣ କରାଯାଉଥିଲେ ବି ଗ୍ରାହକମାନେ ପେଟ୍ରୋଲ୍ ଓ ଡିଜେଲ୍‌ର ଧାର୍ଯ୍ୟ ଦାମ୍ ଦେଇ ଅପମିଶ୍ରିତ ତେଲ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ସିଭିଲ୍ ସୋସାଇଟି ଅଭିଯୋଗ କରିଛି। ୧୫ ବର୍ଷ ପରେ ଗାଡ଼ିଗୁଡ଼ିକ ଚଳାଇବାକୁ ଅନୁପଯୁକ୍ତ ବୋଲି ପରିବହନ ବିଭାଗର କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣା ଫଳରେ ଏହା ଗାଡ଼ି ବିକ୍ରି କରୁଥିବା କମ୍ପାନୀମାନଙ୍କୁ ସହାୟକ ହେଉଥିବାରୁ କମ୍ପାନୀମାନଙ୍କ ସ୍ୱାର୍ଥରେ ଏପରି ଅପମିଶ୍ରଣ କରାଯାଉଥିବାର କେତେକ ମତ ଦେଇଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରି ପେଟ୍ରୋଲ୍ ଓ ଡିଜେଲରେ ଇଥାନଲ୍ ମିଶାଇ ସରକାର ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରୁଥିବାର କହିଥିଲେ। ଦୀର୍ଘ ଆଲୋଚନା ପରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓ.ଟି. ରୋଡ୍ ପାର୍ଶ୍ୱରେ ଥିବା ବାର୍ଜୋଜୀ ପେଟ୍ରୋଲ୍ ପମ୍ପ ନିକଟରେ ପ୍ରତିବାଦ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଅରୁଣ ଜେନା, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ତୁଷାରକାନ୍ତି ମହାପାତ୍ର, ମଳୟ ରାୟ, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ୨୬୧ ହିତାଧିକାରୀଙ୍କ ପଞ୍ଜୀକରଣ

ମାଲକାନଗିରି,୮।୭(ସଂଚାର ବ୍ୟୁରୋ)ଃ ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ମାଟେରୁ ଗ୍ରାମପଞ୍ଚାୟତର ପର୍ସନପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଇଲାକାରୁ ହିତାଧିକାରୀଙ୍କ ସକ୍ରିୟ ଯୋଗଦାନ ଯୋଗୁଁ କ୍ୟାମ୍ପଟି ସଫଳ ହୋଇଥିବା କୁହାଯାଇଛି। ଏହି ଶିବିରରେ ମୋଟ ୨୬୧ ଜଣ ହିତାଧିକାରୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୭୭ ଜଣ ଅସ୍ଥି ପ୍ରତିବନ୍ଧୀ, ୬ ଜଣ ମାନସିକ ଅନଗ୍ରସର, ୩୩ ଜଣ ଦୃଷ୍ଟି ବାଧିତ, ୨୩ ଜଣ ଶ୍ରବଣ ଓ ବାକ୍ ପ୍ରତିବନ୍ଧୀ ଏବଂ ୧ ଜଣ ସିକଲ ସେଲ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିହ୍ନଟ କରାଯାଇଥିବା ବେଳେ ଆବଶ୍ୟକ ସେବା ପାଇଁ ପ୍ରକ୍ରିୟା ଗ୍ରହଣ କରାଯାଇଛି। ଏହି ଶିବିରରେ ୪ଟି ବସ୍ ପାସ୍ ଓ ୮ଟି ସାମାଜିକ ସୁରକ୍ଷା ଭତ୍ତା ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି କ୍ୟାମ୍ପରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶୀର୍କେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଡ଼ିଆ ବ୍ଲକ ଅଧ୍ୟକ୍ଷା ଦେବେ ମାଡ଼ି, ବିଧାୟକଙ୍କ ପ୍ରତିନିଧି ମନଦୀପଙ୍କର ରାୟ, ମାଟେରୁ ଓ ନିଲିଗୁଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ, ସିଡିଏମଓ ଡ଼ଃ ଏମ୍.ଡି. ଆବିଦ ହୁସେନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ପଡ଼ିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର, ଅଙ୍ଗନୱାଡି କର୍ମୀ, ଦାୟିତ୍ୱପ୍ରାପ୍ତ ଶିକ୍ଷକ, ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ଶିବିରକୁ ସଫଳ କରିଥିଲେ।

● ବିଦେଶୀ ମଦ ଦୋକାନ ପୁଣି ଘେରିଲେ ଗ୍ରାମବାସୀ

## ଚୁକ୍ତି ଖିଲାପ କରୁଥିବା ଯୋଗୁଁ ହେଉଛି ବିରୋଧ



ବୈଶିଙ୍ଗା,୮।୭(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ଠାରେ ବିଦେଶୀ ଚିପି ବନ୍ଦ ମଦ ଦୋକାନ ଖୋଲାକୁ ନେଇ ବାରମ୍ବାର ବିରୋଧ ହୋଇ ଆସୁଥିବା ବେଳେ ଏ ନେଇ ଏକ ଚୁକ୍ତି ବୈଶିଙ୍ଗା ଥାନାରେ ହୋଇଥିଲା। ଚୁକ୍ତି ମୁତାବକ ୧୫ ଦିନ ଭିତରେ ଉକ୍ତ ଠିପି ବନ୍ଦ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ବିବାଦିତ ସ୍ଥାନରେ ଖୋଲା ବିକ୍ରି କରି ପାରିବେ ନାହିଁ। ମାତ୍ର ମଦ ବ୍ୟବସାୟୀ ଜଣକ ଚୁକ୍ତିକୁ ଖିଲାପ କରି ପୁଣି ମଦ ବ୍ୟବସାୟ ଖୋଲମଖୋଲା ଭାବେ ଆରମ୍ଭ କରିଥିଲା। ଆଜି ବୁଧବାର ଏ ନେଇ ଗଡ଼ଦେଉଳିଆ ର ଶତାଧିକ ମହିଳା ପୁଣିଥରେ ଖୋଲା ଥିବା ମଦ କାଉଣ୍ଟର ଟିକୁ ବନ୍ଦ କରିବା ପାଇଁ କହିଥିଲେ। ଏହା ସହ ଖୋଲମଖୋଲା ମଦ ବ୍ୟବସାୟ ନ କରିବା ପାଇଁ ଚରମ ନିଷ୍ପତ୍ତି ଦେଇଥିଲେ। ପ୍ରାପ୍ତ ସୂଚନା ମୁତାବକ ନୂତନ ଲାଇସେନ୍ସ ଧାରୀ ଅଜିତ ସିଂହ ଗତ ଜୁନ୍ ୧ ତାରିଖ ଠାରୁ ବିକ୍ରୀ ପାଇଁ ଲାଇସେନ୍ସ ପାଇଥିଲେ। ଆବଶ୍ୟକ ଡକ୍ୟୁମେଣ୍ଟ ପରେ ଜୁଲାଇ ୨ ତାରିଖ ରେ ଖୋଲିବାକୁ ଆସିଥିବା ବେଳେ ୨ ତାରିଖ ଶତାଧିକ ମହିଳା ରାସ୍ତା ଅବରୋଧ କରି ଦୋକାନ ଖୋଲିବାକୁ ଦେଇ ନଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ଶୁକ୍ରବାର ବୈଶିଙ୍ଗା ଥାନାରେ ବିଚାର ବିମର୍ଷ ପରେ ଖୋଲାଯିବାର ସିଦ୍ଧାନ୍ତ ନିଆ ଯାଇ ଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅବକାରୀ ଏସ ଆଇ ପ୍ରଦୀପ ବେହେରା, ଆଇ ଆଇ ସି ବାରିଣି ଦାସ ଙ୍କ ଉପସ୍ଥିତିରେ ଗଡ଼ଦେଉଳିଆ ସରପଞ୍ଚ ଓ ଗ୍ରାମବାସୀ ଏବଂ ଲାଇସେନ୍ସ ଧାରୀ ଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟା ବିଚାର ବିମର୍ଷ ପରେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ।

## ଖରିଫ ଫସଲ; ୨୪ରେ ଘୋଡାହାଡ଼ ଡ୍ୟାମରୁ ଛଡାଯିବ ପାଣି, ପାଳନ ହେବ ସୁବର୍ଣ୍ଣ ଜୟନ୍ତୀ



ଦିଗପହଣ୍ଡି,୮।୭(ସଂଚାର ବ୍ୟୁରୋ)ଃ ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ବୁଧବାର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସଭାଗୃହ ଠାରେ ସଭାପତି ରମେଶ ଚନ୍ଦ୍ର ପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୭ ତାରିଖରେ ଜଳ ଶୀର୍ଷ କମିଟି ପକ୍ଷରୁ ଦିଗପହଣ୍ଡି ବ୍ଲକ ଖମାରିଗାଁ ନିକଟରେ ଥିବା ଘୋଡାହାଡ଼ ଡ୍ୟାମର ଗେଟ୍ ପୂଜା କରାଯିବା ପରେ ଚଳିତ ଖରିଫ ଧାନ ଚାଷ ନିମନ୍ତେ ୨୪ ତାରିଖରେ ଡ୍ୟାମର ଉଭୟ ବାମ ଓ ଡାହାଣ କେନାଲରେ ପାଣି ଛଡାଯିବ ବୋଲି ସଭାରେ ବିସ୍ତୃତ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଛି । ସଭାରେ ଚିକିଟି ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ.ସୁବ୍ରତ କୁମାର ପଟ୍ଟନାୟକ, ଘୋଡ଼ାହାଡ଼ ଜଳସେଚନ କାର୍ଯ୍ୟାଳୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଦାସ, ପୂର୍ବତନ ସରପଞ୍ଚ ତଥା ଶୀର୍ଷ କମିଟିର ପୂର୍ବତନ ସଭାପତି ବିଦ୍ୟାଧର ମହାପାତ୍ର, କୋଷାଧ୍ୟକ୍ଷ ରାମନାଥ ବିଷୋୟୀ, ସହକାରୀ ଯନ୍ତ୍ରୀ ଇଂ.କ୍ଷୀରୋଦ ବେହେରା , ଇଂ. ରାଜ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ । ସୂଚନା ଯୋଗ୍ୟ, ଗତ ୧୯୭୪ରେ ଘୋଡ଼ାହାଡ଼ ଡ୍ୟାମ ପ୍ରତିଷ୍ଠା କରାଯାଇଥିଲା। ତେଣୁ ଚଳିତବର୍ଷ ଡ୍ୟାମ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା।

# ଜିଲ୍ଲାର ବିକାଶ ପାଇଁ ୧୪ କୋଟିର କାର୍ଯ୍ୟଯୋଜନା ଅନୁମୋଦିତ



କୋରାପୁଟ,୮।୭(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ୨୨ତମ ଜିଲ୍ଲା ଯୋଜନା କମିଟି (ଡିପିସି) ବୈଠକ ଆଜି ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ମାନ୍ୟବର ବିଧାୟକ ତଥା ଡିପିସି ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲା ଯୋଜନା କମିଟି ସଦସ୍ୟ, ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। କେବିକେ ବିକାଶ ଯୋଜନା ଅଧୀନରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟଯୋଜନାକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଏହି ଯୋଜନାରେ ବିଦ୍ୟୁତ୍, ସଡ଼କ ଏବଂ ପାନୀୟ ଜଳ କ୍ଷେତ୍ରକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ସେହିପରି ଜିଲ୍ଲା ଯୋଜନା ଅଧୀନରେ ସିଜିଏଫ୍ ବାବଦରେ ୪ କୋଟି ୧୪ ଲକ୍ଷ ଟଙ୍କାର ପ୍ରସ୍ତାବ ମଧ୍ୟ ଅନୁମୋଦିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷ ରାଜ୍ୟ ବଜେଟରେ କୋରାପୁଟ ଜିଲ୍ଲା ପାଇଁ ମଞ୍ଜୁର ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ସେଥିମଧ୍ୟରେ ବ୍ରହ୍ମପୁର- ଜୟପୁର ସଂଯୋଗ ପ୍ରକଳ୍ପ ଅନ୍ୟତମ। ପ୍ରାୟ ୨୮୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ୯ ହଜାର କୋଟି ଟଙ୍କା ରହିଛି। ଏହା ସହିତ ମେଗା ଲିଫ୍ଟ ଓ ଆଇଏସଏସ ଯୋଜନା ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ୩.୧୦ ଲକ୍ଷ କୋଟି ଟଙ୍କା ଥିବାବେଳେ କୋରାପୁଟ ଜିଲ୍ଲା ପାଇଁ ୪, ୬୧୨.୭୧ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଜିଲ୍ଲା ଯୋଜନା କମିଟିର ସଦସ୍ୟମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ସମସ୍ତ ଋତୁରେ ଚଳାଚଳ ଯୋଗ୍ୟ ସଡ଼କ, ବିଦ୍ୟୁତ୍ ସରବରାହର ସ୍ଥାୟୀକରଣ ଓ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମର ଉନ୍ନତି ନେଇ ନିଜ ମତାମତ ଓ ପରାମର୍ଶ ରଖିଥିଲେ।

# ବନ ବିଭାଗ ପକ୍ଷରୁ ବନମହୋତ୍ସବ ପାଳନ



ଫୁଲବାଣୀ,୮।୭(ସଂଚାର ବ୍ୟୁରୋ)ଃ ଫୁଲବାଣୀ ବନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବନମହୋତ୍ସବ ଉତ୍ସାହର ସହ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ବେଦଭୂଷଣ, ଭା.ପ୍ର.ସେ, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାମେନ୍ଦ୍ର ପ୍ରସାଦ, ଭା.ପୋ.ସେ, ଫୁଲବାଣୀ ଡିଏଫଓ ଶ୍ରୀ ପ୍ରତାପ କୋଟାପଲ୍ଲୀ, ଭା.ବ.ସେ, ବାଲିଗୁଡ଼ା ଡିଏଫଓ ଶ୍ରୀ ଘନଶ୍ୟାମ ମହାନ୍ତ, ଓ.ବ.ସେ, ଫୁଲବାଣୀ ସହକାରୀ ବନ ସଂରକ୍ଷକ ଶ୍ରୀମତୀ ଶ୍ୱେତଲୀନା ସାହୁ, ଓ.ବ.ସେ, ଶ୍ରୀ ଉଦିତ କୁମାର ପ୍ରଧାନ ଓ.ବ.ସେ, କେଏଲ୍ ଏସିଏଫ୍ ଶ୍ରୀ ଶିଶିର କୁମାର ଝଙ୍କାର, ଓ.ବ.ସେ, କନ୍ଧମାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପି. ପଦ୍ମା, ଫୁଲବାଣୀ ବନ ବିଭାଗର ସମସ୍ତ ରେଞ୍ଜ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ସାର୍ତ୍ତାଗୁଡ଼ା ବୃଦ୍ଧାଶ୍ରମ ପରିସରରେ ଏକ ଔପଚାରିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ହୋଇଥିଲା। ପରିବେଶ ସଂରକ୍ଷଣ ଓ ସବୁଜ ପରିବେଶ ଗଠନ ପ୍ରତି ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀ ସକ୍ରିୟ ଭାବେ ଭାଗ ନେଇଥିଲେ। ଏହି ଅବସରରେ ବନୀକରଣ ଓ ପ୍ରାକୃତିକ ସମ୍ପଦର ସୁରକ୍ଷାରେ ଜନସାଧାରଣଙ୍କ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମ ପରେ ଫୁଲବାଣୀ ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଏକ ଔପଚାରିକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବନମହୋତ୍ସବର ଗୁରୁତ୍ୱ, ନିରନ୍ତର ବନ ପରିଚାଳନା, ଜୈବ ବିବିଧତାର ସଂରକ୍ଷଣ ଏବଂ ବନ ସୁରକ୍ଷାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ବନ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ।

## ବିସ୍ଫୋରକ ବାଡ଼ି ଓ ବିସ୍ଫୋଟକ ତାର ଜବତ, ୫ ଗିରଫ

ହିଞ୍ଜିଳିକାଟୁ,୮।୭(ସଂଚାର ବ୍ୟୁରୋ)ଃ ହିଞ୍ଜିଳି ପୋଲିସ ଶେରଗଡ଼ ବ୍ଲକ ବୋଡାଲୁଣ୍ଡି ପାହାଡ଼ ନିକଟରୁ ବିସ୍ଫୋରଣ ତାର ୧ କଏଲ ପ୍ୟାକେଟ, ଏମୋନିଆ ନାଇଟ୍ରେଟ ୫୧ କେଜି ଓ ଡ୍ରିଲ ମେସିନ ୩ ଟି ଜବତ ସହ ୫ ଜଣକୁ ଗିରଫ କରିଛି।ଅଭିଯୁକ୍ତ ମାନେ ହେଲେ କେ. ନୂଆଗାଁ ଥାନା ଅଞ୍ଚଳର ଭଗବାନ ନାୟକ(୫୫), ଶେରଗଡ଼ ଥାନା ଅନ୍ତର୍ଗତ ମହୀରକଣା ଅଞ୍ଚଳର ଦର୍ଜୀ ମହାନ୍ତି (୪୦)ପିଣ୍ଟୁ ନାୟକ (୩୦), ବିପ୍ର ନାୟକ (୪୦) ଓ ମୁଖ୍ୟ ମାଷ୍ଟର ମାଇଣ୍ଡ ଚନ୍ଦନ ମହାନ୍ତି (୩୫)ଙ୍କୁଏ ନେଇ ହିଞ୍ଜିଳି ଥାନା କେସ ନଂ ୪୬୫/୨୬ ରେ ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।



## ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ




ଫୁଲବାଣୀ,୮।୭(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ ର ନୁତନ କର୍ମକର୍ତ୍ତା ନିର୍ବାଚନ ଓ ଏକ ସାଧାରଣ ପରିଷଦ ବୈଠକ, ଆଜି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ପୁର୍ବରୁ ଗଣତାନ୍ତ୍ରିକ ପଦ୍ଧତିରେ ଶେଷ କରିଥିବା ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିବା, ଆସୋସିଏସନ ର ସଦସ୍ୟ ତଥା ଆଇନଜୀବି ଶ୍ରୀ ଧିରେନ୍ଦ୍ର ନାଥ ପାତ୍ର ସମସ୍ତ ନୁତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କନ୍ଧମାଳ ଜିଲ୍ଲା ପରିଷଦ, ଶମ୍ଭୁନାଥ ନନ୍ଦୀ ଯୋଗ ଦେଇଥିଲେ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସମୀର କୁମାର ନାୟକ ଯୋଗ ଦେଇଥିଲେ। ଏଥି ସହିତ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ ର ପର୍ଯ୍ୟବେକ୍ଷକ ଭାବେ ଶ୍ରୀ ଶୈଳେନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ଆସୋସିଏସନ ର ନୁତନ ସଭାପତି ଭାବେ ଶ୍ରୀ ଅଶୋକ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ଦେବେନ୍ଦ୍ର ନାଥ ପାତ୍ର, ଉପ ସଭାପତି ଭାବେ ଶ୍ରୀ ପ୍ରଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଦୀପକ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଭାବେ ସବ୍ୟସାଚୀ ଦଲାଲ ଓ ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ସାହୁ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିଥିଲେ।

## ବଦଳିବ ଗ୍ରାମୀଣ ଚେହେରା, ଆଦର୍ଶ ଗ୍ରାମ ଯୋଜନାରେ ଗଞ୍ଜାମ ଜିଲ୍ଲାର ୧୮୧ ଗାଁ

ଛତ୍ରପୁର,୮।୭(ସଂଚାର ବ୍ୟୁରୋ)ଃ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ମନ୍ତ୍ରଣାଳୟର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଗତ ୯ ଟି ଆର୍ଥିକ ବର୍ଷର ଗଞ୍ଜାମ ଜିଲ୍ଲାର ୧୮୧ଟି ଗ୍ରାମକୁ ଚୟନ କରାଯାଇଛି । ୪୦ ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି ବର୍ଗର ଜନସଂଖ୍ୟା ଥିବା ଏସମସ୍ତ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ପରିଣତ କରିବାକୁ ଭିତ୍ତିଭୂମିର ବିକାଶ ହେବ । ଏଥିପାଇଁ ପ୍ରତି ଗାଁ ପିଛା ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୨୦ ଲକ୍ଷ ଲେଖାଁଏ ଅନୁଦାନ ଖର୍ଚ୍ଚ କରିବା ପାଇଁ ଲକ୍ଷ୍ୟ ରହିଛି । ଗ୍ରାମ ଗୁଡିକରେ ପାନୀୟଜଳ, ଡ୍ରେନେଜ୍ ଓ ସୋକ୍‌ପିଟ୍, ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍, ସିସି/ଫେବର ରୋଡ୍, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକର ଶୌଚାଳୟ ଓ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଏହି ଅନୁଦାନ ଖର୍ଚ୍ଚ ହେବ । ଏହି କ୍ରମରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧୪ ଟି ଗାଁ, ୨୦୧୯-୨୦ରେ ୨୭ଟି ଗାଁ, ୨୦୨୦-୨୧ରେ ୩୫ଟି ୨୦୨୧-୨୨ରେ ୪୬ ଟି ଗାଁ, ୨୦୨୨-୨୩ରେ ୪୨ ଗାଁ ଏବଂ ୨୦୨୫-୨୬ରେ ୧୭ ଗାଁକୁ ଚୟନ କରାଯାଇଛି। ଏହାମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦୧୮-୧୯ରେ ଚୟନ ହୋଇଥିବା ୧୪ ଟି ଗାଁର ଭିତ୍ତିଭୂମି ବିକାଶ କରାଯାଇ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ' ଭାବେ ଘୋଷଣା କରାଯାଇଛି ।

# ଜନଗଣନା ଅଧିକାରୀମାନଙ୍କର ହସ୍ତପୁସ୍ତିକା ପ୍ରଶିକ୍ଷଣ ପ୍ରସ୍ତୁତି



ବାରିପଦା,୮।୭(ସଂଚାର ବ୍ୟୁରୋ)ଃ ଜନଗଣନା- ୨୦୨୭ର ସଫଳ ଓ ସୁଚାରୁ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପାଇଁ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ବୈଷୟିକ ସହାୟକମାନଙ୍କ ପାଇଁ ପ୍ରଥମ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜନଗଣନା ପ୍ରକ୍ରିୟାକୁ ସଠିକ୍, ନିର୍ଭୁଲ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଅଧିକାରୀ ତନ୍ମୟ ଗୁପ୍ତା ଏବଂ ସୁଧାଂଶୁ ପାଠକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତିର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବ ପ୍ରସ୍ତୁତି, ନିର୍ଦ୍ଦିଷ୍ଟ ପତ୍ର ପୂରଣ ପ୍ରକ୍ରିୟା, ଅନଲାଇନ୍ ତଥ୍ୟ ପରିଚାଳନା ଓ ଜନଗଣନା ସମ୍ବନ୍ଧୀୟ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ସମୟରେ ବିଭିନ୍ନ ବ୍ୟବହାରିକ ଉଦାହରଣ ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନଙ୍କର ସନ୍ଦେହ ଦୂର କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନଗଣନା ଦେଶର ଯୋଜନା ପ୍ରସ୍ତୁତି, ପ୍ରଶାସନିକ ନିଷ୍ପତ୍ତି ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶାବଳୀକୁ ଯଥାର୍ଥ ଭାବେ ଅନୁସରଣ କରି ସଠିକ୍ ତଥ୍ୟ ସଂଗ୍ରହ ଓ ହସ୍ତପୁସ୍ତିକା ପ୍ରସ୍ତୁତି କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ଉପ-ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରେଇ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣର ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବା ସହିତ ଜନଗଣନା କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।






# ତ୍ୱଚାରେ ଚମକ ଆଣେ ଆଲୋଭେରା

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ସୂର୍ଯ୍ୟକିରଣ, ଗରମ, ଧୂଳି ଏବଂ ଝାଳ ଯୋଗୁଁ ଅନେକ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ। ଲୋକମାନେ ବ୍ରଣ, ସନବର୍ଣ୍ଣ, ରାସେସ୍ ଏବଂ ଟ୍ୟାନିଂ ଭଳି ଚର୍ମ ସମ୍ବନ୍ଧୀୟ ସମସ୍ୟାରେ କଷ୍ଟ ପାଆନ୍ତି। ଏପରି ପରିସ୍ଥିତିରେ ଲୋକମାନେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରକାରର ସ୍କିନ କେୟାର୍ ଏବଂ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତି। କିନ୍ତୁ ଏଥିରେ କ୍ଷତିକାରକ କେମିକାଲ୍ ଥାଏ, ଯାହା ତ୍ୱଚାକୁ କ୍ଷତି ପହଞ୍ଚାଇପାରେ। ତେଣୁ ଗ୍ରୀଷ୍ମ ଋତୁରେ ତ୍ୱଚାକୁ ସୁସ୍ଥ ଏବଂ ଚମକଦାର ରଖିବା ପାଇଁ ଆପଣ କିଛି ପ୍ରାକୃତିକ ଜିନିଷ ବ୍ୟବହାର କରିପାରିବେ।

ଆଲୋଭେରା ଆମ ସ୍କିନକୁ ଥଣ୍ଡା ଏବଂ ମଇଶ୍ଚରାଇଜ୍ ରଖିଥାଏ। ଏହା ସ୍କିନକୁ ଜ୍ୱଳନ ଏବଂ ସନବର୍ଣ୍ଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି ଯାହା ବ୍ରଣ, ଦାଗ, ପିଗ୍ମେଣ୍ଟେସନ୍ ଏବଂ ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରିପାରେ। ନିୟମିତ ଭାବରେ ମୁହଁରେ ଆଲୋଭେରା ଲଗାଇବା ଦ୍ୱାରା ତ୍ୱଚା କୋମଳ ଏବଂ ଉଜ୍ଜ୍ୱଳ ହୋଇଥାଏ। ତେବେ ଆସନ୍ତୁ ଜାଣିବା କିପରି ବ୍ୟବହାର କରିବେ ଆଲୋଭେରା। ଆଲୋଭେରା ଏବଂ ମୁଲତାନି ମିଟି: ଆପଣ ଆଲୋଭେରାକୁ ମୁଲତାନି ମିଟି ସହ ମିଶାଇ ମୁହଁରେ ଲଗାଇପାରିବେ। ଏକ ପାତ୍ରରେ ୨ ଚାମଚ ମୁଲତାନି ମିଟି ନିଅନ୍ତୁ। ଏଥିରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ଭଲ ଭାବରେ ମିଶାଇଦିଅନ୍ତୁ। ଏବେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ ଏବଂ ଶୁଖିବା ପାଇଁ ଛାଡି ଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ବ୍ରଣ, ଦାଗ, ସନବର୍ଣ୍ଣ ଏବଂ ଟ୍ୟାନିଂ ସମସ୍ୟାରୁ ମୁକ୍ତି ଦିଏ।

ଆଲୋଭେରା ଏବଂ ଗୋଲାପ ଜଳ: ଆପଣ ଆଲୋଭେରାକୁ ଗୋଲାପ ଜଳ ସହିତ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ। ଏକ ପାତ୍ରରେ ଗୋଟିଏ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ କିଛି ବୁନ୍ଦା ଗୋଲାପ ଜଳ ମିଶାଇ ଭଲ ଭାବରେ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପାଇଁ ଛାଡି ଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ।

ଆଲୋଭେରା ଏବଂ ଲେମ୍ବୁ: ଗ୍ରୀଷ୍ମ ଋତୁରେ ସତେଜ ଏବଂ ଚମକଦାର ତ୍ୱଚା ପାଇବା ପାଇଁ ଆପଣ ଆଲୋଭେରାରେ ଲେମ୍ବୁ ମିଶାଇ ଆପଣଙ୍କ ମୁହଁରେ ଲଗାଇପାରିବେ। ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଥାଏ, ଯାହା ଚର୍ମରୁ ଦାଗ ଦୂର କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଏହା ଚର୍ମର ରଙ୍ଗ ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରେ। ଏକ ପାତ୍ରରେ ୨ ଚାମଚ ତାଜା ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ ଗୋଟିଏ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ମିଶ୍ରଣକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ ପ୍ରାୟ ୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ମୁହଁରେ ଏକ ନ୍ୟାଚୁରାଲ୍ ଗ୍ଲୋ ଆଣିବ।

ଆଲୋଭେରା ଏବଂ କାକୁଡି: ଆପଣ ଗ୍ରୀଷ୍ମ ଋତୁରେ କାକୁଡି ସହିତ ଆଲୋଭେରା ମଧ୍ୟ ଲଗାଇପାରିବେ। କାକୁଡି ତ୍ୱଚାକୁ ଶୀତଳତା ଏବଂ ସତେଜତା ପ୍ରଦାନ କରେ। ଏହା ବ୍ୟତୀତ ଏହା ଟ୍ୟାନିଂ ଏବଂ ଦାଗ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ। ଏଥିପାଇଁ ଏକ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏଥିରେ ଗୋଟିଏ ଚାମଚ କାକୁଡି ରସ ମିଶାଇଦିଅନ୍ତୁ। ଏବେ ଏହାକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ପାଇଁ ଛାଡିଦିଅନ୍ତୁ। ପ୍ରାୟ ୧୫ ମିନିଟ୍ ପରେ, ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ଚର୍ମକୁ ନରମ ଏବଂ ଚମକଦାର କରିବ।




# ଲିଭର ସମସ୍ୟାରେ ପୀଡ଼ିତ କି ?

ଆଜିକାଲିର ଖରାପ ଜୀବନ ଶୈଳୀ ପାଇଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ କରିବାକୁ ପଡିଥାଏ। ଅନହେଲଦି ଖାଦ୍ୟ ପାଇଁ ଲୋକେ ବିଶେଷ କରି ଲିଭର ସମସ୍ୟାକୁ ସାମ୍ନା କରିଥାନ୍ତି। ଲିଭର ସମସ୍ୟା ଦିନକୁ ଦିନ ଦ୍ରୁତ ଗତିରେ ମାଡି ଚାଲିଛି। ବର୍ତ୍ତମାନ ଜେନେରେସନର ପିଲାମାନେ ଅଧିକାଂଶ ଅଏଲି ଫୁଡ୍ ନଚେତ୍ ଫାଷ୍ଟଫୁଡ୍ ଖାଇ ସେହକୁ ଅସୁସ୍ଥ ବନାଉଛନ୍ତି। ଖରାପ ଖାଦ୍ୟପେୟ ହିଁ ଲିଭର ସମସ୍ୟାର କାରଣ।

ଯୁଗର ପରିବର୍ତ୍ତନ ହେବା ପରେ ଶିକ୍ଷିତ ହୋଇ ମଧ୍ୟ ଏବେ ବି କିଛି ପିଲା ରହିଛନ୍ତି ଯେଉଁମାନେ ମଦ୍ୟପାନ କରୁଛନ୍ତି। ଯାହା ଲିଭର ସମସ୍ୟାର ଆଉ ଏକ ମୁଖ୍ୟ କାରଣ। ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି। ସବୁ ଜାଣିବା ପରେ ବି ସେମାନେ ମଦ୍ୟପାନକୁ ଛାଡିନଥାନ୍ତି। ଏହି କାରଣ ଯୋଗୁଁ ଲିଭର ସମସ୍ୟା ବଢ଼ିବାର ଆଶଙ୍କା କରାଯାଏ। ସୁସ୍ଥ ଜୀବନ ପାଇଁ ଏହି ସବୁଠାରୁ ଦୂରରେ ରହିବା ଆବଶ୍ୟକ। ଏହା ଛଡା ଖରାପ ଖାଦ୍ୟକୁ ମଧ୍ୟ ଏଡାଇବା ନିହାତି ଜରୁରୀ। ଯଦି ଲିଭର ସମସ୍ୟାଠାରୁ ଦୂରରେ ରହିବାକୁ ଚାହୁଁଛନ୍ତି ତେବେ ସପ୍ତାହରେ ଏହି ୪ଟି ଜିନିଷ ଆପଣଙ୍କୁ ସୁସ୍ଥ ରଖିପାରିବ। ତେଣୁ ସେହି ୪ଟି ଜିନିଷକୁ ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ। ତେବେ ଆସନ୍ତୁ ସେହି ୪ଟି ଜିନିଷ ସମ୍ପର୍କରେ ଜାଣିବା। ଖଜୁରୀ ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ। ଯାହାକୁ ଲିଭର ଜନିତ ସମସ୍ୟା ପାଇଁ ଭଲ ବୋଲି ବିବେଚନା କରାଯାଇଥାଏ। ଖଜୁରୀକୁ ଆଣ୍ଟିଅକ୍ସିଡାଣ୍ଟର ପାୱାରହାଉସ୍ ମଧ୍ୟ କୁହାଯାଏ। ଏଥିରେ ଅଖରୋଟ ମିଶାଇ ଖାଇବା ଦ୍ୱାରା ଏହା ଶରୀରକୁ ଦ୍ୱିଗୁଣିତ ଲାଭ ଦେଇଥାଏ। ଯାହା ଶରୀରକୁ ଓମେଗା-୩ ଫ୍ୟାଟି ଏସିଡ୍ ଯୋଗାଇବ। ଆପଣ ଏହି ଦୁଇଟି ଜିନିଷକୁ ଏକ ସ୍ନାକ୍ସ ଭାବରେ ମଧ୍ୟ ମିଶାଇ ଖାଇପାରିବେ। ଯାହା ଆପଣଙ୍କ ସୁସ୍ଥ ଲିଭର ଗଠନ କରିବାରେ ସାହାଯ୍ୟ କରିବ।

ମିଶ୍ରିତ ବାଦାମ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ବାଦାମ ଖାଇବା ଦ୍ୱାରା ଭିଟାମିନ୍ ଇ ଭରପୁର ମାତ୍ରାରେ ରହିଥାଏ। ଯାହା ଶରୀରକୁ ଆବଶ୍ୟକୀୟ ଭିଟାମିନ୍ ଏବଂ ଚର୍ବି ଯୋଗାଇଥାଏ। ଏହା ସୁସ୍ଥ ଲିଭର ପାଇଁ ଭଲ କାର୍ଯ୍ୟକାରୀ କରିଥାଏ। ଯଦି ଆପଣ ଏଥିରେ ଡାର୍କ ଚକୋଲେଟ୍ ମିଶାଇ ଖାଉଛନ୍ତି ତେବେ ଏହା ସୁସ୍ଥ ଉପହାର ସଦୃଶ ହୋଇଥାଏ।

ଏହା ବ୍ୟତୀତ ଏହି ତିନୋଟି ଜିନିଷ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟର ପାୱାରହାଉସ୍ ଭଳି ହୋଇଥାଏ। ଯେମିତିକି ସେଓକୁ ଗୁଣ୍ଡ କରି ମହୁ ସହିତ ମିଶାଇ ଖାଆନ୍ତୁ। ଏଥିରେ କିଛି ଡାଲଚିନି ମିଶାନ୍ତୁ। ଯାହା ସୁସ୍ଥ ଲିଭର ଗଠନ କରିବାରେ ସହାୟକ ହୋଇଥାଏ। ଏତିକି ନୁହେଁ ବରଂ ଦହି ମଧ୍ୟ ଲିଭର ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ମାତ୍ରାରେ ଥିବାରୁ ସକାଳ ଜଳଖିଆରେ ନିହାତି ଖାଇବା ଆବଶ୍ୟକ। ଯାହା ଖାଇବା ଦ୍ୱାରା ଲିଭର ସମସ୍ୟାଠାରୁ ମୁକ୍ତି ଦେଇଥାଏ।

# ଶରୀର ପାଇଁ 'ଜିରୋ ଅଏଲ୍'

ଆଜିକାଲି, ଫିଟ ଦେଖାଯିବା ଏବଂ ଶୀଘ୍ର ଓଜନ ହ୍ରାସ କରିବା ପାଇଁ ଅନେକ ଲୋକ ନିଜ ଖାଦ୍ୟରୁ ଘିଅ ଏବଂ ତେଲକୁ ସମ୍ପୂର୍ଣ୍ଣ ଭାବରେ ବାଦ ଦେଉଛନ୍ତି। ସାଧାରଣ ବିଶ୍ୱାସ ହେଉଛି ଯେ ସେମାନେ ଚର୍ବି ଛାଡିବା ମାତ୍ରେ ଓଜନ ହ୍ରାସ ଆରମ୍ଭ ହୋଇଯିବ, କିନ୍ତୁ ଏହା କ'ଣ ପ୍ରକୃତରେ ସ୍ୱାସ୍ଥ୍ୟ ପାଇଁ ଭଲ ? ପ୍ରକୃତରେ, ଚର୍ବି କେବଳ ସ୍ଥୂଳତାରେ ଯୋଗଦାନ କରେ ନାହିଁ ବରଂ ଶରୀରର ହରମୋନ ସନ୍ତୁଳନ, ରୋଗ ପ୍ରତିରୋଧକ ଶକ୍ତି ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ, 'ଜିରୋ ଅଏଲ' ଡାଏଟ ଗ୍ରହଣ କରିବା ପୂର୍ବରୁ ଏହାର ଅସୁବିଧାଗୁଡ଼ିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଦୀର୍ଘ ସମୟ ଧରି ସମ୍ପୂର୍ଣ୍ଣ ଚର୍ବିମୁକ୍ତ ଖାଦ୍ୟ ଗ୍ରହଣ କରୁ, ସେତେବେଳେ ଶରୀରରେ କିଛି ଆବଶ୍ୟକୀୟ ଭିଟାମିନର ଅଭାବ ଥାଏ। ଏଥିରେ ଭିଟାମିନ ଏ, ଡି, ଇ ଏବଂ 'କେ' ଅନ୍ତର୍ଭୁକ୍ତ, ଯାହା କେବଳ ଚର୍ବି ମାଧ୍ୟମରେ ଶରୀର ଦ୍ୱାରା ସଠିକ ଭାବରେ ଶୋଷିତ ହୁଏ।

ଏହି ଭିଟାମିନର ଅଭାବ ଦୃଷ୍ଟିଶକ୍ତି ଦୁର୍ବଳ, ଶୁଷ୍କ ଚର୍ମ, ଦୁର୍ବଳ ହାଡ଼ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ। ଏହା ବ୍ୟତୀତ, ସୁସ୍ଥ ଚର୍ବିରୁ ପ୍ରାପ୍ତ ଓମେଗା-3 ଏବଂ ଓମେଗା-6 ଫ୍ୟାଟି ଏସିଡ ମସ୍ତିଷ୍କ ଏବଂ ହରମୋନ ପାଇଁ ଅତ୍ୟାବଶ୍ୟକ। ଶରୀର ଏଗୁଡ଼ିକୁ ନିଜେ ଉତ୍ପାଦନ କରିପାରିବ ନାହିଁ, ତେଣୁ ଏଗୁଡ଼ିକୁ ଖାଦ୍ୟରୁ ପାଇବା ଆବଶ୍ୟକ। ଘିଅ କିମ୍ବା ତେଲ ବିନା ସମ୍ପୂର୍ଣ୍ଣ ଖାଦ୍ୟ ଦୀର୍ଘ ସମୟ ଧରି ଖାଇବା ଦ୍ୱାରା ଶରୀରର ପ୍ରାକୃତିକ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପାରେ। ହରମୋନଗୁଡ଼ିକ ଠିକ ଭାବରେ କାର୍ଯ୍ୟ କରିପାରେ ନାହିଁ, ଯାହା ଫଳରେ ମହିଳାମାନଙ୍କର ଅନିୟମିତ ମାସିକ ଋତୁସ୍ରାବ ହୋଇପାରେ। ଚର୍ବି ଅଭାବରୁ ଭୋକ ବଢ଼ିପାରେ, ମିଠା ପାଇଁ ଲାଳସା, ଥକ୍କାପଣ ଏବଂ ଦୁର୍ବଳତା ମଧ୍ୟ ହୋଇପାରେ। ଏହା ବ୍ୟତୀତ, ଧୀର ମେଟାବୋଲିଜିମ, ଶୁଷ୍କ ଚର୍ମ, କେଶ ଝଡ଼ିବା ଏବଂ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟା ମଧ୍ୟ ଦେଖାଯାଇପାରେ।



# ୪୦ ପରେ ସପ୍ଲିମେଣ୍ଟସ୍ ନିହାତି ଜରୁରୀ



୪୦ ବର୍ଷ ଅତିକ୍ରମ କରିବା ସହ ଶରୀରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ମେଟାବଲିଜିମ୍ ଧୀମା ହେବା ସହ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପଡିଥାଏ। ୪୦ ପରେ ଶରୀର ଏକ ନୂଆ ଇନିଂସ୍ ପାଇଁ ପ୍ରସ୍ତୁତ ହୋଇଥାଏ। ମହିଳାଙ୍କ କଥା କହିଲେ, ସେମାନେ କ୍ୟାରିଅର ଓ ପରିବାରକୁ ଗୁରୁତ୍ୱ ଦେବା ଭିତରେ ନିଜକୁ ପଛରେ ପକାଇ ଦେଇଥାନ୍ତି। ବୟସର ଏହି ପାହାଚରେ ପହଞ୍ଚିବା ପରେ ଅଚାନକ୍ ଥକ୍କାପଣ ଆସିବା ସହ ତ୍ୱଚା ଫିକା ପଡିବା ଆରମ୍ଭ କରିଥାଏ। ବାସ୍ତବରେ ଦେଖିବାକୁ ଗଲେ ୪୦ ପରେ ନିଜକୁ ନୂଆ ଢଙ୍ଗରେ ସଜାଇବା ଜରୁରି ହୋଇଥାଏ। ଡର୍ମାଟୋଲୋଜିଷ୍ଟଙ୍କ ମତରେ ଏହି ବୟସ ପରେ ୫ ସପ୍ଲିମେଣ୍ଟସ ନେବା ଜରୁରି, ଯାହା ଦ୍ୱାରା ଆପଣଙ୍କ ଭିତରେ ୨୫ ବର୍ଷ ବୟସ ପରି ଶକ୍ତି ଭରି ଦେଇଥାଏ।

ମ୍ୟାଗ୍ନେସିୟମ୍ ଗ୍ଲାଇସିନେଟ୍: ରାତିରେ ଶୋଇବା ପରିବର୍ତ୍ତେ କଡ଼ ଲେଉଟାଇବାରେ ବ୍ୟସ୍ତ ରହୁଛନ୍ତି। ୪୦ ବର୍ଷ ପରେ ପ୍ରାୟ ଲୋକ ନିଦ ସମସ୍ୟା ସହ ଲଢୁଥାନ୍ତି। ସେଥିପାଇଁ ମ୍ୟାଗ୍ନେସିୟମ୍ ଗ୍ଲାଇସିନେଟ୍ ଏକ ଭଲ ବିକଳ୍ପ। ଏହା ଶରୀର ଓ ମାଂସପେଶୀକୁ ରିଲାକ୍ସ କରିଥାଏ। ଫଳରେ ରାତିରେ ଗଭୀର ଓ ଶାନ୍ତିର ନିଦ ହୋଇଥାଏ।

ଓମେଗା-୩: ବିଶେଷଜ୍ଞଙ୍କ ମତରେ ଏହା ଅଲରାଉଣ୍ଡର ଭାବେ କାମ କରିଥାଏ। ଓମେଗା-୩ କେବଳ ହୃଦୟ ଓ ମସ୍ତିଷ୍କ ପାଇଁ କାମ କରି ନଥାଏ, ବରଂ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ। ଏହା ତ୍ୱଚାକୁ ଭିତରୁ ଆର୍ଦ୍ର ରଖିବା ସହ ବୟସର ଛାପକୁ କମ୍ କରିଥାଏ।

କ୍ୟାଲସିୟମ୍ ଓ ଭିଟାମିନ୍-ଡି: ଏହି ବୟସରେ ହାଡ଼କୁ ମଜଭୁତ ରଖିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ସେଥିପାଇଁ କ୍ୟାଲସିୟମ୍ ସାଙ୍ଗକୁ ଭିଟାମିନ୍‌ଡି' ସପ୍ଲିମେଣ୍ଟ ଜରୁରି। ଭିଟାମିନ୍-ଡି' ହାଡ଼କୁ ମଜଭୁତ କରିବା ସହ ଭବିଷ୍ୟତରେ ଗଣ୍ଠି ଯନ୍ତ୍ରଣା ସମସ୍ୟାକୁ କମ୍ କରିଥାଏ।

ଗ୍ଲୁଟାଥିୟୋନ ଓ ଭିଟାମିନ୍-ସି: ଗ୍ଲୁଟାଥିୟୋନ୍ ଓ ଭିଟାମିନ୍-ସି'ର ମିଶ୍ରଣ ୪୦ ବର୍ଷ ପରେ ଖୁବ୍ ଜରୁରି। ପ୍ରାୟ ଲୋକ ଏହାକୁ ତ୍ୱଚାର ଚମକ୍ ସହ ଯୋଡ଼ିଥାନ୍ତି। କିନ୍ତୁ ଏହା ସତ ନୁହେଁ। ଗ୍ଲୁଟାଥିୟୋନ୍ ଏକ ସୁପର ଆଣ୍ଟିଅକ୍ସିଡାଣ୍ଟ, ଯାହା ଶରୀରରେ ହେଉଥିବା ଚିନ୍ତା ଓ ପ୍ରଦୂଷଣଜନିତ କ୍ଷତିକୁ କମ୍ କରିଥାଏ। ଫଳରେ ଶରିର ସୁସ୍ଥ ଓ ସତେଜ ଦେଖାଯାଇଥାଏ।

ପ୍ଲାଣ୍ଟ୍ ପ୍ରୋଟିନ୍: ଶରୀରର ଶକ୍ତିକୁ ବଜାୟ ରଖିବା ପାଇଁ ପ୍ଲାଣ୍ଟ ପ୍ରୋଟିନ୍‌କୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ। ବୟସ ବଢ଼ିବା ସହ ମାଂସପେଶୀ ଦୁର୍ବଳ ହୋଇଚାଲେ। ପ୍ରୋଟିନ୍ ସପ୍ଲିମେଣ୍ଟ ଏହାକୁ ବଜାୟ ରଖବା ସହ ସାରାଦିନ ସତେଜ ଅନୁଭବ ଦେଇଥାଏ।

# ପାଦରୁ ଜାଣିପାରିବେ ରୋଗର ରହସ୍ୟ



ଆଖି, ମସ୍ତିଷ୍କ, କାନ, ଥାଇରଏଡ୍, ପେଟ,ଫୁସଫୁସ, ଅଗ୍ନାଶୟ, ହାଡ଼-ବୃକକ୍, ଅନ୍ତନଳୀ ସମସ୍ତ ତଳିପାଦ ସହିତ ସଂଯୁକ୍ତ। ଏହାର ଅର୍ଥ ହେଉଛି ତଳିପାଦରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ତଳିପାଦ ଦେଖି ରୋଗ ବିଷୟରେ ଅନୁମାନ କରାଯାଇ ପାରିବ। ପାଦ ତଳ ଅଂଶରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ପାଦ ତଳ ଅଂଶରେ ଏକ ଘନ ରବର ବ୍ୟାଣ୍ଡ ସହିତ ଏହା ଏକ ନମନୀୟ ଗଠନ। ଯାହା ଚାଲିବା କିମ୍ବା ଦୌଡ଼ିବା ସମୟରେ ଶରୀରର ଚାପ ବହନ କରିଥାଏ। ଚାପ ବୃଦ୍ଧି ପାଇଲେ କିମ୍ବା ଫୁଲିଗଲେ, ପାଦ ତଳ ଅଂଶରେ ପ୍ରବଳ ଯନ୍ତ୍ରଣା ଅନୁଭବ ହୁଏ।

ଅଧିକ ୟୁରିକ୍ ଏସିଡ୍, ମଧୁମେହ, ହାଇପୋଥାଇରଏଡ, ମେଦବହୁଳତା କିମ୍ବା ଯେକୌଣସି ପ୍ରକାରର ଫ୍ରାକ୍ଚର ଥିବା ଲୋକମାନେ ମଧ୍ୟ ଏହି ଯନ୍ତ୍ରଣାରେ ପୀଡିତ ହୁଅନ୍ତି। ଏହା ବ୍ୟତୀତ, କେତେକ ସମୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସମାନ ସ୍ଥିତିରେ ବସିବା କିମ୍ବା ଗୋଡ ଝୁଲାଇ ରଖିବା ମଧ୍ୟ ସେମାନଙ୍କୁ ମୂର୍ଚ୍ଛା କରିଦିଏ। ଏହା ସ୍ନାୟୁ ଦୁର୍ବଳତା ହେତୁ ହୋଇପାରେ। ଯାହା ଫଳରେ ଶରୀରର ଯେଉଁ ଅଂଶରେ ରକ୍ତ ଯୋଗାଣ କମିଯାଏ ତାହା ମୂର୍ଚ୍ଛା ହୋଇଯାଏ। କିନ୍ତୁ ଯଦି ଏହା ବାରମ୍ବାର ଘଟୁଛି, ତେବେ ଏହା ଶରୀରରେ ଆଇରନର ଅଭାବର ସଙ୍କେତ ମଧ୍ୟ ହୋଇପାରେ।

ଭାରତରେ ପ୍ରାୟ ୩୫ ପ୍ରତିଶତ ରୋଗରେ ପୀଡିତ। ଏଥିମଧ୍ୟରୁ ୧୦ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କର ହାଇପୋଥାଇରଏଡିଜମ୍ ଅଛି। ୩ ଜଣ ମଧୁମେହ ରୋଗୀଙ୍କ ମଧ୍ୟରୁ ଜଣଙ୍କର ଥାଇରଏଡ୍ ସମସ୍ୟା ଅଛି। ୨ ୩ ପ୍ରତିଶତ ଭାରତୀୟ ମେଦବହୁଳ ଏବଂ ୪୦ ପ୍ରତିଶତ ଲୋକଙ୍କ ପେଟରେ ଅଧିକ ଚର୍ବି ଜମା ହୋଇଛି। ଖରାପ ଜୀବନଶୈଳୀ ଯୋଗୁଁ ରକ୍ତଚାପ, ସୁଗାର, ଉଚ୍ଚ କୋଲେଷ୍ଟ୍ରଲ୍, ଥାଇରଏଡ୍, ଫୁସଫୁସ ସମସ୍ୟା, ନିଦ୍ରାହୀନତା, ଗଣ୍ଠି ଯନ୍ତ୍ରଣା ଏବଂ ଅଭାବ ଜନିତ ସମସ୍ୟା ସୃଷ୍ଟି କରୁଛି। ପ୍ରତିଦିନ ଯୋଗ ଅଭ୍ୟାସ କରିବା ଦ୍ୱାରା ରୋଗର ଆଶଙ୍କା ବହୁତ କମ୍ ହୋଇପାରେ। ଯୋଗ ଶକ୍ତି ବୃଦ୍ଧି କରିବ, ରକ୍ତଚାପ ନିୟନ୍ତ୍ରଣ କରିବ, ଓଜନ ନିୟନ୍ତ୍ରଣ କରିବ, ଶର୍କରା ନିୟନ୍ତ୍ରଣ କରିବ, ନିଦ ଉନ୍ନତ କରିବ ଏବଂ ମନୋଭାବ ଉନ୍ନତ କରିବ।

### ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ ଅଧିକାରୀ

# ଲଗାଣ ବର୍ଷାରେ ୩୫ ପରିବାର ବିଦ୍ୟୁତ୍ ପାଇଁ ଛଟପଟ ?




**କନ୍ଧମାଳ,୮।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ମାଲାକେରୀ ଗ୍ରାମର ୧୩ ନମ୍ବର ୱାର୍ଡ ରେ ୩୫ ରୁ ଉର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ହୋଇଥିଲା। କିନ୍ତୁ ତାହା ଦୀର୍ଘ ଏକ ମାସ ହେବ ଅଚଳ ଅବସ୍ଥାରେ ଟ୍ରାନ୍ସଫର୍ମର ପଡ଼ି ରହିଛି। ଯାହାକୁ ନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ଜଣେଇଥିଲେ ମଧ୍ୟ ଆଜି ସୁଦ୍ଧା ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ କର୍ଣ୍ଣପାତ ଦେଇନାହାନ୍ତି। ଯାହା ଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାତିରେ ଛାତ୍ର ଛାତ୍ରୀଙ୍କ ପାଇଁ ପାଠ ପଢ଼ାରେ ଅସୁବିଧା ହେଉଛି।ଆଜକୁ ପ୍ରାୟ ଏକ ମାସ ବିତିଯାଇଥିବା ଏହି ଅଚଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର କୌଣସି କାମରେ ଆସୁନଥିବାରୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଦାବି ଜଣାଇ ହତାଶ ହୋଇଥିବା ଅଭିଯୋଗ କରିଛନ୍ତି। ଗାଁ ଲୋକମାନଙ୍କ କହିବା ଅନୁସାରେ ଆମେ ମାଲାକେରୀ ଓ ଗଡ଼ୁମା ହୋଇ ୩୫ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରିଅଛୁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସିଦ୍ଧାନ୍ତ ସାହୁ, ଗଣେଶ୍ୱର ମଲ୍ଲିକ, ରଞ୍ଜନ କହଁର, ପନାରୀ କହଁର, ଦାଶରଥି କହଁର, ବିପ୍ର କହଁର, ଜୁମାରା ମଲ୍ଲିକ, ଉଦ୍ଧବ ମଲ୍ଲିକ ଦାବି କରିଛନ୍ତି। ଗାଁ ଲୋକ କହିବା ଅନୁଯାୟୀ ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏଥିପାଇଁ କୌଣସି ଅସୁବିଧା ହୁଏ ତେବେ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ବିଭାଗୀୟ ଅଧିକାରୀ। ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆ ଙ୍କୁ ପଚାରିବାରୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

### ୨୦ ବର୍ଷ ପରେ ବି ଅଧୁରା ଡ୍ୟାମ୍

# ଚାଷୀଙ୍କ କାମରେ ଲାଗୁନି ଚେକ୍ ଡ୍ୟାମ୍



**ରାୟଗଡ଼ା,୮।୭(ସଂଚାର ବ୍ୟୁରୋ):** ଚାଷୀଙ୍କ ସ୍ୱାର୍ଥ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କଲେ, ହେଲେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଦୁଇ ଦଶନ୍ଧି ପରେ ବି ଅଧୁରା ହୋଇ ପଡ଼ିରହିଛି ପ୍ରକଳ୍ପ । ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକର ଚେକ୍ ଡ୍ୟାମ୍ କଥା । ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ, ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶହଶହ ହେକ୍ଟର ଚାଷ ଜମି ଜମିକୁ ଜଳସେଚିତ କରିବା ପାଇଁ ଗୁଡ଼ାରୀ ବ୍ଲକର ଶିରିଗୁଡ଼ା ପଞ୍ଚାୟତରେ ଦୁଇ ଦଶନ୍ଧି ତଳେ ନିର୍ମାଣ କରାଗଲା ଚେକ୍ ଡ୍ୟାମ୍ । ଖାରିକୁଟି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେଲା ଲକ୍ଷଲକ୍ଷ ଟଙ୍କା। କିନ୍ତୁ ଜମିକୁ ପାଣି ପହଞ୍ଚିପାରିଲାନି । ଏବେ ବି ଅଣଜଳସେଚିତ ଅବସ୍ଥାରେ ରହିଛି ୨ ହଜାର ୮୩୭ ହେକ୍ଟର ଜମି। କାରଣ ୧୭.୧୫ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପରୁ କାର୍ଯ୍ୟକ୍ଷମ ହୋଇଛି ମାତ୍ର ୨.୪୬ କିମି। ଜମି ଅଧିଗ୍ରହଣ ପ୍ରକ୍ରିୟା ହୋଇପାରିନଥିବାରୁ ଆଗେଇପାରୁନି କେନାଲ ନିର୍ମାଣ। ସେପଟେ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବାରେ ଲାଗିଛି ଚେକ ଡ୍ୟାମ୍ । ଉଭୟ ପାଖରେ ଥିବା ଲୁହା ଗେଟ କଳଙ୍କି ଲାଗିଗଲାଣି । ପ୍ରଶାସନର ଉଦାସୀନତା ପ୍ରତିବାଦରେ ବ୍ଲକ ଘେରାଓଠାରୁ ଆରମ୍ଭ କରି ଆମରଣ ଅନଶନ ହୋଇଛି । ହେଲେ କେହି ଶୁଣୁନଥିବା ଚାଷୀ ନେତା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଗୁଡ଼ାରୀ ତହସିଲ ସହ ସମନ୍ୱୟ ରଖାଯାଇ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଥିବା ସମସ୍ୟା ଦୂର କରିବା ପ୍ରୟାସ ଜାରି ରହିଥିବା କହିଛନ୍ତି ଗୁଣପୁର କ୍ଷୁଦ୍ର ଜଳସେଚନ ଉପ-ବିଭାଜନର ଯନ୍ତ୍ରୀ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଶିରିଗୁଡ଼ା, ଅସଡ଼ା, କଦମା ଓ ଏମ୍‌କେରାଇ ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ। ତେଣୁ ପ୍ରଶାସନ ତୁରନ୍ତ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି ।

## ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ



**ଥୁଆମୂଳ ରାମପୁର,୮।୭(ସଂଚାର ବ୍ୟୁରୋ):** ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ଏବଂ ତାଲୁକ ଆଇନ ସେବା ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୭ତମ ବନ ମହୋତ୍ସବ ସପ୍ତାହ-୨୦୨୬ ଉଦଯାପିତ ହୋଇଯାଇଛି। ଗତ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପୀ ହରିତ ଅଭିଯାନ ସୋମବାର ଦିନ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ ସହ ଶେଷ ହୋଇଛି । ଦକ୍ଷିଣ ବନାଞ୍ଚଳ ରେଞ୍ଜର ତ୍ରିନାଥ ସେଠୀ ଏବଂ ଡେପୁଟି ରେଞ୍ଜର ସୈରିନ୍ଦ୍ରୀ ବାଗ୍‌ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଆୟୋଜିତ ଏହି ଉଦଯାପନୀ ସମାରୋହରେ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ତଥା ତାଲୁକ ଆଇନ ସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ଡ଼ଃ ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରା ରୋପଣ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରମାନଙ୍କୁ 'ବୃକ୍ଷ ହିଁ ଜୀବନ' ବୋଲି କହି ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଚଳିତ ବର୍ଷ ଏହି ବନ ମହୋତ୍ସବ ଅନ୍ତର୍ଗତ ବ୍ଲକର ୫ଟି ପ୍ରମୁଖ ସ୍ଥାନ— କୁମୁଡ଼ାବାହାଲ ଗ୍ରାମବିକାଶ ଶିକ୍ଷା ନିକେତନ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଦର୍ଶନୀୟ ସ୍ଥାନ 'ହେଲୋ ପଏଣ୍ଟ', ଶୁଣ୍ଠିଯୁବା ପ୍ରାଥମିକ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାୟ ୨୦୦ଟି ସୁନ୍ଦର ଚାରା ରୋପଣ କରାଯାଇଛି। ଏଥିରେ ଚମ୍ପା, କାଜୁ, ଆମ୍ବ, ଅଁଳା, କାଞ୍ଚନ ଓ ଶିଶୁ ଆଦି ପ୍ରଜାତିର ବୃକ୍ଷ ସାମିଲ ରହିଛି।

## କନ୍ଧ ସମାଜ ପ୍ରସ୍ତୁତି ବୈଠକ

**ବଲାଙ୍ଗିର,୮।୭(ସଂଚାର ବ୍ୟୁରୋ):** ବୁଧବାର ଦିନ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ପାତାଳପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ କନ୍ଧ ସମାଜ ର ବରିଷ୍ଟ ନେତା ସଂକୀର୍ତ୍ତନ ଶିକା ଙ୍କ ସଭାପତିତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଗାମୀ ଜୁଲାଇ ୧୨ ତାରିଖ ରେ ମୁରିବାହାଲ କଲ୍ୟାଣ ମଣ୍ଡପ ଠାରେ କନ୍ଧ ସମାଜ ବଲାଙ୍ଗୀର ଓଡ଼ିଶା ର ବୈଠକ ସୁଚାରୁ ରୂପେ ସମ୍ପାଦନା କରିବା ସକାଶେ ଆଲୋଚନା ହୋଇଥିଲା। କନ୍ଧ ସମାଜ ର ବରିଷ୍ଟ କାର୍ଯ୍ୟକର୍ତ୍ତା ଯୋଗ ଦେବା ସହିତ ଆଗାମୀ ଦିନ ରେ ସଂଗଠନିକ ସ୍ଥିତି ସୁଦୃଢ଼ କରିବା ନେଇ ଆଲୋଚନା ହୋଇ ଥିଲା। ଏହି ବୈଠକ ରେ ତୁଳସୀ ରାମ ଭୋଇ, ଦୃଷି ମଣି ପ୍ରଧାନୀ, ରମେଶ ଭୋଇ, କପିଳାସ ଭୋଇ, ଗୋପାଳ ସିଂ ଭୋଇ, ମଧୁ ଯାନୀ, ପ୍ରଦୀପ ମାଝୀ, ଅଭି ପୂଝରୀ, ରାଜୁ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତଦୁଇ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



**ବେତନଟୀ,୮।୭(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କୃଷ୍ଣଚନ୍ଦ୍ରପୁର ଯୁକ୍ତଦୁଇ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଦ୍ମାବତୀ ବେହେରା ବନାଞ୍ଚଳ ଅଧିକାରୀ - ସମ୍ମାନୀତ ଅତିଥି ସନ୍ତୋଷ କୁମାର ନାଏକ ବନାଞ୍ଚଳ ଅଧିକାରୀ ମୁଖ୍ୟବକ୍ତା ଭାବେ ଭାରତ ଚନ୍ଦ୍ର ସି ଯୋଗଦେବା ସହିତ ଏହି ଉତ୍ସବ କାର୍ଯ୍ୟକ୍ରମର ବରିଷ୍ଠ ଅଧ୍ୟାପକ ଶେଖାଓ୍ୱତ ଅଲ୍ଲୀ ଇଂରାଜୀ ବିଭାଗ ସଂଯୋଜନା କରିଥିଲେ। ମଞ୍ଚାସୀନ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଅଜିତ କୁମାର ବେହେରା ସଞ୍ଜୟ କୁମାର ଦାସ, ଭବେନ୍ଦ୍ର କୁମାର ଦେ, ଶ୍ରୀକାନ୍ତ ଦାସ ପ୍ରମୁଖ ବୃକ୍ଷରୋପଣ କିପରି ମଣିଷ ଓ ପ୍ରାଣୀ ଜଗତ ପାଇଁ ସୃଷ୍ଟିର ସ୍ଥିତି ବଜାୟ ରଖିବା ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯେଉଁମାନେ କି ଆଗାମୀ ଭବିଷ୍ୟତ ବଂଶଧର ସେମାନେ ସଚେତନ ହେବା ଜରୁରୀ ବୋଲି ବକ୍ତବ୍ୟରେ ସତର୍କ କରାଇ ଦେଇଥିଲେ। ଏକ ପେଡ ମା କେ ଲିୟେ ପ୍ରତ୍ୟେକ ନାଗରିକ ରୋପଣ କରିବା ଏବଂ ତାହାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସ୍ତମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ବକ୍ତାମାନେ କହିଥିଲେ। ଏହି ବୃକ୍ଷରୋପଣ ଓ ବନମହୋତ୍ସବ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସର ମଧ୍ୟରେ . ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯିବା ସହିତ ସକ୍ରିୟ ଭାବେ ସହଯୋଗ କରିଥିବା କର୍ମଚାରୀ ମାନଙ୍କ ମଧ୍ୟରେ ଯାମିନୀକାନ୍ତ ଗିରି, ଅଭୟ କୁମାର ସେନାପତି, ଗଜେନ୍ଦ୍ର ପ୍ରସାଦ ବେହେରା, ମନୋହର ବେହେରା, ତପତି ତପସ୍ୱିନୀ ଆଚାର୍ଯ୍ୟ, ଭବାନି ଶଙ୍କର ମହାନ୍ତ, ବିଷ୍ଣୁ ନାରାୟଣ ଜେନା, ବସନ୍ତ ବାରିକ, ଉମାକାନ୍ତ ବେହେରା ପ୍ରମୁଖଙ୍କୁ ଅଧ୍ୟକ୍ଷା କୃତଜ୍ଞତା ଜ୍ଞାପନ କରିଥିଲେ।

## ଦଶ ଦଫା ଦାବିପତ୍ର ନେଇ ଗର୍ଜିଲେ ଆଦିବାସୀ

**ବଲାଙ୍ଗିର,୮।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା, , ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘର ମହାସଚିବ ନିରଞ୍ଜନ ବିଶିଙ୍କ ଆହ୍ୱାନକ୍ରମେ ଆଜି ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ଟିଟିଲାଗଡ଼ଶାଖା ସଭାପତି ପଦ୍ମନ ପ୍ରଧାନୀ ଙ୍କ ନେତୃତ୍ୱରେ ଆଦିବାସୀମେଳି ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆଦିବାସୀମାନେ ମା ଘଣ୍ଟାଶୁନି ମନ୍ଦିରଠାରେ ପୂଜାର୍ଚ୍ଚନା କରି ପାରମ୍ପରିକ ଡକାବାଦ୍ୟ ଓ ଅସ୍ତ୍ରଶସ୍ତ୍ରଧରି ନଗର ପରିକ୍ରମା କରି ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟଗେଟରେ ଧସେଇ ପଶିଥିଲେ। ସରକାର ଆଦିବାସୀଙ୍କ ପ୍ରତି ବୈମାତୃଭାବରଖି ଅନ୍ୟାୟ କରୁଛନ୍ତି ବୋଲି ଆଦିବାସୀନେତା ମାନେ ବକ୍ତବ୍ୟ ରଖିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କୁ ଦଶଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବଲାଙ୍ଗୀରଜିଲ୍ଲା କାର୍ଯ୍ୟକାରୀ ସଭାପତି ବନଲତା ମାଝୀ, ଏବଂ ବଲାଙ୍ଗୀର ଜିଲ୍ଲା ପ୍ରତ୍ୟେକ ବ୍ଲକର ସଭାପତି ଓ ସହସହ ଆଦିବାସୀମହିଳା ପୁରୁଷମାନେ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠନ



**ଲାଞ୍ଜିଗଡ଼,୮।୭(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ବସନ୍ତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ, ସିଆରସିସି ଜଳନ୍ଧର ମାଝୀ, ଶିକ୍ଷକ ରାଧାମାଧବ ରଥ, ମନୋଜ କୁମାର ମହାକୁଡ଼, ହିରଣ୍ୟ କୁମ୍ଭାର, ଡମ୍ବରୁଧର ସାହୁ, ଦୁର୍ଗା ମାଧବ ମହାକୁଡ଼, ଦୁର୍ଯ୍ୟୋଧନ ନାଏକ, ପ୍ରଭାତୀ ମଲ୍ଲିକ, ସୋନାଲି ବେହେରା, ନଳିନୀ ମୁଣ୍ଡଛିନା ପ୍ରମୁଖ ନୂତନ କମିଟି ଗଠନ ବୈଠକରେ ଉପସ୍ଥିତ ରହିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ପୁରୁଣା କମିଟି ଭଙ୍ଗ କରାଯାଇଥିଲା।ଅଭିଭାବକ ମାନଙ୍କ ମଧ୍ୟରୁ ପ୍ରଥମେ ୧୫ ଜଣଙ୍କୁ ପରିଚାଳନା କମିଟି ଭାବେ ଚୟନ କରାଯାଇଥିଲା।ତାପରେ ସେହି ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ସଭାପତି ଓ ଉପସଭାପତି ଭାବେ ଚୟନ କରାଯାଇଥିଲା।ଏହି ପରିପେକ୍ଷୀରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ଚାରୁଚନ୍ଦ୍ର ନାଗ ଓ ଉପସଭାନେତ୍ରୀ ଭାବେ ଶାନ୍ତିଲତା ପ୍ରଧାନୀ ସର୍ବ ସମ୍ମତି କ୍ରମେ ୨ ବର୍ଷ ପାଇଁ ମନୋନୀତ ହୋଇଥିଲେ। କମିଟି ସଦସ୍ୟ ଭାବେ ୫ ଜଣକୁ ଚୟନ କରାଯାଇଥିବା ବେଳେ କମିଟି ସଚିବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନା, ବିଦ୍ୟାଳୟ ଶିକ୍ଷକ ପ୍ରତିନିଧି ମନୋଜ କୁମାର ମହାକୁଡ଼, ୱାର୍ଡ ମେମ୍ବର ଚନ୍ଦ୍ର ନାଏକ, ସଦସ୍ୟା ଭାବେ ଅଙ୍ଗନବାଡ଼ି କର୍ମୀ ନୃପତି ଭୋଇ, ଆଶାକର୍ମୀ ସରସ୍ୱତୀ ଦଳେଇ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

## ମୃତକଙ୍କ ପରିବାରକୁ ଭେଟିଲା ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି

**ବଲାଙ୍ଗିର,୮।୭(ସଂଚାର ବ୍ୟୁରୋ):** ଗତ ୫ ତାରିଖରେ ହୋଇଥିବା ଲଗାଣ ବର୍ଷାରେ ପଥର୍ଲା ପଞ୍ଚାୟତର ଲୁହରେନପାଲି ଗ୍ରାମର ମୃତ ଗଣ୍ଡାରାମ କୁମ୍ଭାରଙ୍କ ପରିବାର କୁ ଭେଟି ଆର୍ଥିକ ସହାୟତା ଏବଂ ସମବେଦନା ଜ୍ଞାପନ କରିଛି ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି। ପ୍ରକାଶ ଥାଉ କି ଗତ ୫ ତାରିଖ ବର୍ଷାରେ ଗଣ୍ଡାରାମ କୁମ୍ଭାର (୭୬) ଙ୍କ କାନ୍ଥ ପଡ଼ି ମୃତ୍ୟୁ ହୋଇଛି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କୁମ୍ଭାର (୭୦) ଅଳ୍ପକେ ବଞ୍ଚି ଯାଇଛନ୍ତି। ମୃତକ ପରିବାରକୁ ଆର୍ଥିକ ସହାୟତା ରେଡକ୍ରସ ପାଣ୍ଠିରୁ ଏବଂ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବା ପାଇଁ ବ୍ଲକ କଂଗ୍ରେସ କମିଟି ଦାବି କରିଛି। ବ୍ଲକ କଂଗ୍ରେସ ତରଫରୁ ସଭାପତି ନରେଶ ବାଗ, ବରିଷ୍ଠ କଂଗ୍ରେସ ସଦସ୍ୟ ବଜରଙ୍ଗୀ ଅମାତ, ଗୋକୁଳ କୁଅଁର ଏବଂ ସ୍ୱେଚ୍ଛାସେବୀ ସରୋଜ କୁମାର ମେଶ୍ରା ମୃତକଙ୍କ ପରିବାର କୁ ଭେଟି ସମବେଦନା ଜ୍ଞାପନ କରିଥିଲେ।

## ପରିବେଶ ସୁରକ୍ଷାର ଶପଥ ସହ ବନ ମହୋତ୍ସବ

**ବଲାଙ୍ଗିର,୮।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ମିନି ଷ୍ଟାଡିୟମ ଠାରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱୋଶ୍ରୀ ଭୋଇ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦ୍ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ବୃକ୍ଷ ହିଁ ଜୀବନ ର ଆଧାର ବୋଲି କହିବା ସହ ବୃକ୍ଷ କେବଳ ପରିବେଶ ର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ ମାନବ ଜୀବନର ଅସ୍ତିତ୍ୱ ପାଇଁ ଅମୂଲ୍ୟ ସମ୍ପଦ।ପ୍ରତ୍ୟେକ ଛାତ୍ରୀ ଅନ୍ତତଃ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ।ନିମନ୍ତ୍ରୀତ ଅତିଥି ଭାବେ ଟିଟିଲାଗଡ଼ ଡିଏଭି କଲେଜ ର ପୂର୍ବତନ ଅଧ୍ୟକ୍ଷ ଶିବ ବେହେରା ନିଜ ବକ୍ତବ୍ୟରେ ପ୍ରକୃତି ଓ ମାନବ ପରସ୍ପର ପରିପୂରକ ବୋଲି କହିଓ୍ୱା ସହ ବନ ସମ୍ପଦର ସୁରକ୍ଷା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ହିଁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ବୈଶ୍ୱିକ ଉତ୍ତାପ ଭଳି ସମସ୍ୟା ର ଦୀର୍ଘସ୍ଥାୟୀ ସମାଧାନ ବୋଲି କହିଥିଲେ।

## ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବିଡିଓଙ୍କୁ ସ୍ମାରକପତ୍ର



**ବୈଶିଙ୍ଗା,୮।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ଗୃହନିର୍ମାଣରେ ଚାଲିଥିବା ଅଚଳାବସ୍ଥାକୁ ନେଇ ବୁଧବାର କିଛି ଲୋକ ଆନ୍ଦୋଳନାତ୍ମକ ପଦକ୍ଷେପ ସ୍ୱରୂପ ଏକ ଶୋଭାଯାତ୍ରାରେ ବୈଶିଙ୍ଗା ବଜାର ଅଞ୍ଚଳ ପରିକ୍ରମା କରିବା ସହ ଦାବି ପୂରଣ ପାଇଁ ନାରାବାଜି କରିଥିଲେ। ସୂଚନାଯୋଗ୍ୟ ଯେ ମଙ୍ଗଳବାର ମଧ୍ୟ ଏକ ପଟୁଆରରେ ମହିଳା ପୁରୁଷ ବୈଶିଙ୍ଗା ବଜାର ଠାରୁ ବାହାରି ଦୀର୍ଘ ୭ କିଲୋମିଟର ରାସ୍ତା ଅତିକ୍ରମ କରି କଳମା ସ୍ଥିତ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ତିନି ଘଣ୍ଟା ଧରି ବିଧାୟକଙ୍କୁ ଦେଖାକରି କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ଗୃହନିର୍ମାଣରେ ଲାଗି ରହିଥିବା ଅଚଳାବସ୍ଥା ଏବଂ ନୂତନ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ପାଇଁ ବସିରହିଥିଲେ। ତେବେ ବିଧାୟକଙ୍କ ସାକ୍ଷାତ ନମିଳିବାରୁ ଅସନ୍ତୋଷ ପ୍ରକାଶ କରି ନାନାଦି ସ୍ଲୋଗାନ ଦେଇ ଫେରି ଆସିଥିଲେ। ସେହି କ୍ରମରେ ବୁଧବାର ମଧ୍ୟ ଶତ୍ରୁଘ୍ନ ସିଂ ଙ୍କ ନେତୃତ୍ୱରେ ଆଉ କିଛି ଲୋକ ହାତରେ ପ୍ଲାକାର୍ଡ ଧରି ବେତନଟୀ ବିଡିଓ ଙ୍କ ନିକଟକୁ ବାହାରି ଯାଇଥିଲେ। ୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦୁଆ ଗ୍ରାମ ପଞ୍ଚାୟତ ବୈଶିଙ୍ଗା ଗ୍ରାମ ପଞ୍ଚାୟତରୁ ବିଭାଜିତ ହୋଇଛି।

## ଦେଶୀ ମଦ ଭାଟି ଉପରେ ଚଢ଼ାଉ: ୩୨୦ ଲିଟର ମଦ ଜବତ, ଜଣେ ଗିରଫ

**ଝାରସୁଗୁଡା, ୮।୭(ସଂଚାର ବ୍ୟୁରୋ):** ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ବେଆଇନ ମଦ କାରବାର ବିରୋଧରେ ଝାରସୁଗୁଡା ପୁଲିସର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି କ୍ରମରେ ଲାଇକେରା ଥାନା ପୁଲିସ ବୁଧବାର ବରହାମୁଣ୍ଡା ଗ୍ରାମରେ ଚଢ଼ାଉ କରି ୩୨୦ ଲିଟର ବେଆଇନ ଚୋଲେଇ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ବରହାମୁଣ୍ଡା ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଲାଇକେରା ଥାନା ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୬ଟି ବଡ଼ ପ୍ଲାଷ୍ଟିକ ପାତ୍ର ଓ ଗୋଟିଏ ସ୍ୱଚ୍ଛ ପଲିଥିନ ପାତ୍ରରେ ରଖାଯାଇଥିବା ମୋଟ ୩୨୦ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ୩ଟି ଆଲୁମିନିୟମ ଡେକଚି ଓ ଗୋଟିଏ ପ୍ଲାଷ୍ଟିକ ପାଇପ ମଧ୍ୟ ଜବତ କରାଯାଇଛି। ଚଢ଼ାଉ ବେଳେ ବେଆଇନ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚକୁ ନଷ୍ଟ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ତିନି ମାସ ଭିତରେ ଫାଟିଗଲା ମୁଖ୍ୟମନ୍ତ୍ରୀ ସଡ଼କ

**ବଲାଙ୍ଗିର,୮।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଜାତୀୟ ରାଜପଥ ୨୧୭ ରୁ ଗୋଇମୁଣ୍ଡ ଗ୍ରାମ କୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ତିନି ମାସ ଭିତରେ ଦବି ଯାଇଛି। ପ୍ରାୟ ୫.୨୨ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଅଳ୍ପ କିଛି ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ରାସ୍ତା ଦବି ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ କାମ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୌ!ଣସି ପଦକ୍ଷେପ ନିଆଯାଇନଥିଲା। କାର୍ଯ୍ୟ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନିୟମିତ ତଦାରଖ କରିନଥିବା ମଧ୍ୟ ଅଭିଯୋଗ ହୋଇଛି। ରାସ୍ତାରେ ନିର୍ମିତ ପୋଲ ନିକଟରେ ଗାର୍ଡ ୱା!ଲ୍ ନିର୍ମାଣ କରାଯାଇଥିଲେ ରାସ୍ତା ଏପରି କ୍ଷତିଗ୍ରସ୍ତ ହୋଇନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ଘଟଣା ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲା ମଧ୍ୟ ତାଙ୍କ ମତାମତ ମିଳିପାରି ନାହିଁ। ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୨୦ ଘଣ୍ଟାର ପରେ ମିଳିଲା ଯୁବକର ମୃତଦେହ

**ବୈଶିଙ୍ଗା, ୮।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରେ ଜଳକ୍ରୀଡ଼ା ସହ ସେଲଫି ନେବା ବେଳେ ଯୁବକ ନିଖୋଜ ହେବା ଘଟଣା। ଦୀର୍ଘ ୨୦ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର ହେଲା ଯୁବକଙ୍କ ମୃତଦେହ। ଗତକାଲି ଯୁବକ ଜଣଙ୍କ ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ତଳେ ଗାଧୋଇବା ବେଳେ ଭାସି ଯାଇଥିଲେ। ଆଜି ତାଙ୍କର ମୃତଦେହ ଭାସିଯାଇଥିବା ସ୍ଥାନରୁ ଏକ କିଲୋମିଟର ଦୂରରେ ଥିବା ପାଟଲିପୁରା ବାଲି ଖାଦାନ ନିକଟରୁ ମିଳିଛି। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲାର ପାଞ୍ଚ ଜଣ ଯୁବକ ମୟୂରଭଞ୍ଜ ଜିଲ୍ଲାର



ବୈଶିଙ୍ଗା ଅଞ୍ଚଳର ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ତଳେ ଗାଧୋଉଥିଲେ। ଏତିକି ବେଳେ ଜଣେ ଯୁବକ ଭାସି ଯାଇଥିଲେ। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା କଅଁରାକୁଳର ଆକାଶ କୁମାର ଜେନା। ସେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି। ଆଜି ତାଙ୍କ ମୃତଦେହ ଉଦ୍ଧାର ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଗତକାଲି ଠାରୁ ଖୋଜାଖୋଜି ଚଳାଇଥିବା ବେଳେ ଆଜି ବେତନଟୀ ଅଗ୍ନିଶମ ବାହିନୀ ମୃତଦେହ ଠାବ କରିଛି। ନାଖରା ପୋଲରେ ଲୋକଙ୍କ ଭିଡ଼ ଜମିଛି। ପୁଲିସ ଏହି ଘଟଣାରେ ୩୨/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଇଥିବା ଜଣାଯାଇଛି।

# ଗ୍ରାମ ପଞ୍ଚାୟତରେ ମନରେଗା ଦୁର୍ନୀତି ଅଭିଯୋଗ



**କର୍ଲାମୁଣ୍ଡା, ୮।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ମନରେଗା ଦୁର୍ନୀତି ନେଇ ବିଭିନ୍ନ ସମୟରେ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। ବ୍ଲକର ବୋରପଦର ଗ୍ରାମ ପଞ୍ଚାୟତରେ ଡିସେମ୍ବର ୨୦୨୫ ରୁ ଚଳିତ ମାସ ୬ ତାରିଖ ମଧ୍ୟରେ ମନରେଗା ଯୋଜନାରେ ୧୭ ଟି ବିଭିନ୍ନ ପ୍ରକଳ୍ପ ଗୁଡିକରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି। ପ୍ରକଳ୍ପ ଗୁଡିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । କନିଷ୍ଠ ଯନ୍ତ୍ରୀ ବିଲ୍ ନକରି ମନରେଗା ଦାୟିତ୍ୱରେ ଥିବା ଅଧିକାରୀମାନେ ଅନଲାଇନ୍ ପେମେଣ୍ଟ୍ ପାଇଁ ( ଏଫ୍ ଟି ଓ) ଫଣ୍ଡ ଟ୍ରାନ୍ସଫର ଅର୍ଡର( ଏଣ୍ଟ୍ରି) କରିଥିବା ନେଇ ବୋରପଦର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଧବ ସାହୁ ଓ ଭଟାପଲା ଗ୍ରାମର ଲୋକମାନେ ଜିଲାପାଳ କଳାହାଣ୍ଡି, ଦୁର୍ନୀତି ନିବାରଣ ୱିଭାଗ ଏସପି, ଡିଏସପି ଭବାନୀପାଟଣାଙ୍କୁ ସାକ୍ଷାତ୍ କରିବା ସହ ଉଚିତ ତଦନ୍ତ କରାଯିବାକୁ ଦାବି କରି ଲିଖିତ ଭାବେ ଅଭିଯୋଗ ଜଣାଇଥିବା ପୂର୍ବତନ ସରପଞ୍ଚ ମାଧବ ସାହୁ କହିଛନ୍ତି। ଆମେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିବା ପରେ ମନରେଗା ସାଇଟରୁ ଏଫ୍ ଟି ଓ ହୋଇଥିବା ବିଭିନ୍ନ ପ୍ରକଳ୍ପର ପେମେଣ୍ଟ ବୀବରଣୀକୁ ବ୍ଲକ ପ୍ରଶାସନ କିଭଳି ଓ କେଉଁ କାରଣରୁ ଡିଲିଟ କରିଦେଲେ ବୋଲି ପ୍ରଶ୍ନ କରିଛନ୍ତି । ଏନେଇ କନିଷ୍ଠ ଯନ୍ତ୍ରୀ ବିନୟ ପ୍ରସାଦ ସାହୁଙ୍କୁ ପଚାରିବାରୁ ମୁଁ ଅଭିଯୋଗ ହୋଇଥିବା ନିର୍ଦ୍ଦିଷ୍ଟ କିଛି ପ୍ରକଳ୍ପ ଗୁଡିକର ମ୍ୟାଟେରିଆଲ ବିଲ୍ କରି ନାହିଁ, ତେବେ କିଭଳି ଏମିତି ହେଉଛି ମୁଁ ବୁଝିପାରୁନାହିଁ ବୋଲି କହିଛନ୍ତି।

# ବିଷାକ୍ତ ସାପ କାମୁଡ଼ିବାରୁ ଛାତ୍ର ଗୁରୁତର, କଟକ ସ୍ଥାନାନ୍ତର

**ବୈଶିଙ୍ଗା, ୮।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମର ୧୮ନଂ ଜାତୀୟ ରାଜପଥ ଠାର ଅନତୀ ଦୂରରେ ଥିବା ଗଡ଼ଦେଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲା ଖେଳୁଥିବା ସମୟରେ ବିଷାକ୍ତ ସାପ କାମୁଡ଼ିବାରୁ ବିଦ୍ୟାଳୟର ଅନ୍ତେବାସୀ ତଥା ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁତର ଭାବେ କଟକ ସ୍ଥାନାନ୍ତର। ବିଦ୍ୟାଳୟ ଘେରିଲେ ଅଭିଭାବକ ଏବଂ ଗ୍ରାମବାସୀ। ପ୍ରାପ୍ତ ସୂଚନା ମୁତାବକ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୪୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨୫ ଜଣ ଛାତ୍ର ବିଦ୍ୟାଳୟରେ ଥିବା ପ୍ରାଥମିକ ଛାତ୍ରାବାସରେ ରହୁଛନ୍ତି।ମଙ୍ଗଳବାର ଦିନ ଦ୍ୱିପ୍ରହର ସମୟରେ ସମସ୍ତ ପିଲା ମଧ୍ୟାହ୍ନ ଭୋଜନ ଖାଇ ପଢ଼ିଆରେ ଖେଳୁଥିବା ସମୟରେ ସପନ ସୋରେନ ନାମକ ପଞ୍ଚମ ଶ୍ରେଣୀ ଛାତ୍ରକୁ ଏକ ବିଷାକ୍ତ କାମୁଡ଼ି ଥିଲା। କିଛି ସମୟ ମଧ୍ୟରେ ସେ ଅସୁସ୍ଥ ଅନୁଭବ କରିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣ ଭୂୟାଁ ଙ୍କୁ ଜଣାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଭୂୟାଁ ସଙ୍ଗେ ସଙ୍ଗେ ଆହତ ସପନକୁ ପ୍ରଥମେ ବୈଶିଙ୍ଗା ପରେ ପରେ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ଆଜି ବୁଧବାର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ସୂଚନା ମିଳିଛି। ଏହି ଘଟଣାକୁ ନେଇ ବୁଧବାର ପୂର୍ବାହ୍ନ ସମୟରେ ଶତାଧିକ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ପରିସରକୁ ଆସି ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଏବଂ ତାଙ୍କ କାର୍ଯ୍ୟକୁ ବିରୋଧ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀଙ୍କ ଅସାବଧାନତା କାରଣରୁ ଏହି କୋମଳମତି ଶିଶୁ ମାନଙ୍କର ଜୀବନ ବିପଦରେ ପଡୁଥିବା ନେଇ ଅଭିଯୋଗ କରିଥିଲେ। ଏହା ସହ ବିଦ୍ୟାଳୟ ଚାଲୁଥିବା ସମୟରେ କିପରି ପିଲାମାନେ ବାହାରେ ବୁଲୁଛନ୍ତି, ନିମ୍ନମାନର ଖାଦ୍ୟ ପ୍ରଦାନ ହେଉଛି ବୋଲି ଅଭିଯୋଗ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଆଜି ବିଦ୍ୟାଳୟରେ ଅନୁପସ୍ଥିତ ଥିବା କୁ ନେଇ ସମସ୍ତେ ଆହୁରି ବିରକ୍ତି ଭାବ ପ୍ରକାଶ କରିବା ସହ ଅନ୍ୟ କର୍ମଚାରୀଙ୍କ ଉପରେ ବିରକ୍ତିଭାବ ପ୍ରକାଶ କରିଥିଲେ ଓ ଖବର ପାଇ ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ବେତନଟୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଦନ ସିଂ, ବେତନଟୀ ଅତିରିକ୍ତ ତହସିଲଦାର ପିକେ ହିତାଂଶୁ, ସିଆରସିସି ପ୍ରଦୀପ କୁମାର ପରିଡ଼ା, ସରପଞ୍ଚ ବବିତା ସିଂ ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ଏବଂ ଗ୍ରାମବାସୀ ମାନଙ୍କର ଅଭିଯୋଗର ସ୍ଥିତି ସମୀକ୍ଷା କରିଥିଲେ।

